READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବଳଭଦ୍ରଙ୍କ ରଥର କୋଣଗୁଜରେ ଚିତ୍ର ଆଙ୍କୁଛନ୍ତି ଚିତ୍ରକର

ବର୍ଷ-୨ ସଂଖ୍ୟା-୨୬ ୦୯ - ୧୫ ଜୁଲାଇ, ୨୦୧୮ ଭୁବନେଶ୍ୱର Monday Weekly VOL-2 ISSUE-26 09th - 15th JULY, 2018 BHUBANESWAR ₹ 5/- (8 Pages)

### ସୁପ୍ରିମ୍‌କୋର୍ଟରେ ଶ୍ରୀମନ୍ଦିର ମାମଲା

## ସେବାୟତଙ୍କ ପାଇଁ ଡ୍ରେସ୍‌କୋଡ ପ୍ରସ୍ତାବ



**ନୂଆଦିଲ୍ଲୀ :** ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ପୂର୍ବ ଭଳି ସେବକ ଓ ସେବାୟତ ମାନଙ୍କ ଦ୍ୱାରା ଦାନ ଦକ୍ଷିଣା ଆଦାୟ କରାଯିବା ନେଇ ପୁରୀ ଜିଲ୍ଲା ଦୌରା ଜଜ୍‌ଙ୍କ ରିପୋର୍ଟ ପରେ ପୂର୍ବ ନିର୍ଦ୍ଦେଶକୁ କଡାକଡି ଭାବେ ପାଳନ କରିବାକୁ ଦୋହରାଇଛନ୍ତି ସୁପ୍ରିମ୍‌କୋର୍ଟ। ହିନ୍ଦୁମାନଙ୍କ ବ୍ୟତୀତ ଅନ୍ୟ ଧର୍ମର ଲୋକମାନେ ଶ୍ରୀମନ୍ଦିରରେ ପ୍ରବେଶ କରିବା ନେଇ ଶ୍ରୀମନ୍ଦିର ପରିଚାଳନା କମିଟି ବିଚାର କରନ୍ତୁ ବୋଲି ପ୍ରସ୍ତାବ ଦେଇଛନ୍ତି ସୁପ୍ରିମକୋର୍ଟ। କେଉଁ ପରିସ୍ଥିତିରେ ଅଣହିନ୍ଦୁମାନେ ମନ୍ଦିର ପ୍ରବେଶ କରିପାରିବେ ଏବଂ ସେଥିନେଇ କି କି କଟକଣା ରହିଛି ସେ ସଂପର୍କରେ ସୁପ୍ରିମକୋର୍ଟ ଆମିକସ୍ କ୍ୟୁରୀ ଗୋପାଳ ସୁବ୍ରମଣ୍ୟମଙ୍କଠାରୁ ରିପୋର୍ଟ ମାଗିଛନ୍ତି। କଟକ ବାସିନ୍ଦା ମୃଣାଳିନୀ ପାଢ଼ୀଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ଅବସରରେ କୋର୍ଟ ଏହି ପ୍ରସ୍ତାବ ଦେଇଛନ୍ତି। ଆବେଦନକାରୀଙ୍କ ଓକିଲ ଶୁଭ୍ରାଂଶୁ ପାଢ଼ୀ ଏ ସଂପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେହିରି ପୁରୀ ଶ୍ରୀମନ୍ଦିର ପରିଚାଳନାରେ ଅବ୍ୟବସ୍ଥା ନେଇ ପୁରୀ ଜିଲ୍ଲା ଜଜ୍ ଦାଖଲ କରିଥିବା ରିପୋର୍ଟ ଓ ସେ ସଂପର୍କିତ ସୁପାରିସ୍ ଆଦିକୁ ସଂସ୍କୃତି ମନ୍ତ୍ରଣାଳୟ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ୱେବସାଇଟରେ ଅପଲୋଡ୍ କରିବା ପାଇଁ ମଧ୍ୟ ➤ ପୃ-୬

### ବିଚାରପତିଙ୍କୁ କାର୍ଯ୍ୟ ଆବଣ୍ଟନ ମାମଲା

## 'ପ୍ରଧାନ ବିଚାରପତିଙ୍କ ନିଷ୍ପତ୍ତି ହିଁ ଚୂଡାନ୍ତ'



**ନୂଆଦିଲ୍ଲୀ :** ଭାରତର ପ୍ରଧାନ ବିଚାରପତି (ସିଜେଆଇ) ମାଷ୍ଟର୍ ଅଫ୍ ରୋଷ୍ଟର୍ ଏବଂ କେଉଁ ବେଞ୍ଚରେ କେଉଁ ମାମଲାର ବିଚାର ହେବ, ତାହା ସ୍ଥିର କରିବା କ୍ଷମତା କେବଳ ତାଙ୍କର ରହିଛି ବୋଲି ସ୍ପଷ୍ଟ କରିଛନ୍ତି ସୁପ୍ରିମ୍‌କୋର୍ଟ। ଜଷ୍ଟିସ୍ ଏକେ ସିକ୍ରି ଓ ଅଶୋକ ଭୂଷଣଙ୍କୁ ନେଇ ଗଠିତ ଖଣ୍ଡପୀଠ ପୃଥକ ରାୟ ଦେଇ କହିଛନ୍ତି, ବିଚାରପତିମାନଙ୍କ ମଧ୍ୟରେ ସିଜେଆଇଙ୍କ ସ୍ଥାନ ପ୍ରଥମ ଏବଂ ତାଙ୍କୁ କୋର୍ଟ ପ୍ରଶାସନର ନେତୃତ୍ୱ ନିର୍ବାହ କରିବାକୁ କ୍ଷମତା ଦିଆଯାଇଛି। ମାମଲା ବିଚାର କରିବା ପାଇଁ ଦାୟିତ୍ୱ ନ୍ୟସ୍ତ କରିବା ମଧ୍ୟ ତାଙ୍କର ଅଧିକାରଭୁକ୍ତ। ସର୍ବୋଚ୍ଚ ଅଦାଲତରେ ସିଜେଆଇଙ୍କ ଦ୍ୱାରା ମାମଲା ଆବଣ୍ଟନ ସମ୍ପର୍କିତ ପ୍ରଚଳିତ ରୋଷ୍ଟର୍ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ୍ କରି ପୂର୍ବତନ ଆଇନମନ୍ତ୍ରୀ ଶାନ୍ତିଭୂଷଣଙ୍କ ଆବେଦନ ଉପରେ ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ଏଥିପୂର୍ବରୁ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଓ ୩ ଜଣିଆ ଖଣ୍ଡପୀଠ ମଧ୍ୟ ସିଜେଆଇ ମାଷ୍ଟର୍ ଅଫ୍ ରୋଷ୍ଟର୍ ବୋଲି ସ୍ପଷ୍ଟ କରିଥିଲେ। ଏହି ରାୟରେ ଜଷ୍ଟିସ୍ ସିକ୍ରି କହିଛନ୍ତି, 'ସିଜେଆଇଙ୍କ ଭୂମିକା ସମ୍ପର୍କରେ ବିଚାର କଲେ ସେ ହିଁ ପ୍ରକୃତରେ ମାଷ୍ଟର୍ ଅଫ୍ ରୋଷ୍ଟର୍। ଏଥିନେଇ କୌଣସି ବିବାଦର ପ୍ରଶ୍ନ ଉଠୁନାହିଁ। ସେ ହିଁ କେବଳ କେଉଁ ଖଣ୍ଡପୀଠରେ କେଉଁ ମାମଲାର ବିଚାର ହେବ, ତାହା ସ୍ଥିର କରିବେ।' ଜଷ୍ଟିସ୍ ସିକ୍ରିଙ୍କ ସହ ଏକମତ ହୋଇଛନ୍ତି ଜଷ୍ଟିସ୍ ଭୂଷଣ। ସେ କହିଛନ୍ତି, 'କେଉଁ ଖଣ୍ଡପୀଠରେ କେଉଁ ମାମଲାର ଶୁଣାଣି ହେବ, ତାହା ସିଜେଆଇଙ୍କ ଇଚ୍ଛାଧୀନ ବିଷୟ। ଏ ପ୍ରସଙ୍ଗରେ ସୁପ୍ରିମକୋର୍ଟର ଏକ ମହାନ୍ ପରମ୍ପରା ରହିଆସିଛି, ଯାହା ସମୟାନୁକ୍ରମେ ପରୀକ୍ଷିତ ହୋଇଆସିଛି। ଏହାର ବ୍ୟତିକ୍ରମ ନ ହେବା ଉଚିତ ଜଷ୍ଟିସ୍ ସିକ୍ରି କହିଛନ୍ତି, ୫ ଜଣ ବରିଷ୍ଠ ବିଚାରପତିଙ୍କୁ ନେଇ ଏକ ➤ ପୃ-୬

## କୃଷିଋଣ ଛାଡ଼ ହେବ !

**ଭୁବନେଶ୍ୱର :** ରାଜ୍ୟରେ କୃଷିଋଣ ଛାଡ଼ ନେଇ ବିଚାର ଚାଲିଛି। ଏନେଇ ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ କହିଛନ୍ତି। ଏହି ପ୍ରସଙ୍ଗରେ କଥାବାର୍ତ୍ତା ଚାଲିଛି। ଚାଷୀଙ୍କ ପାଇଁ ଯାହା ଭଲ ହେବେ ସେ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀ ଗ୍ରହଣ କରିବେ ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ପୂର୍ବରୁ ଏଥର ଭଲ ବର୍ଷା ହେବ ବୋଲି ପାଣିାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ହୋଇଥିବା ବୃଷ୍ଟିପାତର ଆକଳନ ଅନୁସାରେ ଏହା ନିଅଣ୍ଟିଆ ହୋଇଛି। ତେଣୁ ଆଗକୁ ଯଦି ଭଲ ବର୍ଷା ନହେଲା ତା'ହେଲେ ଖରିଫ୍ ଚାଷ ପ୍ରଭାବିତ ହେବ। ଏହି କଥାକୁ ଲକ୍ଷ୍ୟରେ ରଖି ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ସ୍ୱଳ୍ପ ପାଣିରେ ଅମଳ ହେଉଥିବା ଧାନ ବିହନ ରାଜ୍ୟ ସରକାର ଚାଷୀଙ୍କୁ ଯୋଗାଇ ଦେବେ। ଏହା ଗଚ୍ଛିତ ରଖାଯାଇଛି। ଉକ୍ତ ବିହନରେ ୯୦ ଦିନ ମଧ୍ୟରେ ଧାନ ଅମଳ କରାଯାଇ ପାରିବ ବୋଲି ସେ କହିଛନ୍ତି। ନିକଟରେ କର୍ଣ୍ଣାଟକ ସରକାର କୃଷିଋଣ ଛାଡ଼ କରିବା ପରେ ଓଡ଼ିଶାରେ ମଧ୍ୟ ଏଭଳି କରିବାକୁ ଦାବି ଜୋରଧରିଛି। କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିବା ପରେ ଏନେଇ ବୋନସ୍ ଦେବାକୁ ମଧ୍ୟ ରାଜ୍ୟ ସରକାରଙ୍କ ଉପରେ ଚାପ ପଡୁଛି।

## ବିଜେପି ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ

**କଟକ :** ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗକୁ ନେଇ ବିଜେପି ହାଇକୋର୍ଟର ଦ୍ୱାରସ୍ଥ ହୋଇଛି। ଘଟଣାର ସିବିଆଇ ତଦନ୍ତ ପାଇଁ ବିଜେପିର ରାଜ୍ୟ ଉପସଭାପତି ସମୀର ମହାନ୍ତି ଓଡ଼ିଶା ହାଇକୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି। ଏହି ଘଟଣାକୁ ନେଇ ବିଜେପି ପକ୍ଷରୁ ସାରା ରାଜ୍ୟରେ ଜନ

### ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ

ଜାଗରଣ ସମାବେଶ ଆୟୋଜନ କରାଯାଇଥିଲା। ଏପରିକି ରାଜ୍ୟର ବିଭିନ୍ନ ଥାନାରେ ମଧ୍ୟ ଅଭିଯୋଗ କରାଯାଇଥିଲା। ଅଭିଯୋଗ ସତ୍ତ୍ୱେ ମଧ୍ୟ ମାମଲା ରୁଜୁ ନ ହେବା କି କାର୍ଯ୍ୟାନୁଷ୍ଠାନ ହେଲାନାହିଁ। ଏଥିରୁ ଏହା ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ରତ୍ନ ଭଣ୍ଡାର ଚାବି ହଜିବା ଘଟଣାରେ ଅନେକଙ୍କ ସମ୍ପୃକ୍ତି ରହିଛି। ଏଣୁ ଏହି ଘଟଣାର ସିବିଆଇ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିବ ବୋଲି ରୁଜୁ ହୋଇଥିବା ମାମଲାରେ ଦର୍ଶାଯାଇଛି। ସୂଚନାଥାଉ କି, ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ଜଗନ୍ନାଥ ମନ୍ଦିରର ରତ୍ନ ଭଣ୍ଡାର ଚାବି ହଜିବା ଘଟଣାକୁ ନେଇ ବିଭିନ୍ନ ରାଜନୈତିକ ଦଳ, ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବିରୋଧାଭାସ ଜାରି ରହିଥିବାବେଳେ ବିଜେପି ପକ୍ଷରୁ ସାରା ରାଜ୍ୟରେ ମଧ୍ୟ ଜନ ଜାଗରଣ ସମାବେଶର ଆୟୋଜନ କରାଯାଇଥିଲା। ଏ ସମ୍ପର୍କରେ ୬୧୪ଟି ଥାନାରେ ମଧ୍ୟ ଏତଲା ଦିଆଯାଇଥିଲା। ଏଭଳି ସ୍ପର୍ଶକାତର ଘଟଣାକୁ ନେଇ ରାଜ୍ୟ ସରକାର ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ରଘୁବୀର ଦାସଙ୍କୁ ତଦନ୍ତ କମିଶନ ଭାବେ ନିଯୁକ୍ତି ଦେବା ସହିତ ତିନି ମାସ ମଧ୍ୟରେ ରିପୋର୍ଟ ଦେବାକୁ କହିଛନ୍ତି। ନିକଟରେ ଜଷ୍ଟିସ୍ ଦାସ କାର୍ଯ୍ୟରେ ଯୋଗ ଦେଇ ଘଟଣା ସମ୍ପର୍କରେ ➤ ପୃ-୬

## ସମସ୍ତଙ୍କ ସହଯୋଗ ଲୋଡିଲେ ମୁଖ୍ୟମନ୍ତ୍ରୀ



**ପୁରୀ :** ରଥଯାତ୍ରା ପ୍ରସ୍ତୁତିର ଚୂଡ଼ାନ୍ତ ସମୀକ୍ଷା ବୈଠକ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରଥଯାତ୍ରା ପାଇଁ ବିଭିନ୍ନ ବିଭାଗର ପ୍ରସ୍ତୁତି କାର୍ଯ୍ୟ ସମ୍ପର୍କରେ ସବିସ୍ତୃତ ସମୀକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବୈଠକରେ ପ୍ରାରମ୍ଭିକ ସୂଚନା ଦେଇ ୨୦୧୮ ରଥଯାତ୍ରା ସମନ୍ୱୟ ବୈଠକକୁ ସମସ୍ତଙ୍କୁ ସ୍ୱାଗତ

### ରଥଯାତ୍ରା ପ୍ରସ୍ତୁତିର ଚୂଡାନ୍ତ ସମୀକ୍ଷା ବୈଠକ

ଜଣାଇଥିଲେ। ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ରଥଯାତ୍ରାରେ ଦେଶ ବିଦେଶର ଭକ୍ତମାନେ ଭାଗନେବେ। ଠିକ୍‌ରୂପେ ରଥଯାତ୍ରା ପରିଚାଳନା ପାଇଁ ରାଜ୍ୟ ସରକାର ସମସ୍ତ ପଦକ୍ଷେପ ନେଇଛନ୍ତି। ସେବାୟତମାନଙ୍କର ରଥଯାତ୍ରା ସମୟରେ ସମସ୍ତଙ୍କଠାରୁ ବଡ଼ ଭୂମିକା ରହିଛି। ସମସ୍ତଙ୍କ ସହଯୋଗରେ ରଥଯାତ୍ରା ଶେଷ ହେବା ପାଇଁ ସେ ଆଶାପୋଷଣ କରିଥିଲେ। ବୈଠକ ସଞ୍ଚାଳନ କରିଥିଲେ ଜିଲ୍ଲାପାଳ ଅରବିନ୍ଦ ଅଗ୍ରୱାଲ। ବିଭିନ୍ନ ବିଭାଗର ଅଧିକାରୀମାନେ ସେମାନଙ୍କ ବିଭାଗର କାର୍ଯ୍ୟ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ପୂର୍ବାହ୍ନ ୧୧ଟାରେ ବୈଠକ ➤ ପୃ-୬

## ନୱାଜଙ୍କୁ ୧୦ବର୍ଷ ଜେଲ୍ ଦଣ୍ଡ



**ଇସଲାମବାଦ :** ପାକିସ୍ତାନର ବିତାଡ଼ିତ ପ୍ରଧାନମନ୍ତ୍ରୀ ନୱାଜ ସରିଫ୍‌ଙ୍କୁ ଦୁର୍ନୀତି ମାମଲାରେ ଏକ ଅଦାଲତ ୧୦ ବର୍ଷ ଜେଲ୍ ଦଣ୍ଡ ଶୁଣାଇଛନ୍ତି। ତାଙ୍କର କନ୍ୟା ମରିୟମ୍‌ଙ୍କୁ ଏହି ମାମଲାରେ ୭ ବର୍ଷ ଜେଲ୍ ଦଣ୍ଡ ହୋଇଛି। ହାଇ ପ୍ରୋଫାଇଲ୍ ପାନାମା ପେପର୍ସର ପ୍ରଥମ ଦୁର୍ନୀତି ମାମଲାରେ ପାକିସ୍ତାନର ଆକାଉଣ୍ଟିବିଲିଟି କୋର୍ଟ ଏହି ଦଣ୍ଡାଦେଶ କରିଛନ୍ତି। ପାକିସ୍ତାନରେ ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ କୋର୍ଟଙ୍କ ଫୈସଲା ସରିଫ୍ ପରିବାରକୁ ଶକ୍ତ ଝଟ୍‌କା ଲାଗିଛି। ଲଣ୍ଡନର ଆଭେନ୍‌ଫିଲ୍ଡ ହାଉସ୍‌ରେ ନୱାଜ ସରିଫ୍ ୪ଟି ଫ୍ଲାଟ୍ ବେଆଇନ ଭାବେ କିଣିବା ମାମଲାରେ ଆକାଉଣ୍ଟିବିଲିଟି କୋର୍ଟ ବିଚାରପତି ମହମ୍ମଦ ବସିର୍ ୪ ଥର ରାୟ ପ୍ରଦାନ ସ୍ଥଗିତ ରଖିଥିଲା ବେଳେ ରୁଦ୍ଧଦ୍ୱାର ମଧ୍ୟରେ ରାୟ ଶୁଣାଇଥିଲେ। ସରିଫ୍ ଓ ତାଙ୍କ କନ୍ୟା ମରିୟମ୍‌ଙ୍କୁ ଜେଲ୍ ଦଣ୍ଡ ଶୁଣାଇବା ସହ ଜ୍ୱାଇଁ କ୍ୟାପ୍‌ଟେନ୍ (ଅବସରପ୍ରାପ୍ତ) ସଫ୍‌ଦର୍‌ଙ୍କୁ ମଧ୍ୟ ୧ ବର୍ଷ ଜେଲ୍ ଦଣ୍ଡାଦେଶ କରିଛନ୍ତି। ସରିଫ୍‌ଙ୍କୁ ୮ ନିୟୁତ ପାଉଣ୍ଡ୍ (୧୦ ନିୟୁତ ଡଲାର) ଜୋରିମାନା କରାଯାଇଥିଲା ବେଳେ ମରିୟମ୍‌ଙ୍କୁ ୨ ନିୟୁତ ପାଉଣ୍ଡ୍ (୨.୬ ନିୟୁତ ଡଲାର) ଜୋରିମାନା ହୋଇଛି। କୋର୍ଟ ୧୦୦ ପୃଷ୍ଠାର ରାୟରେ ଏହି ଦଣ୍ଡବିଧାନ କରିଛନ୍ତି। ରାୟ ପ୍ରଦାନ ସମୟରେ ଇସ୍‌ଲାମାବାଦସ୍ଥିତ ➤ ପୃ-୬

### ବକ୍ରବାଣୀ



ଦିଅଁଠୁ ଭକତ ଏଠି ସବୁତ ଅସଲି
ଭଣ୍ଡାର ଚାବିଟା ଯାହା ମିଳଇ ନକଲି
ରାଜାଠୁ ପରଜା ସବୁ କରନ୍ତି ଗୁହାରୀ
ଆଖିରୁ ଟୋପାଏ ଲୁହ ଗଡୁନି କାହାରି
ରାତିରେ ନୋହିଲା ବ୍ରହ୍ମ ଅଦଳ ବଦଳ
ମନ୍ଦିର ବେଢ଼ାରେ କଲେ ସଭିଁଏ କନ୍ଦଳ
ରାତିରେ କଥାକୁ ସବୁ ଘୋଡାଇ ରଖିଲେ
ଦିନ ଦ୍ୱି'ପ୍ରହରେ ଯାଇ ବ୍ରହ୍ମକୁ ସ୍ଥାପିଲେ
ରାତିରେ କାମକୁ ସେବେ ଦିନରେ ସାଇଲେ
ଭଣ୍ଡାର ଚାବିଟା ଏବେ ରାତିରେ ପାଇଲେ।

—— ଟୁଟୁ






## କେମିତି କଟିବ ଏ ସପ୍ତାହ

**ମେଷ** - କୋର୍ଟ କଚେରି ମାମଲାରେ ଛନ୍ଦି ହୋଇଯିବେ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳତା ପାଇବେ। କର୍ମକ୍ଷେତ୍ରରେ ଅସନ୍ତୋଷ ଲାଗି ରହିବ। ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ବ୍ୟବସାୟରୁ ପ୍ରଚୁର ଲାଭପାଇବେ।

**ବୃଷ** - ରାଜନୀତିରେ ଆପଣଙ୍କ ଆଧିପତ୍ୟ ବଢ଼ିବ। ଧର୍ମାନୁଷ୍ଠାନରେ ଯୋଗ ଦେବାର ସମୟ ଆସିବ। ଆର୍ଥିକ ସ୍ଥିତି ପୂର୍ବ ଅପେକ୍ଷା ଆହୁରି ଭଲ ହେବ। ଜମି କାରବାରରେ ଆପଣଙ୍କୁ ସଫଳତା ମିଳିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଦ୍ୱାରା ଦ୍ୱନ୍ଦ୍ୱ ଉପୁଜିପାରେ।

**ମିଥୁନ** - ଭାଗ୍ୟ ଆପଣଙ୍କ ସାଥ ଦେଇପାରେ। ବିଦ୍ୟାର୍ଥୀମାନେ ପରୀକ୍ଷାରେ ଉପକୃତ ହେବେ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିପାରେ। ଗୃହ ଉପକରଣ କିଣିବା ପାଇଁ ଶୁଭସମୟ। ରାଜନୀତିରେ ନେତୃତ୍ୱ ବଜାୟ ରଖିପାରନ୍ତି।

**କର୍କଟ** - ସାମାଜିକ କାର୍ଯ୍ୟରେ ଗୁରୁଦାୟିତ୍ୱ ନିର୍ବାହ କରିବେ। ନୂତନ କମ୍ପାନୀରେ ଚାକିରିର ପ୍ରସ୍ତାବ ମିଳିବ। ଉଚ୍ଚ ଅଧିକାରୀଙ୍କ ସହଯୋଗ ମିଳିବ। ସନ୍ତାନଙ୍କୁ ନେଇ ଖୁସି ଅନୁଭବ କରିବେ।

**ସିଂହ** - ଦାମ୍ପତ୍ୟ ଜୀବନରେ କଳହ ଉପୁଜିପାରେ। ସାମାଜିକ କର୍ମରେ ସମୟ ବିତିବ। ଆର୍ଥିକ ଅବସ୍ଥା ବଦଳିବ। ବନ୍ଧୁଙ୍କଠାରୁ ସାହାଯ୍ୟ ମିଳିପାରେ। ରାଜନୀତିରେ ନେତୃତ୍ୱ ବଜାୟ ରଖିବେ।

**କନ୍ୟା** - ନୂତନ କର୍ମକ୍ଷେତ୍ରରେ ଯୋଗ ଦେଇ ଉଚ୍ଚ ପ୍ରଶଂସିତ ହେବେ। ଛାତ୍ରଛାତ୍ରୀଙ୍କୁ କୌଣସି ମିତ୍ରଙ୍କ ସାହାଯ୍ୟ ମିଳିପାରେ। ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଲାଭରୁ ବଞ୍ଚିତ ରହିବେ।

**ତୁଳା** - ନୂତନ ଜମି କ୍ରୟ କରିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ମିଳିବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। କଳା ଓ ସଂସ୍କୃତି କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ପାରନ୍ତି।

**ବିଛା** - ଗୃହରେ ଛୋଟ ପିଲାଙ୍କୁ ନେଇ ଚିନ୍ତିତ ରହିବେ। ଧର୍ମାନୁଷ୍ଠାନରେ ଯୋଗ ଦେବାର ସମୟ ଆସିବ। ବିଦ୍ୟାର୍ଥୀମାନେ ସଫଳତା ଅର୍ଜନ କରିବେ। ଆଶା କରିଥିବା କର୍ମରେ ସଫଳତା ପାଇପାରନ୍ତି।

**ଧନୁ** - କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ନୂତନ କର୍ମରେ ଯୋଗ ଦେବାର ସୂଚନା ମିଳିବ। ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ବିବାହ ଆଶାୟୀମାନେ ଶୁଭ ସମ୍ବାଦ ପାଇବେ। ବ୍ୟବସାୟରେ ଲାଭବାନ୍ ହେବେ।

**ମକର** - ଗୃହରେ ଆର୍ଥିକ ଅବସ୍ଥା ଧୀରେ ଧୀରେ ସୁଧୁରିବ। ଚାକିରିରେ ନିଯୁକ୍ତି ପାଇବାର ସମୟ ଆସିବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଛାତ୍ରଛାତ୍ରୀମାନେ ସଫଳତା ପାଇବେ। ବ୍ୟବସାୟୀମାନେ କ୍ଷତି ସହିବେ।

**କୁମ୍ଭ** - ନୂତନ ଜମି କିମ୍ବା ଗୃହ କ୍ରୟ କରି ଚିନ୍ତିତ ରହିବେ। କୋର୍ଟକଚେରିରେ ଜଡିତ ହେବେ। ଯାନ କ୍ରୟ କରି ଅସୁବିଧା ଭୋଗିବେ। ବ୍ୟବସାୟୀମାନେ ବନ୍ଧୁଙ୍କ ସହଯୋଗରେ ଲାଭବାନ୍ ହେବେ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ।

**ମୀନ** - ଧର୍ମାନୁଷ୍ଠାନରେ ସମୟ ଅତିବାହିତ କରିବେ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ବିଫଳ ହେବେ। ପାରିବାରିକ ବିବାଦରୁ ମୁକ୍ତି ମିଳିବ। କଳାକାରମାନେ ପ୍ରଶଂସିତ ହେବେ। ରାଜନୈତିକ କ୍ଷେତ୍ରରେ ଅସଫଳ ହେବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ଆଉ ମନଇଚ୍ଛା ଡିଜିପି ନିଯୁକ୍ତି ନୁହେଁ : ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ :** ଦେଶରେ ପୁଲିସ ବ୍ୟବସ୍ଥାରେ ସଂସ୍କାର ନେଇ ସୁପ୍ରିମକୋର୍ଟ ସବୁ ରାଜ୍ୟକୁ କେତେକ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପୋଲିସ ଅଧିକାରୀଙ୍କୁ ଅସ୍ଥାୟୀ ମହାନିର୍ଦ୍ଦେଶକ (ଡିଜିପି) ଭାବେ ନିଯୁକ୍ତି ନ ଦେବା ଲାଗି ସର୍ବୋଚ୍ଚ ଅଦାଲତ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ କହିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ର, ବିଚାରପତି ଏଏମ୍ ଖାନ୍‌ୱିଲକର ଓ ଡିୱାଇ ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶନାମାରେ କହିଛନ୍ତି, ରାଜ୍ୟ ସରକାର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) କିମ୍ବା ପୋଲିସ କମିଶନର୍ ପଦବୀ ପାଇଁ କେତେକ ବରିଷ୍ଠ ପୋଲିସ ଅଧିକାରୀଙ୍କ ନାମ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି)କୁ ପଠାଇବାକୁ ହେବ। ୟୁପିଏସ୍‌ସି ଏହି ନାମ ତାଲିକାରୁ ୩ ଜଣଙ୍କ ନାମ ବାଛିବେ। ସେମାନଙ୍କ ମଧ୍ୟରୁ ରାଜ୍ୟ ସରକାର ନିଜର ପସନ୍ଦ ମୁତାବକ ଜଣେ ପୁଲିସ ଅଧିକାରୀଙ୍କୁ ଡିଜିପି ବା ପୋଲିସ କମିଶନର୍ ଭାବେ ନିଯୁକ୍ତି ଦେଇ ପାରିବେ। ଖଣ୍ଡପୀଠ ଆହୁରି କହିଛନ୍ତି, ଯାହାଙ୍କୁ ଡିଜି ଭାବେ ନିଯୁକ୍ତି ଦିଆଯିବ, ତାଙ୍କର ଯଥେଷ୍ଟ କାର୍ଯ୍ୟକାଳ ରହିଥିବା ଦରକାର। ପୋଲିସ ଅଧିକାରୀ ନିଯୁକ୍ତି କ୍ଷେତ୍ରରେ ଅନ୍ୟ କୌଣସି ଆଇନ ବା ରାଜ୍ୟ ଆଇନ କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି ଖଣ୍ଡପୀଠ ଏହି ରୁଲିଂରେ ସ୍ପଷ୍ଟ କରିଦେଇଛନ୍ତି। ତେବେ ଯେଉଁ ରାଜ୍ୟଗୁଡ଼ିକ ପୋଲିସ ନିଯୁକ୍ତି ନେଇ ଆଇନ ପ୍ରଣୟନ କରିଛନ୍ତି, ସେମାନେ ଚାହିଁଲେ ଆଇନରେ ସଂଶୋଧନ ପାଇଁ ସୁପ୍ରିମକୋର୍ଟକୁ ଆସିପାରିବେ। ପୋଲିସ ସଂସ୍କାର ସମ୍ପର୍କିତ ପ୍ରକାଶ ସିଂହ ମାମଲାରେ କୋର୍ଟ ଦେଇଥିବା ରାୟର ସଂଶୋଧନ ପାଇଁ କେନ୍ଦ୍ର ପକ୍ଷରୁ ଆବେଦନ ଉପରେ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ୨୦୦୬ରେ ସୁପ୍ରିମକୋର୍ଟ ପୋଲିସ ସଂସ୍କାର ନେଇ ଐତିହାସିକ ରାୟ ଦେଇଥିଲେ। ଡିଜିପି ଓ ଏସ୍‌ପିଙ୍କ କାର୍ଯ୍ୟକାଳ ୨ ବର୍ଷ କରିବାକୁ ସୁପାରିସ୍ କରାଯାଇଥିଲା। କିନ୍ତୁ କୋର୍ଟଙ୍କ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯାଇ ନଥିବାରୁ ବିଜେପି



ନେତା ଅଶ୍ୱିନୀ କୁମାର ଉପାଧ୍ୟାୟ ଏ ସମ୍ପର୍କରେ କୋର୍ଟ ଅବମାନନା ନେଇ ପିଟିସନ୍ ଦାଖଲ କରି ତୁରନ୍ତ ଶୁଣାଣି ପାଇଁ ଦାବି କରିଥିଲେ। ସେ ପୂର୍ବତନ ଆଟର୍ଣ୍ଣି ଜେନେରାଲ ସୋଲି ସୋରାବ୍‌ଜୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ମଡେଲ ପୋଲିସ ବିଲ୍, ୨୦୦୬ କାର୍ଯ୍ୟକାରୀ କରାଯିବାକୁ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୁପ୍ରିମକୋର୍ଟ ୨ ଜଣ ପୂର୍ବତନ ଡିଜି ପ୍ରକାଶ ସିଂହ ଓ ଏନ୍‌କେ ସିଂହଙ୍କ ଦ୍ୱାରା ୨୦୦୬ରେ ଆଗତ ଜନସ୍ୱାର୍ଥ ମାମଲାର ଫୈସଲା କରି କେତେକ ନିର୍ଦ୍ଦେଶନାମା ଜାରି କରିଥିଲେ। ପୋଲିସ ଉପରେ ଅଯଥା ଚାପ ନ ପକାଇବା ଉଦ୍ଦେଶ୍ୟରେ ରାଜ୍ୟ ସୁରକ୍ଷା କମିଶନ ଗଠନ କରାଯିବାକୁ କୋର୍ଟ କହିଥିଲେ। ସେହି ନିର୍ଦ୍ଦେଶନାମାରେ କୁହାଯାଇଥିଲା, ଡିଜିପି ଓ ଅନ୍ୟ ପୋଲିସ ଅଧିକାରୀ ନିଯୁକ୍ତି ସ୍ୱଚ୍ଛ ଓ ଦକ୍ଷତାଭିତ୍ତିକ ହେବା ଉଚିତ। ଡିଜିପି ଓ ଏସ୍‌ପିଙ୍କର ସର୍ବନିମ୍ନ କାର୍ଯ୍ୟକାଳ ୨ ବର୍ଷ ରହିବା ଦରକାର। ତଦନ୍ତ ଓ ଆଇନଶୃଙ୍ଖଳା ରକ୍ଷାକୁ ଅଲଗା କରାଯିବା ଉଚିତ। ବଦଳି, ନିଯୁକ୍ତି, ପଦୋନ୍ନତି ଏବଂ ଡିଏସ୍ ତଳ ପାହ୍ୟା ପୋଲିସ ଅଧିକାରୀଙ୍କ ଚାକିରିଜନିତ ବିଭିନ୍ନ ବିଷୟରେ ବିଚାର କରିବା ପାଇଁ ପୁଲିସ ଏଷ୍ଟାବ୍ଲିସ୍‌ମେଣ୍ଟ୍ ବୋର୍ଡ ଗଠନ କରିବାକୁ ଏହି ନିର୍ଦ୍ଦେଶରେ କୁହାଯାଇଥିଲା। ଏସ୍‌ପି ର୍‍ୟାଙ୍କ୍‌ର ଉପର ପାହ୍ୟା ଅଧିକାରୀଙ୍କ ଆଚରଣ ଜନିତ ବିଶୃଙ୍ଖଳା, ହାଜତ ମୃତ୍ୟୁ ଓ ହାଜତରେ ଦୁଷ୍କର୍ମ ଭଳି ଅଭିଯୋଗର ବିଚାର କରିବା ପାଇଁ ପ୍ରତି ରାଜ୍ୟରେ ପୋଲିସ ଅଭିଯୋଗ ପ୍ରାଧିକରଣ ଗଠନ କରିବାକୁ କୁହାଯାଇଥିଲା। ଏହି ନିର୍ଦ୍ଦେଶନାମାଗୁଡ଼ିକ କାର୍ଯ୍ୟକାରୀ ହୋଇନଥିବା ଅଭିଯୋଗ କରି ଏକାଧିକ କୋର୍ଟ ଅବମାନନା ଆବେଦନ ଏବେ ବି ବିଚାରାଧୀନ ରହିଛି।

## ଜବତ ହେବ ମାଲ୍ୟାଙ୍କ ବ୍ରିଟେନ୍ ସମ୍ପତ୍ତି



**ଲଣ୍ଡନ :** ଭାରତର ବିଭିନ୍ନ ବ୍ୟାଙ୍କ୍‌ରୁ ୯୦୦୦ କୋଟି ଟଙ୍କା ହଡ଼ କରି ବିଦେଶ ପଳାଇଥିବା ମଦ ବେପାରୀ ବିଜୟ ମାଲ୍ୟାଙ୍କ ବ୍ରିଟେନ୍‌ରେ ଥିବା ସମ୍ପତ୍ତିକୁ ଜବତ କରିବା ପାଇଁ ବ୍ରିଟେନ ହାଇକୋର୍ଟ ରାୟ ଦେଇଛନ୍ତି। ଏହା ଦ୍ୱାରା କୋର୍ଟ ଅଫିସର ଲଣ୍ଡନ ନିକଟବର୍ତ୍ତୀ ହର୍ଟଫୋର୍ଡସାୟାର୍‌ରେ ଥିବା ମାଲ୍ୟାଙ୍କ ଘର ଉପରେ ଚଢ଼ଉ କରି ସମ୍ପତ୍ତି ଜବତ କରିପାରିବେ। କୋର୍ଟ ୧୩ଟି ଭାରତୀୟ ବ୍ୟାଙ୍କ୍ ସପକ୍ଷରେ ଏଭଳି ରୁଲିଂ ଦେଇଛନ୍ତି। ମାଲ୍ୟା ଏବେ ଏହି ମନି ଲଣ୍ଡରିଂ ମାମଲାରେ ଭାରତ ପ୍ରତ୍ୟର୍ପଣ ବିରୋଧରେ ଆଇନଗତ ଲଢ଼େଇ କରୁଛନ୍ତି। କୋର୍ଟ ଅଫିସର ଚାହିଁଲେ ମାଲ୍ୟାଙ୍କ ବାସଭବନରେ ଚଢ଼ଉ କରିବା ପାଇଁ ପୋଲିସ୍‌ର ସହାୟତା ନେଇ ପାରିବେ ବୋଲି ଏହି ନିର୍ଦ୍ଦେଶନାମାରେ କୁହାଯାଇଛି। ଗତବର୍ଷ ଏପ୍ରିଲରେ ତାଙ୍କ ବିରୋଧରେ ପ୍ରତ୍ୟର୍ପଣ ୱାରେଣ୍ଟ୍ ବଳରେ ତାଙ୍କୁ ଗିରଫ କରାଯାଇଥିଲା। ଏହା ପରେ ସେ ଜାମିନ ପାଇଥିଲେ। ଆସନ୍ତା ୩୧ରେ ୱେଷ୍ଟ୍ ମିନିଷ୍ଟର୍ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ତାଙ୍କ ବିରୋଧରେ ପ୍ରତ୍ୟର୍ପଣ ମାମଲାର ଶୁଣାଣି ହେବ।

## 'ଗୋ ରକ୍ଷା ନାଁରେ ହିଂସା ଗ୍ରହଣୀୟ ନୁହେଁ'

**ନୂଆଦିଲ୍ଲୀ :** ଗୋ ରକ୍ଷା ନାଁରେ ହିଂସା ଆଦୌ ଗ୍ରହଣୀୟ ନୁହେଁ। ଏହାକୁ ରୋକିବା ରାଜ୍ୟଗୁଡ଼ିକର ଦାୟିତ୍ୱ ବୋଲି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ର କହିଛନ୍ତି। ଧର୍ମ ବା ଜାତି ସହ ଏହାକୁ ଯୋଡ଼ାଯାଇ ହିଂସାକାଣ୍ଡ ସୃଷ୍ଟି କରାଯାଉଥିବାରୁ ଏଥିନେଇ ସୁପ୍ରିମକୋର୍ଟ ସତର୍କ କରିଦେଇ କହିଛନ୍ତି, ଅପରାଧୀକୁ ଅପରାଧୀ ଭାବରେ ବିବେଚନା କରାଯିବ। ତଥାକଥିତ ଗୋରକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ତୁଷାର ଗାନ୍ଧିଙ୍କ ଏକ ଆବେଦନ ଉପରେ ପ୍ରଧାନ ବିଚାରପତି ଜଷ୍ଟିସ୍ ମିଶ୍ରଙ୍କ ନେତୃତ୍ୱରେ ଗଠିତ ୩ ଜଣିଆ ଖଣ୍ଡପୀଠ କହିଛନ୍ତି, 'କେହି ଆଇନକୁ ହାତକୁ ନେଇପାରିବେ ନାହିଁ। ଏଭଳି ଘଟଣାକୁ ରୋକିବା ଦାୟିତ୍ୱ ସରକାରଙ୍କର। ଏଭଳି ହିଂସାକାଣ୍ଡରେ ପୀଡ଼ିତଙ୍କୁ କ୍ଷତିପୂରଣ ପ୍ରଦାନ ସମ୍ପର୍କରେ ଖଣ୍ଡପୀଠ ରାୟ ସଂରକ୍ଷିତ ରଖିଛନ୍ତି। ତୁଷାର ଗାନ୍ଧିଙ୍କ ବ୍ୟତୀତ କଂଗ୍ରେସ ନେତା ତେହସେନ୍ ପୁନାୱାଲା ମଧ୍ୟ ଅନୁରୂପ ପିଟିସନ୍ ଦାଖଲ କରିଛନ୍ତି। ଗତ ସେପ୍ଟେମ୍ବରରେ ସୁପ୍ରିମକୋର୍ଟ ୨୯ଟି ରାଜ୍ୟ ଓ ୭ଟି କେନ୍ଦ୍ର ଶାସିତ ଅଞ୍ଚଳରେ ଗୋରକ୍ଷା ନାଁରେ ଚାଲିଥିବା ହିଂସାକାଣ୍ଡ ରୋକିବା ଲାଗି ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏଭଳି ଗୋରକ୍ଷକ ଗୋଷ୍ଠୀ ଉପରେ ସତର୍କ ଦୃଷ୍ଟି ରଖିବା ଲାଗି ଅଫିସର ନିଯୁକ୍ତି ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଚୀନ୍ ନିର୍ମାଣ କରୁଛି ଷ୍ଟାର ୱାର ଗନ୍

**ବେଜିଂ :** ଶତ୍ରୁକ୍ଷଙ୍କୁ ମାତ ଦେବା ପାଇଁ ତଥା ନିଜକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଏବେ ଚୀନ୍ ପ୍ରୟାସ ଆରମ୍ଭ କରିଛି। ଏଥିଇଁ ଚୀନ୍ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ପ୍ରାଣଘାତୀ ଅସ୍ତ୍ର ନିର୍ମାଣ କରିବା ଆରମ୍ଭ କରିଛି। ଖବର ମୁତାବକ ଚୀନ୍ ଏବେ ଏପରି ଏକ ବନ୍ଧୁକ ନିର୍ମାଣ କରୁଛି, ଯାହା ଏକ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରି ।ରିବ। ଏକ ଏନର୍ଜି ବୀମ ଦ୍ୱାରା ମଣିଷର କୋଷକୁ ଏହା ଭେଦ କରିବା ଭଳି କ୍ଷମତା ରଖିଥିବା ଜଣାପଡ଼ିଛି। ଦକ୍ଷିଣ ଚୀନ୍ ମର୍ଣ୍ଣିଂ ପୋଷ୍ଟରେ ପ୍ରକାଶିତ ଖବର ଅନୁଯାୟୀ ଜେଡ୍‌କେଜେଡ୍‌ଏମ୍-୫୦୦ ନାମକ ଏହି ପ୍ରାଣଘାତୀ ରାଇଫଲ୍‌ଟି ଷ୍ଟାର ୱାର ଫିଲ୍ମରେ ବ୍ୟବହୃତ ହେଉଥିବା ବନ୍ଧୁକ ଭଳି ଦେଖାଯାଉଛି। ଏହି ବନ୍ଧୁକରୁ ବାହାରୁଥିବା ଗୁଳି କିଛି କ୍ଷଣ ମଧ୍ୟରେ ମଣିଷ ଶରୀରର କୋଷ ଓ ଚର୍ମକୁ ପୋଡ଼ି ନଷ୍ଟ କରିଦେବ। ଏହି ଅତ୍ୟାଧୁନିକ ଷ୍ଟାର ୱାର ଗନ୍‌କୁ ନିର୍ମାଣ କରିଥିବା ବୈଜ୍ଞାନିକମାନଙ୍କ କହିବା କଥା ଏହାର ଓଜନ ୩ କେଜି। ଏହାର ଆକାର ପ୍ରାୟତଃ ଏକେ-୪୭ ଭଳି। କିନ୍ତୁ ଏକେ-୪୭ଠାରୁ ଏହା ଅଧିକ ଶକ୍ତିଶାଳୀ। ଏହି ବନ୍ଧୁକର ଏନର୍ଜି ବୀମ ଖାଲି ଆଖିକୁ ଦେଖାଯିବ ନାହିଁ କିନ୍ତୁ ପ୍ରାୟ ଶହେ ମିଟର୍ ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିରିବ। ଏହି ବୀମ ଶତ୍ରୁ କ୍ଷ ଦେହରେ ମାଡ଼ ହେବା କ୍ଷଣି ତା'ର ଚର୍ମ ପୋଡ଼ି ଯିବ ଏବଂ ତାଙ୍କୁ ଯନ୍ତ୍ରଣା ଦାୟକ ମୃତ୍ୟୁ ଦେବ। ଏହି ବନ୍ଧୁକଟି ଲିଥିୟମ ବ୍ୟାଟେରି ଦ୍ୱାରା ଚାଲିବ ଏବଂ ଏହାକୁ ରିଚାର୍ଜ କରିହେବ। ଏହି ବନ୍ଧୁକଟିରୁ ୨ ସେକେଣ୍ଡ ମଧ୍ୟରେ ପାଖାପାଖି ୧୦୦୦ ରାଉଣ୍ଡ ଫାୟାରିଂ ହେବ। ଏହି ବନ୍ଧୁକଟିକୁ କାର୍, ଡଙ୍ଗା ଓ ବିମାନରେ ଅପରେସନ୍ ପାଇଁ ନେଇହେବ। ଏହି ଜେଡ୍‌କେଜେଡ୍‌ଏମ୍-୫୦୦କୁ ଏବେ ଉତ୍ପାଦ କରିବାକୁ ବ୍ୟବସ୍ଥା ହେଉଛି। ପ୍ରଥମ ଦଫାରେ ଯେତିକି ପରିମାଣର ବନ୍ଧୁକ ନିର୍ମାଣ ହେବ, ସେଗୁଡ଼ିକୁ ଆତଙ୍କବାଦ ନିରୋଧୀ ଅଭିଯାନରେ ସାମିଲ ହେଉଥିବା ଯବାନମାନଙ୍କୁ ଦିଆଯିବ। ଏହି ବନ୍ଧୁକଟି ପଣବନ୍ଦୀ ପରିସ୍ଥିତିକୁ ଲୋକଙ୍କୁ ଉଦ୍ଧାର କରିବା ପାଇଁ ଫାଇଦା ଦେବ ବୋଲି କର୍ତ୍ତୃ କ୍ଷ ଆଶା କରିଛନ୍ତି। ପ୍ରତିଟି ବନ୍ଧୁକର ମୂଲ୍ୟ ୧୫,୦୦୦ ଆମେରିକୀୟ ଡଲାର ରହିଛି। ଏହା ଏକ ବ୍ୟୟବହୁଳ ବନ୍ଧୁକ ବୋଲି ବୈଜ୍ଞାନିକମାନେ କହିଛନ୍ତି।

## ବଢୁଛି ସୁନା ଠାରୁ ବୈଦ୍ୟୁତିକ୍ ସାମଗ୍ରୀର ଆମଦାନୀ

**ନୂଆଦିଲ୍ଲୀ :** ସୁନା ଗହଣା ପ୍ରତି ଭାରତୀୟଙ୍କର ଅହେତୁକ ଭଲପାଇବା ସବୁ ସମୟରେ ଚର୍ଚ୍ଚାରେ ରହି ଅସିଛି। ବିଶେଷ କରି ଯୁବତୀ ଓ ମହିଳାଙ୍କର ସୁନାଗହଣା ପ୍ରତି ଅହେତୁକ ଦୁର୍ବଳତା ତଥା ବିଭିନ୍ନ ତିଥି ଓ ପର୍ବରେ ସୁନା ଗହଣା କିଣିବାର ପ୍ରଥା ସୁନା ଆମଦାନୀରେ ଗଭୀର ପ୍ରଭାବ ପକାଇ ଆସିଛି। କିନ୍ତୁ ଗତ କିଛି ଦିନହେଲା ଏଥିରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ବର୍ତ୍ତମାନ ସୁନା ଆମଦାନୀଠାରୁ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ଆମଦାନୀ ବଢ଼ିବ ବୋଲି ଦର୍ଶାଉଛି। ଭାରତୀୟଙ୍କର ପସନ୍ଦ ବଦଳିଛି। ଟିଭି, ସ୍ମାର୍ଟଫୋନ୍ ଏବଂ ଅନ୍ୟାନ୍ୟ ଉତ୍ପାଦର ବିକ୍ରିରେ ହଠାତ ବୃଦ୍ଧି ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ବିକ୍ରିକୁ ଭାରତର ଦ୍ୱିତୀୟ ବୃହତ ଆମଦାନୀ ଉତ୍ପାଦ କରିଛି। ଏହା ତଳେ ଅବିଶୋଧିତ ତୈଳ ରହିଛି ଯାହାକି ଆଗରୁ ଦ୍ୱିତୀୟ ସ୍ଥାନରେ ଥିଲା। ଏହି ପରିବର୍ତ୍ତନ ବଜାର ନିଅଣ୍ଟକୁ ଆହୁରି ପ୍ରସାରିତ କରିବାରେ ସାହାଯ୍ୟ କରୁଛି। ଏହା ନିଶ୍ଚିତଭାବେ ଭାରତୀୟ ମୁଦ୍ରା 'ଟଙ୍କା' ପ୍ରତି ବିଦ ଯାହାକି ପୂର୍ବରୁ ଡଲାର ତୁଳନାରେ ହ୍ରାସ ହେବାରେ ଲାଗିଛି ଏବଂ ତୈଳ ଆମଦାନୀ ଦ୍ୱାରା ପ୍ରଭାବିତ ହୋଇଛି। ଏକ ସର୍ଭେରୁ ଜଣାଯାଇଛି



ଘରୋଇ ଉତ୍ପାଦ ଜନିତ ସ୍ଥିତିରୁ କରେଣ୍ଟ୍ ଆକାଉଣ୍ଟ୍ ନିଅଣ୍ଟ ବର୍ତ୍ତମାନ ତୁଳନାରେ ଆସନ୍ତା ୨୦୧୯ ମାର୍ଚ୍ଚ ମାସ ସୁଦ୍ଧା ୨.୩ ପ୍ରତିଶତକୁ ବୃଦ୍ଧି ପାଇବ ଯାହାକି ବର୍ତ୍ତମାନ ୧.୯ ପ୍ରତିଶତ ରହିଛି। ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ଆମଦାନୀର ପ୍ରଭାବ କରେଣ୍ଟ୍ ଆକାଉଣ୍ଟ୍ ନିଅଣ୍ଟ ଉପରେ ପଡ଼ିବା ଆରମ୍ଭ ହୋଇସାରିଛି। ଏହାର ସମାଧାନ ପାଇଁ ଭାରତକୁ ଆଗାମୀ ଦିନରେ ବିଶ୍ୱସ୍ତରରେ ଭାରତୀୟ ସାମଗ୍ରୀ ରପ୍ତାନୀର ପରିମାଣ ମଧ୍ୟ ବଢ଼ାଇବାକୁ ହେବ ବୋଲି ଆକ୍ସିସ୍ ବ୍ୟାଙ୍କ୍ ଲିମିଟେଡ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ସୌଗତ ଭଟ୍ଟାଚାର୍ଯ୍ୟ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ଥାନୀୟ ଉତ୍ପାଦନକୁ ଗୁରୁତ୍ୱ ଦେବାପାଇଁ ମେକ ଇନ୍ ଇଣ୍ଡିଆକୁ ପ୍ରୋତ୍ସାହନ ଦେଉଥିଲେ ହେଁ, ଏଯାଏ ତାହା ସଫଳ ହୋଇପାରିନାହିଁ। ଅନ୍ୟ ରାଷ୍ଟ୍ରଗୁଡ଼ିକ ବୃହତ ପରିମାଣରେ ଭାରତୀୟ ସାମଗ୍ରୀ କିଣିଲେ ଯାଇ ଏହା ସମ୍ଭବ ହୋଇପାରିବ, କାରଣ ଏହା ଦ୍ୱାରା ହିଁ ଆମଦାନୀ ଉପରୁ ଭରସା ଉଠିବ। ଏହା ବ୍ୟତୀତ ଚୀନ୍ ଏ କ୍ଷେତ୍ରରେ ଯଥେଷ୍ଟ ଫାଇଦା ନେଇ ସାରିଛି। ଗତ ମାର୍ଚ୍ଚ ମାସ ଭିତରେ ମୋବାଇଲ୍ ଫୋନ୍, କମ୍ପ୍ୟୁଟର ଏବଂ ଅନ୍ୟାନ୍ୟ ଇଲେକ୍‌ଟ୍ରୋନିକ୍ସ ଆଦିର ବିକ୍ରିରେ ଚୀନ୍ ସବୁଠାରୁ ବଡ଼ ରପ୍ତାନୀକାରୀ କମ୍ପାନୀ ପ୍ରମାଣିତ ହୋଇସାରିଛି ଯାହାର ପରିମାଣ ମୋଟ ଆମଦାନୀର ୬୦ ପ୍ରତିଶତ ବୋଲି ଜଣାପଡ଼ିଛି। ସରକାରୀ ତଥ୍ୟ ଅନୁଯାୟୀ ଗତ ୧୩ ମାସରେ ମୋଟ ଇଲେକ୍‌ଟ୍ରୋନିକ୍ସ ଆମଦାନୀର ମୂଲ୍ୟ ୫୬୮୦ କୋଟି ଡଲାର ଥିଲା ଏବଂ ସୁନା ଆମଦାନୀର ମୋଟ ମୂଲ୍ୟ ୩୫୮୦ କୋଟି ଡଲାର ଥିଲା। ବର୍ତ୍ତମାନ ଭାରତ ପାଇଁ କେବଳ ତୈଳ କରେଣ୍ଟ ଆକାଉଣ୍ଟ ନିଅଣ୍ଟ ସୃଷ୍ଟି କରିବ ନାହିଁ, ଏଥି ସହିତ ବର୍ତ୍ତମାନ ଇଲେକ୍‌ଟ୍ରୋନିକ୍ସ ମଧ୍ୟ ଯୋଡ଼ି ହୋଇଯାଇଛି ଏବଂ ଏହାର ଆମଦାନୀ ପରିମାଣ ଗତ ୫ ବର୍ଷରେ ଦୁଇଗୁଣ ହୋଇଯାଇଛି।

## ଅନ୍‌ଲାଇନ କଣ୍ଟେଣ୍ଟ ଦେଖିବାରେ ଭାରତ ସବୁଠୁ ଆଗରେ

**ନୂଆଦିଲ୍ଲୀ :** ଭାରତ ଡିଜିଟାଲ ହେବା ସହିତ ଲୋକଙ୍କ ବଦଳୁଛି ସେମାନଙ୍କ ଜୀବନଶୈଳୀ। ଗତ କିଛି ବର୍ଷରେ ଏହା ବ୍ୟାପକ ହେବାରେ ଲାଗିଛି ଏବଂ କେବଳ ଶୋଇବା ସମୟକୁ ଛାଡ଼ିଦେଲେ ବାକି ସବୁ ସମୟରେ ଯାହା ଜରୁରି ହୋଇପଡ଼ିଛି ତାହା ହେଉଛି ମୋବାଇଲ୍ ଫୋନ୍। ଆଉ ଏଭଳି ବ୍ୟକ୍ତିଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ଦୁଇ ତୃତୀୟାଂଶ ବା ୬୬ ପ୍ରତିଶତ ବୋଲି ଲାଇମ୍‌ଲାଇଟ୍ ନେଟ୍‌ୱର୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା 'ଷ୍ଟେଟ୍ ଅଫ୍ ଡିଜିଟାଲ ଲାଇଫ୍' ରିପୋର୍ଟରୁ ଜଣାପଡ଼ିଛି। ଏହି ରିପୋର୍ଟ ଦର୍ଶାଇଛି ୬୬ ପ୍ରତିଶତ ଭାରତୀୟ ଉପଭୋକ୍ତା ମତ ଦେଇଛନ୍ତି, ସେମାନେ ମୋବାଇଲ ଫୋନ୍‌କୁ ଛାଡ଼ି ଗୋଟିଏ ଦିନ ମଧ୍ୟ ବିତାଇପାରିବେ ନାହିଁ। ଏହି ରିପୋର୍ଟ ଆହୁରି ମଧ୍ୟ ଦର୍ଶାଉଛି ଯେ, ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ଡିଭାଇସ୍ ପ୍ରତି ଆସକ୍ତିରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ଷ୍ଟେଟ୍ ଅଫ୍ ଡିଜିଟାଲ୍ ଲାଇଫ୍ ରିପୋର୍ଟ ପାଇଁ କରାଯାଇଥିବା ସର୍ବେକ୍ଷଣରେ ୧୦ଟି ଦେଶର ନାଗରିକଙ୍କ ମତ ନିଆଯାଇଥିଲା। ସେମାନଙ୍କ ଜୀବନରେ ଡିଜିଟାଲ ମିଡିଆ ଏବଂ ଟେକ୍ନୋଲୋଜିର କିଭଳି ପ୍ରଭାବ ରହିଛି, ସେ ବିଷୟରେ ଦର୍ଶାଇଥିଲେ। ଏଥିରେ ୬୬ ପ୍ରତିଶତ ଉପଭୋକ୍ତା କହିଥିଲେ ଯେ, ମୋବାଇଲ ଫୋନ୍ ବ୍ୟବହାର ନକରି ଦିନଟିଏ ମଧ୍ୟ ରହିପାରିବେ ନାହିଁ। ତୁଳନାତ୍ମକ ଭାବେ ଦେଖିବାକୁ ଗଲେ ନିଜର ଡିଜିଟାଲ ଡିଭାଇସ୍‌ଠାରୁ ଅଲଗା ହେବାକୁ ଚାହୁଁନଥିବା ନାଗରିକଙ୍କ ମାତ୍ରା ବିଶ୍ୱ ସ୍ତରରେ ୪୮ ପ୍ରତିଶତ। ଅନ୍ୟ ପକ୍ଷରେ ଡେସ୍କଟପ୍ ଓ ଲ୍ୟାପ୍‌ଟପ୍ ବ୍ୟବହାର କ୍ଷେତ୍ରରେ ୪୫ ପ୍ରତିଶତ ଭାରତୀୟ ଲୋକେ ଏହି ଦୁଇଟି ଡିଜିଟାଲ ଡିଭାଇସ୍‌ଠାରୁ ଗୋଟିଏ ଦିନ ମଧ୍ୟ ଅଲଗା ହୋଇ ରହିବା କଷ୍ଟକର ହୋଇପଡୁଛି। ଏହା ସମ୍ପୂର୍ଣ୍ଣ ସର୍ବେକ୍ଷଣରେ ସର୍ବାଧିକ। ବିଶ୍ୱସ୍ତରରେ ଏହା ୩୩ ପ୍ରତିଶତ ବୋଲି ଜଣାପଡ଼ିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଡିଜିଟାଲ ଟେକ୍ନୋଲୋଜି ଦ୍ୱାରା ସକାରାତ୍ମକ ପ୍ରଭାବିତଙ୍କ ସଂଖ୍ୟା ଆଶାତୀତ ଭାବେ ବ୍ୟାପକ। ଏଥିରେ ଭାଗ ନେଇଥିବା ଭାରତୀୟଙ୍କ ମଧ୍ୟରୁ ୯୩ ପ୍ରତିଶତ ସ୍ୱୀକାର କରିଛନ୍ତି ଡିଜିଟାଲ ଟେକ୍ନୋଲୋଜି ସେମାନଙ୍କ ଜୀବନରେ ଉପଯୋଗୀ ସାବ୍ୟସ୍ତ ହୋଇଛି। ଏ କ୍ଷେତ୍ରରେ ଜାପାନ୍ ଓ ଜର୍ମାନ୍ ନାଗରିକମାନଙ୍କ ମଧ୍ୟରୁ ଯଥାକ୍ରମେ ୧୧ ପ୍ରତିଶତ ଏବଂ ୨୫ ପ୍ରତିଶତ ଲୋକେ ଭାବନ୍ତି ଯେ ତାଙ୍କ ଜୀବନରେ ଡିଜିଟାଲ ଟେକ୍ନୋଲୋଜିର ଉପଯୋଗୀ ସାବ୍ୟସ୍ତ ହୋଇ ପାରିଛି। ଏହି ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି, ଭାରତୀୟ ନାଗରିକମାନେ ଡିଜିଟାଲ ଟେକ୍ନୋଲୋଜିକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି।

### ସୁପ୍ରିମ୍‌କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# କ୍ଷମତାରେ ରହିବେ ନିର୍ବାଚିତ ସରକାର

**ନୂଆଦିଲ୍ଲୀ :** ଦିଲ୍ଲୀର ପ୍ରକୃତ କ୍ଷମତାର ଅଧିକାରୀ କିଏ ବୋଲି ଦୀର୍ଘଦିନ ଧରି ଚାଲିଥିବା ବିବାଦର ଅନ୍ତ ଘଟିଛି। ଏହି ବିବାଦରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ ତାଙ୍କର ଆମ୍ ଆଦମୀ ପାର୍ଟିର ବିଜୟ ହୋଇଛି। ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି ଯେ ଦିଲ୍ଲୀର ନିର୍ବାଚିତ ସରକାର ହେଉଛନ୍ତି ଚୂଡ଼ାନ୍ତ କର୍ତ୍ତୃପକ୍ଷ। ଉପରାଜ୍ୟପାଳ ବା ଲେଫ୍ଟନାଣ୍ଟ ଗଭର୍ଣ୍ଣର ନିର୍ବାଚିତ ସରକାରଙ୍କ ପରାମର୍ଶ ଓ ସହାୟତାରେ କାର୍ଯ୍ୟ କରିବେ। ଗତବର୍ଷ ଦିଲ୍ଲୀ ହାଇକୋର୍ଟ ଦେଇଥିବା ରାୟକୁ ରଦ୍ଦ କରି ସୁପ୍ରିମକୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟ ତାଙ୍କ ରାୟରେ ଦିଲ୍ଲୀ ଉପରାଜ୍ୟପାଳଙ୍କୁ ଚେତାବନୀ ଦେଇ କହିଛନ୍ତି ଯେ ଲେଫ୍ଟନାଣ୍ଟ ଗଭର୍ଣ୍ଣର ପ୍ରତିବନ୍ଧକ ସୃଷ୍ଟିକାରୀ ଭାବେ କାର୍ଯ୍ୟ କରିରିବେ ନାହିଁ। ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇ କୋର୍ଟ ଏହା ମଧ୍ୟ କହିଛନ୍ତି ଯେ ଗଣତନ୍ତ୍ରରେ ସ୍ୱୈରାଚାରର କୌଣସି ସ୍ଥାନ ନାହିଁ ଏବଂ ଅରାଜକତାର ମଧ୍ୟ ସ୍ଥାନ ନାହିଁ। କୋର୍ଟଙ୍କର ଏହି ମନ୍ତବ୍ୟ ଉଭୟ ଉପରାଜ୍ୟପାଳ ଓ କେଜ୍ରିୱାଲଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଅନୁଶୀଳନ କରାଯାଉଛି। ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ୫ ଜଣିଆ ଖଣ୍ଡପୀଠ ଦିଲ୍ଲୀ ସରକାର ଓ ଉପରାଜ୍ୟପାଳଙ୍କ ବିବାଦରେ ମତ ଦେଇ କହିଛନ୍ତି ଯେ ଦିଲ୍ଲୀ ଏକ ସ୍ୱୟଂସଂପୂର୍ଣ୍ଣ ରାଜ୍ୟ ନୁହେଁ। ତେବେ କେବଳ ଜମି, ପୁଲିସ ଓ ଆଇନଶୃଙ୍ଖଳା ବିଷୟକୁ ଛାଡ଼ିଦେଲେ ଦିଲ୍ଲୀର ନିର୍ବାଚିତ ସରକାର ହିଁ ଦିଲ୍ଲୀର ଚୂଡ଼ାନ୍ତ କର୍ତ୍ତୃପକ୍ଷ ବା ପ୍ରକୃତ କ୍ଷମତାର ଅଧିକାରୀ। ଦିଲ୍ଲୀର ଉପରାଜ୍ୟପାଳ ନିର୍ବାଚିତ ସରକାରଙ୍କ ସହାୟତା ଓ ପରାମର୍ଶ ଅନୁସାରେ କାର୍ଯ୍ୟ କରିବେ। ଉପରାଜ୍ୟପାଳ ସରକାରଙ୍କ ସହିତ ସଂହତି ରକ୍ଷା କରି ଦାୟିତ୍ୱ ତୁଲାଇବେ। ପ୍ରଧାନ ବିଚାରପତି କହିଛନ୍ତି ଯେ ବିଧି ଅନୁସାରେ ସରକାର



ଉପରାଜ୍ୟପାଳଙ୍କୁ ସବୁ ବିଷୟରେ ଅବଗତ କରିବେ। ତାହାର ମାନେ ନୁହେଁ ଯେ ସରକାରଙ୍କ ନିଷ୍ପତ୍ତି ପାଇଁ ତାଙ୍କର ସହମତି ଆବଶ୍ୟକ। ବିଚାପରତି ଡିୱାଇ ଚନ୍ଦ୍ରଚୂଡ଼ କହିଛନ୍ତି ଯେ ଗଣତାନ୍ତ୍ରିକ ଅନୁଷ୍ଠାନ ବିଫଳ ହେଲେ ରାଷ୍ଟ୍ର ବିଫଳ ହୋଇଥାଏ। ଭାରତ ପରି ଏକ ବିବିଧ ସଂସ୍କୃତିର ଦେଶରେ ଗଣତାନ୍ତ୍ରିକ ବିତର୍କର ଆବଶ୍ୟକତା ଅଧିକ। ନେତା ଓ ପ୍ରଶାସକମାନେ ଜନତାଙ୍କ ପ୍ରତି ଥିବା ସେମାନଙ୍କର ଉତ୍ତରଦାୟିତ୍ୱ ନିର୍ବାହ କରିବା ଉଚିତ। ଦିଲ୍ଲୀ ଉପରାଜ୍ୟପାଳ ଏହି ଦୃଷ୍ଟିରୁ ଯଥାର୍ଥ ଆଭିମୁଖ୍ୟ ଗ୍ରହଣ କରିବା ଉଚିତ। ସେ କହିଛନ୍ତି ଯେ ପ୍ରକୃତ କ୍ଷମତା ଓ ଉତ୍ତରଦାୟିତ୍ୱ ନିର୍ବାଚିତ ସରକାରଙ୍କ ଉପରେ ନ୍ୟସ୍ତ ଅଛି। ସୁପ୍ରିମକୋର୍ଟଙ୍କର ଏହି ଖଣ୍ଡପୀଠ କହିଛନ୍ତି ଯେ ସମ୍ବିଧାନ ନିର୍ବାଚିତ ସରକାରଙ୍କୁ ଅଗ୍ରାଧିକାର ଦେଇଛି। ଏହି ଦୃଷ୍ଟିରୁ ଉପରାଜ୍ୟପାଳଙ୍କର ସ୍ୱାଧୀନ ଭାବେ ନିଷ୍ପତ୍ତି ନେବାର ଅଧିକାର ନାହିଁ। ଜମି, ପୁଲିସ ଓ ଆଇନଶୃଙ୍ଖଳା ବ୍ୟତୀତ ଅନ୍ୟ ବିଷୟଗୁଡ଼ିକ ଉପରେ ଦିଲ୍ଲୀ ସରକାର ଆଇନ ଓ ନିୟମ ପ୍ରଣୟନ କରିରିବେ। ଉପରାଜ୍ୟପାଳ ସରକାରଙ୍କ ନିଷ୍ପତ୍ତିକୁ ଯନ୍ତ୍ର ଭାବରେ ଅଟକାଇ ପାରିବେ ନାହିଁ। ଉଭୟ ଉପରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ହେଉଛନ୍ତି ସାମ୍ବିଧାନିକ କର୍ମକର୍ତ୍ତା। ସେମାନେ ସଂହତି ଓ ସମ୍ମାନ ରକ୍ଷାକରି କାର୍ଯ୍ୟ କରିବା ଉଚିତ। କେହି ନିଜକୁ ଅନ୍ୟର ଊର୍ଦ୍ଧ୍ୱରେ ଭାବିବା ଉଚିତ ନୁହେଁ। ଯଦି କୌଣସି କ୍ଷେତ୍ରରେ ନିର୍ବାଚିତ ସରକାର ଗ୍ରହଣ କରିଥିବା ନିଷ୍ପତ୍ତି ସହିତ ଉପରାଜ୍ୟପାଳ ସହମତ ନ ହୁଅନ୍ତି ତେବେ ତାହାର ଯଥାର୍ଥ କାରଣ ସହିତ ସେ ସେହି ନିଷ୍ପତ୍ତି ବିଷୟରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲୋଡ଼ିପାରିବେ। ଏହି ରାୟକୁ ସ୍ୱାଗତ କରିଛି ଆମ୍ ଆଦମୀ ପାର୍ଟି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ ଉପମୁଖ୍ୟମନ୍ତ୍ରୀ ମନୀଶ ଶିଶୋଦିଆ ରାୟକୁ ସ୍ୱାଗତ କରିଛନ୍ତି। କେଜ୍ରିୱାଲ କହିଛନ୍ତି ଯେ ଏହା ହେଉଛି ଦିଲ୍ଲୀ ଜନତା ଓ ଗଣତନ୍ତ୍ରର ଏକ ବଡ଼ ବିଜୟ। ଶିଶୋଦିଆ କହିଛନ୍ତି ଏଣିକି ଦିଲ୍ଲୀ ସରକାର ରାଜ୍ୟ ତାଲିକାର ସମସ୍ତ ବିଷୟରେ ନିଷ୍ପତ୍ତି ନେଇ ପାରିବେ। ଅଫିସର ବଦଳି ଓ ନିଯୁକ୍ତି ସଂପର୍କୀତ ଫାଇଲକୁ ଆଉ ଉପରାଜ୍ୟପାଳ ଅଟକାଇ ପାରିବେ ନାହିଁ। ଅନେକ ଫାଇଲ ଆଉ ଉପରାଜ୍ୟପାଳଙ୍କ ନିକଟକୁ ଅନୁମୋଦନ ନିମନ୍ତେ ପଠା ଯିବ ନାହିଁ। ଲୋକମାନଙ୍କର କାମ ଶୀଘ୍ର ଓ ସହଜରେ ହେବ। ତେବେ ଦିଲ୍ଲୀକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦେବା ପାଇଁ ତାଙ୍କ ଦଳର ସଂଗ୍ରାମ ଜାରି ରହିବ ବୋଲି ଶିଶୋଦିଆ ସ୍ପଷ୍ଟ କରିଦେଇଛନ୍ତି।



## ସହରାଞ୍ଚଳରେ ଲାଗିବ ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଚାରା : ମନ୍ତ୍ରୀ

**ଭୁବନେଶ୍ୱର :** ଚଳିତ ବର୍ଷ ସହରାଞ୍ଚଳ ବନୀକରଣ କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାପକ ସବୁଜ ବଳୟ ସୃଷ୍ଟି କରାଯିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ସଚିବାଳୟଠାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସହରାଞ୍ଚଳରେ ୧୧ ଲକ୍ଷ ୧୫ ହଜାର ୯୦୦ ଚାରା ରୋପଣ କରାଯିବ ବୋଲି ମତ ପ୍ରକାଶ ପାଇଛି। ମନ୍ତ୍ରୀ ଶ୍ରୀ ରାଉତରାୟ ବନୀକରଣ କାର୍ଯ୍ୟକ୍ରମ ଯେପରି ସୁଚାରୁ ରୂପେ ଠିକ୍ ସମୟରେ କାର୍ଯ୍ୟାନ୍ୱୟନ ହେବ ସେ ସମ୍ବନ୍ଧରେ ବୈଠକରେ ଉପସ୍ଥିତ ବିଭାଗୀୟ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବନୀକରଣ କାର୍ଯ୍ୟ ହେବା ଦ୍ୱାରା ଅପର୍ଯ୍ୟାପ୍ତ ଅମ୍ଳଜାନ ସୃଷ୍ଟି ହେବ ଯାହା ସହରାଞ୍ଚଳର ଫୁସ୍‌ଫୁସ୍ ଭଳି କାର୍ଯ୍ୟ କରିବ ବୋଲି ମନ୍ତ୍ରୀ ମତ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ, ସମଗ୍ର ରାଜ୍ୟର ମହାନଗର ନିଗମ, ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ସହରାଞ୍ଚଳରେ ୧୧ ଲକ୍ଷ ୧୫ ହଜାର ୯୦୦ ଚାରା ରୋପଣ କରାଯିବ। ଭୁବନେଶ୍ୱର ଏବଂ କଟକ ସହରାଞ୍ଚଳ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏହି କାର୍ଯ୍ୟ ଚଳିତବର୍ଷ କରାଯିବ। ଭୁବନେଶ୍ୱର ସହର ଜଙ୍ଗଲ ଡିଭିଜନ୍ ଦ୍ୱାରା ୧ ଲକ୍ଷ ୬୦ ହଜାର ୫୦୦ ଚାରା ରୋପଣ କରାଯିବା ସହିତ କଟକରେ ୧ ଲକ୍ଷ ୬୮ ହଜାର ୧୦୦ ଚାରା ରୋପଣ କରାଯିବ। ଏତଦ୍‌ବ୍ୟତୀତ ଚନ୍ଦକା ଜଙ୍ଗଲ ଡିଭିଜନ୍‌ର ଭୁବନେଶ୍ୱର ଏବଂ କଟକ ଅଞ୍ଚଳରେ ମଧ୍ୟ ବନୀକରଣ କାର୍ଯ୍ୟକ୍ରମ କରାଯିବ। ଚନ୍ଦକା ଡିଭିଜନ୍ ଅନ୍ତର୍ଗତ ଭୁବନେଶ୍ୱରରେ ୭୨ ହଜାର ୫୦୦ ଚାରା ରୋପଣ କରାଯିବାକୁ ଥିବାବେଳେ କଟକରେ ୩୦ ହଜାର ୫୦୦ ଚାରା ରୋପଣ କରାଯିବ। ଅନ୍ୟ ଏକ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ରାଉତରାୟ ବିଜୁ ଯୁବବାହିନୀ ତରଫରୁ ହାତକୁ ନିଆଯାଇଥିବା ସ୍ୱେଚ୍ଛାକୃତ ବନୀକରଣ କାର୍ଯ୍ୟକ୍ରମକୁ ଜଙ୍ଗଲ ବିଭାଗ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ଏହି ବୈଠକରେ ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ପ୍ରମୁଖ ମୁଖ୍ୟ ବନସଂରକ୍ଷକ ଦେବବ୍ରତ ସ୍ୱାଇଁ, ଓଡ଼ିଶା ଜଙ୍ଗଲ ବିକାଶ ନିଗମର ପରିଚାଳନା ନିର୍ଦ୍ଦେଶକ ଜିତେନ୍ଦ୍ର କୁମାର, ଅତିରିକ୍ତ ପ୍ରମୁଖ ମୁଖ୍ୟ ବନସଂରକ୍ଷକ ଏ.କେ. ପାଠକ, ବିଜୁ ଯୁବବାହିନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚଞ୍ଚଳ ରାଣା, କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭକାନ୍ତ ମିଶ୍ର ଏବଂ ବରିଷ୍ଠ ଜଙ୍ଗଲ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

### ହାଇକୋର୍ଟରେ ଜଗମୋହନ ମରାମତି ମାମଲା

# ଜୟ ବିଜୟ ଦ୍ୱାର ପାଇଁ ଦିଆଯାଉଥିବା ସମୟ ପର୍ଯ୍ୟାପ୍ତ ନୁହେଁ

**କଟକ :** ଜଗମୋହନ ମରାମତି ସମ୍ପର୍କିତ ମାମଲାରେ ହାଇକୋର୍ଟ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଜୟ ବିଜୟ ଦ୍ୱାର ମରାମତି ପାଇଁ ପ୍ରତ୍ନତତ୍ତ୍ୱ ବିଭାଗକୁ ଉପଯୁକ୍ତ ସ୍ଥାନ ଓ ସମୟ ଯୋଗାଇ ଦେବାକୁ କହିଛନ୍ତି। ଆବେଦନକାରୀ ଅଭିଷେକ ଦାସଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଭିନୀତ୍ ଶରଣ ଓ ବିଚାରପତି ବି.ଆର୍ ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୫ ରୁ ୨୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ହେବାକୁ ଥିବା ଜୟ ବିଜୟ ଦ୍ୱାର ମରାମତି କାର୍ଯ୍ୟ ପାଇଁ ଏଏସ୍‌ଆଇକୁ ଦୈନିକ ୧୨ ଘଣ୍ଟା ଲେଖାଏଁ ସମୟ ଦେବାକୁ କହିଛନ୍ତି। ସେହିପରି ଗୁଣ୍ଡିଚା ମନ୍ଦିରର କିଛି ମରାମତି କାର୍ଯ୍ୟର ଆବଶ୍ୟକତା ରହିଛି କି ନାହିଁ ସେ ସମ୍ପର୍କରେ ଷ୍ଟାଟସ୍ ରିପୋର୍ଟ ସତ୍ୟପାଠ ମାଧ୍ୟମରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୩୦ ତାରିଖରେ ହେବ। ଏହି ମାମଲାର ଶୁଣାଣିବେଳେ କେନ୍ଦ୍ର ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିଲା। ଏଥିରେ ଦର୍ଶାଯାଇଛି ଯେ ଶ୍ରୀମନ୍ଦିର



ଜୟ ବିଜୟଦ୍ୱାର ମରାମତି କାର୍ଯ୍ୟ ପ୍ରତ୍ନତତ୍ତ୍ୱ ବିଭାଗ କରୁଛି। ଏହି ମର୍ମରେ ଜୟ ବିଜୟ ଦ୍ୱାରର ନଷ୍ଟ ହୋଇଯାଇଥିବା ପୁରୁଣା ପ୍ଲାଷ୍ଟର୍‌କୁ ହଟାଯାଇ ଏହା ଉପରେ କୋଟିଂ ଦିଆଯାଇ ସଫା ଚାଲିଛି। ସ୍ଥାନେ ସ୍ଥାନେ ହୋଇଥିବା ଫାଟର ମରାମତି ଶେଷ ହୋଇଥିବାବେଳେ ଯେଉଁ ଯେଉଁ ସ୍ଥାନରେ କଳଙ୍କୀବିହୀନ ଇସ୍ପାତ ବିମ୍ ଲଗାଯିବ ତାହାର ଡିଜାଇନ୍ ମଧ୍ୟ ଶେଷ ହୋଇଛି। ନୀଳାଦ୍ରି ବିଜେ ପୂର୍ବରୁ ଅର୍ଥାତ୍ ଆସନ୍ତା ୨୫ ତାରିଖ ପୂର୍ବରୁ ଏସବୁ ମରାମତି କାର୍ଯ୍ୟ ଶେଷ ହେବ। ସେହିପରି ଭାବେ ମାଆ ବିମଳା ମନ୍ଦିରର ପଶ୍ଚିମପାର୍ଶ୍ୱ ମରାମତି କାର୍ଯ୍ୟ ଶେଷ ହୋଇଥିବାବେଳେ ମେଘନାଦ ପ୍ରାଚୀରର ଦକ୍ଷିଣ ଓ ପୂର୍ବ ପାର୍ଶ୍ୱ ଶେଷ ହେବା ଉପରେ। ଶ୍ରୀମନ୍ଦିରର ଭିତରେ ଥିବା ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ମରାମତି କାର୍ଯ୍ୟ ଚାଲିଛି। ଏହି ମାମଲାରେ ଗତ ମଇ ୧୫ ତାରିଖରେ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇ ଜୟ ବିଜୟ ଦ୍ୱାର ମରାମତି ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଦିଆଯାଉଥିବା ସମୟ ପର୍ଯ୍ୟାପ୍ତ ନୁହେଁ ବୋଲି ଦର୍ଶାଯାଇଥିଲା। ମରାମତି ପାଇଁ ଦୈନିକ ୮ ଘଣ୍ଟା ଲେଖାଏ ୩୦ ଦିନ ଆବଶ୍ୟକ ହେଉଥିବାବେଳେ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରତିଦିନ ସକାଳେ ଦିଆଯାଉଥିବା ଏକ ଘଣ୍ଟା ଓ ମଧ୍ୟାହ୍ନରେ ଦୁଇ ଘଣ୍ଟାର ସମୟ ପର୍ଯ୍ୟାପ୍ତ ନୁହେଁ। ଏଣୁ ସ୍ନାନ ପୂର୍ଣ୍ଣିମା ପରେ ଠାକୁର ଅଣସର ଘରେ ରହିବା ସମୟରେ ଜୟ ବିଜୟ ଦ୍ୱାର ମରାମତି କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ପୁନଶ୍ଚ ମନ୍ଦିରର ଅନ୍ୟାନ୍ୟ ସ୍ଥାନରେ ମରାମତିର ଆବଶ୍ୟକ ରହିଥିବା ମଧ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଦାଖଲ ସତ୍ୟପାଠରେ କୁହାଯାଇଥିଲା। ପୂର୍ବରୁ ହାଇକୋର୍ଟ ଜୟ ବିଜୟ ଦ୍ୱାର ମରାମତି ପାଇଁ ପ୍ରତ୍ନତତ୍ତ୍ୱ ବିଭାଗକୁ ଉପଯୁକ୍ତ ସ୍ଥାନ ଓ ସମୟ ଦେବାକୁ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଏହି ମାମଲାକୁ ବରିଷ୍ଠ ଆଇନଜୀବୀ ଅଶୋକ ମହାପାତ୍ର ପରିଚାଳନା କରୁଥିବାବେଳେ ସୂର୍ଯ୍ୟ ପ୍ରକାଶ ମଙ୍ଗରାଜ ତାଙ୍କୁ ସହାୟତା କରୁଛନ୍ତି। କେନ୍ଦ୍ର ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଏହି ମାମଲାକୁ ଆଇନଜୀବୀ ଚନ୍ଦ୍ରକାନ୍ତ ପ୍ରଧାନ ପରିଚାଳନା କରୁଛନ୍ତି।

# ୨୪ ବିଧାୟକଙ୍କୁ ମିଳିବ ଶ୍ରେଷ୍ଠ ସମ୍ମାନ

**ଭୁବନେଶ୍ୱର :** ରାଜ୍ୟର ୨୪ଜଣ ଶ୍ରେଷ୍ଠ ବିଧାୟକଙ୍କୁ ଓଡ଼ିଶା ଖୁବଶୀଘ୍ର ବିଧାନସଭା ପକ୍ଷରୁ ପୁରସ୍କୃତ କରାଯିବ। ବିଧାୟକଙ୍କୁ ସେମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟ ଓ ପ୍ରଦର୍ଶନ ନିମନ୍ତେ ବିଧାନସଭା ଦ୍ୱାରା ପ୍ରଦାନ କରାଯାଉଥିବା ୩ଟି ବର୍ଗର ପୁରସ୍କାର(ପଣ୍ଡିତ ନୀଳକଣ୍ଠନାଥ ସମ୍ମାନ, ଉତ୍କଳମଣି ଗୋପବନ୍ଧୁ ସମ୍ମାନ ଓ ଉତ୍କଳ ଗୌରବ ମଧୁସୂଦନ ଦାସ ସମ୍ମାନ) ପାଇଁ ଏହି ବିଧାୟକମାନେ ପୁରସ୍କୃତ ହେବେ। ୨୦୦୯ରୁ ୨୦୧୬ ମସିହା ପର୍ଯ୍ୟନ୍ତ ଶ୍ରେଷ୍ଠ ବିଧାୟକମାନଙ୍କୁ ବାଚସ୍ପତି ପ୍ରଦୀପ କୁମାର ଅମାତ୍ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏକ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ବିଧାନସଭା ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପଣ୍ଡିତ ନୀଳକଣ୍ଠନାଥ ସମ୍ମାନରେ ୨୦୦୯ ପାଇଁ ବିଷ୍ଣୁ ଚରଣ ଦାସ, ୨୦୧୦ ପାଇଁ ଅରୁଣ କୁମାର ସାହୁ, ୨୦୧୧ ପାଇଁ ପ୍ରଭାତ କୁମାର ବିଶ୍ୱାଳ, ୨୦୧୨ ପାଇଁ ଡଃ ପ୍ରଫୁଲ୍ଲ ମାଝୀ, ୨୦୧୩ ନିମନ୍ତେ ଅମର ପ୍ରସାଦ ଶତପଥୀ, ୨୦୧୪ରେ ପ୍ରମିଳା ମଲ୍ଲିକ, ୨୦୧୫ରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ୨୦୧୬ ଡାକ୍ତର ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କୁ ସମ୍ମାନିତ କରାଯିବ। ସେହିରି ଉତ୍କଳଗୌରବ ମଧୁସୂଦନ ଆୱାର୍ଡରେ ୨୦୦୯ ପାଇଁ ସୁରେନ୍ଦ୍ରନାଥ ନାୟକ, ୨୦୧୦ ମସିହା ପାଇଁ ବିମ୍ବାଧର କୁଅଁର, ୨୦୧୧ ପାଇଁ ନିତ୍ୟାନନ୍ଦ ପ୍ରଧାନ, ୨୦୧୨



ପାଇଁ ଉମେଶ ଚନ୍ଦ୍ର ସ୍ୱାଇଁ, ୨୦୧୩ ପାଇଁ ବିକ୍ରମ କେଶରୀ ବର୍ମା, ୨୦୧୪ ପାଇଁ ରାଜେନ୍ଦ୍ର ଢୋଲକିଆ, ୨୦୧୫ ପାଇଁ ସୁରେନ୍ଦ୍ରନାଥ ପରମାଣିକ ଓ ୨୦୧୬ ପାଇଁ ଚକ୍ରଧର ପାଇକଙ୍କୁ ସମ୍ମାନିତ କରାଯିବ। ସେହିରି ଉତ୍କଳମଣି ଗୋପବନ୍ଧୁ ସମ୍ମାନରେ ୨୦୦୯ ପାଇଁ ସଞ୍ଜୟ ଦାସବର୍ମା, ୨୦୧୦ ପାଇଁ ପ୍ରୀତିରଞ୍ଜନ ଘଡ଼େଇ, ୨୦୧୧ ପାଇଁ ସମୀର ରଞ୍ଜନ ଦାସ, ୨୦୧୨ ପାଇଁ ପ୍ରଶାନ୍ତ କୁମାର ମୁଦୁଲି, ୨୦୧୩ ପାଇଁ ବିଜୟ କୁମାର ମହାନ୍ତି, ୨୦୧୪ ପାଇଁ ଡଃ ରାସେଶ୍ୱର ପାଣିଗ୍ରାହୀ, ୨୦୧୫ ପାଇଁ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଓ ୨୦୧୬ ମସିହା ପାଇଁ ପ୍ରଦୀପ ପୁରୋହିତଙ୍କୁ ଏହି ସମ୍ମାନ ମିଳିବ। ସବୁଠୁ ଗୁରୁତ୍ୱ ପୂର୍ଣ୍ଣ କଥା ହେଉଛି ପୁରସ୍କାର ପାଇବାକୁ ଥିବା ବିଧାୟକଙ୍କ ମଧ୍ୟରୁ କଂଗ୍ରେସ ଓ ବିଜେପିର ମାତ୍ର ଜଣେ ଲେଖାଏଁ ନେତା ରହିଛନ୍ତି।

## ଆନ୍ତଃଜାତି ବିବାହ ପ୍ରୋତ୍ସାହନ ରାଶି ଅଢ଼େଇ ଲକ୍ଷକୁ ବୃଦ୍ଧି



**ଭୁବନେଶ୍ୱର :** ସବର୍ଣ୍ଣ ହିନ୍ଦୁ ଓ ଅନୁସୂଚିତ ଜାତି ହିନ୍ଦୁଙ୍କ ମଧ୍ୟରେ ଆନ୍ତଃଜାତି ବିବାହକୁ ଉତ୍ସାହିତ କରିବା ନିମନ୍ତେ ଏ ବାବଦରେ ଥିବା ପ୍ରୋତ୍ସାହନ ରାଶିକୁ ବୃଦ୍ଧି କରାଯାଇଛି। ତାହାକୁ ଏକ ଲକ୍ଷରୁ ଅଢ଼େଇ ଲକ୍ଷକୁ ବଢ଼ାଇ ଦିଆଯାଇଛି। ଏଥିପାଇଁ ଅର୍ଥ ରାଶି ଗ୍ରହୀତାଙ୍କ ନିମନ୍ତେ ଆୟର ସୀମା ରଖାଯାଇ ନାହିଁ। ପୂର୍ବରୁ ଦରଖାସ୍ତ ସମ୍ବନ୍ଧୀୟ ରହିଥିବା ସମସ୍ତ ପ୍ରକ୍ରିୟା ବଳବତ୍ତର ରହିଛି। ଜାତୀୟ ବ୍ୟାଙ୍କରେ ଦମ୍ପତିଙ୍କ ଯୁଗ୍ମ ଆକାଉଣ୍ଟରେ ଏହି ଟଙ୍କା ରଖାଯିବ ଏବଂ ଆକାଉଣ୍ଟର ପ୍ରଥମ ନାମ ମହିଳାଙ୍କର ରହିବ। ଦମ୍ପତି ଏହି ଅର୍ଥରାଶିକୁ ତିନିବର୍ଷ ପର୍ଯ୍ୟନ୍ତ ବ୍ୟାଙ୍କରୁ ଉଠାଣ କରିପାରିବେ ନାହିଁ। ବର୍ତ୍ତମାନ ସୁଦ୍ଧା ୨୦୧୭-୧୮ ଆର୍ଥିକ ବର୍ଷରେ ଓଡ଼ିଶାରେ ୫୪୩ ହିତାଧିକାରୀ ଦମ୍ପତି ଏହି ପ୍ରୋତ୍ସାହନ ରାଶି ଦ୍ୱାରା ଉପକୃତ ହୋଇଛନ୍ତି। ଏ ବାବଦରେ ସମୁଦାୟ ୨ କୋଟି ୬୫ ଲକ୍ଷ ୩୬ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଗତ ୫ ବର୍ଷ ଭିତରେ ପ୍ରାୟ ୩ ହଜାର ୮୦୦ଟି ଦମ୍ପତି ଏହି ପ୍ରୋତ୍ସାହନ ରାଶି ଦ୍ୱାରା ଉପକୃତ ହୋଇଛନ୍ତି। ଜିଲ୍ଲାୱାରୀ ସବୁଠାରୁ ଅଧିକ ବାଲେଶ୍ୱର, ଦ୍ୱିତୀୟରେ କଟକ ଓ ତୃତୀୟରେ ଜଗତସିଂହପୁର ଏହି ପ୍ରୋତ୍ସାହନ ରାଶି ପାଇଛି। ଏହି ବର୍ଦ୍ଧିତ ଅର୍ଥରାଶି ପିଛିଲା ଭାବେ ୨୦୧୭ ମସିହା ସେପ୍ଟେମ୍ବର ୧୪ ତାରିଖରୁ ଲାଗୁ ହେବ ବୋଲି ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ଆଜି ପ୍ରକାଶ କରିଛନ୍ତି।

# ସ୍ୱାଧୀନତା ପରେ ଦେଶରେ ଧାନ ମୂଲ୍ୟ ସର୍ବାଧିକ

## ବିଳମ୍ବରେ ହେଲେ ବି ପଦକ୍ଷେପ ସ୍ୱାଗତଯୋଗ୍ୟ : ବିଜେଡି



**ଭୁବନେଶ୍ୱର :** ବିଳମ୍ବରେ ହେଲେ ମଧ୍ୟ କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୦୦ ଟଙ୍କା ବୃଦ୍ଧି କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବିଜେଡି କହିଛି। ତେବେ ସ୍ୱାମୀନାଥନ୍ କମିଟି ସୁପାରିସ୍ ଆଧାରରେ ମୂଲ୍ୟ ନିର୍ଦ୍ଧାରଣ ହୋଇନଥିବାରୁ ତାହା ଚାଷୀଙ୍କୁ ନିରାଶ କରିବ ବୋଲି ବିଜେଡି କହିଛି। ବିଜେଡି ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ପ୍ରତାପ କେଶରୀ ଦେବ ଏକ ପ୍ରେସ୍ ରିଲିଜ୍‌ରେ କହିଛନ୍ତି ଯେ, ଓଡ଼ିଶାର ଧାନ ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ନିମନ୍ତେ ରାଜ୍ୟ ସରକାର କ୍ରମାଗତ ଉଦ୍ୟମ କରିଆସୁଛନ୍ତି। କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରନ୍ତି କେନ୍ଦ୍ର ସରକାର। ବିଳମ୍ବରେ ହେଲେ ବି କେନ୍ଦ୍ର ସରକାର ଧାନର ଏମ୍‌ଏସ୍‌ପିରେ ୨୦୦ଟଙ୍କା ବୃଦ୍ଧି କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏନ୍‌ଡିଏ ସରକାର ସ୍ୱାମୀନାଥନ କମିଟି ସୁରିସ୍ ଆଧାରରେ ଧାନ ଚାଷରେ ହେଉଥିବା ଖର୍ଚ୍ଚର ଦେଢ଼ଗୁଣା ମୂଲ୍ୟ ବୃଦ୍ଧି କରିବା ପାଇଁ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା କାର୍ଯ୍ୟକାରୀ କଲେ ନାହିଁ। ରାଜ୍ୟର ଚାଷୀମାନଙ୍କ ଦାବିକୁ କ୍ରମାଗତ ଅଣଦେଖା କରି ଧାନର ସର୍ବନିମ୍ନ ସହାୟକ ମୂଲ୍ୟରେ ଉପଯୁକ୍ତ ବୃଦ୍ଧି ନକରିବା ଦୁର୍ଭାଗ୍ୟଜନକ। ଏବେ ଓଡ଼ିଶାର ଚାଷୀମାନେ ଯେଉଁ ଦୁର୍ଦ୍ଦଶା ଭୋଗୁଛନ୍ତି, ତା'ର ମୁଖ୍ୟ କାରଣ ହେଉଛି, ଧାନର ଉଚିତ୍ ମୂଲ୍ୟ ନପାଇବା। ଓଡ଼ିଶା ସରକାର ପ୍ରତି କ୍ୱିଣ୍ଟାଲ ଧାନରେ ଚାଷୀର ସମୁଦାୟ ୨୩୪୪ ଟଙ୍କା ଖର୍ଚ୍ଚ ହେଉଛି ବୋଲି ଆକଳନ କରି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା କରିବାକୁ ଦଳମତ ନିର୍ବିଶେଷରେ ଓଡ଼ିଶା ବିଧାନସଭାରେ ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରାଯାଇ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଥିଲା। କିନ୍ତୁ ସ୍ୱାମୀନାଥନ କମିଟିକୁ ଲାଗୁ କରାଯିବ ବୋଲି କେନ୍ଦ୍ର ସରକାରଙ୍କ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହା ଆଜି ପ୍ରତାରଣାରେ ପରିଣତ ହୋଇଛି। ଏପରିକି ରାଜ୍ୟ ସରକାର ଚାଷୀଙ୍କୁ ବୋନସ୍ ଦେବା ପ୍ରସଂଗରେ କେନ୍ଦ୍ର ସରକାର ସ୍ପଷ୍ଟ ଭାବେ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି ଯେ ଯଦି ଧାନ ସଂଗ୍ରହ କ୍ଷେତ୍ରରେ ରାଜ୍ୟ ସରକାର ଚାଷୀଙ୍କୁ ଟଙ୍କାଟିଏ ବୋନସ୍ ଦିଏ, ତେବେ ବିକେନ୍ଦ୍ରୀକରଣ ଧାନ ସଂଗ୍ରହରେ ଏଫ୍‌ସିଆଇ ସାମିଲ ହୋଇପାରିବ ନାହିଁ।

## ଏମ୍‌ଏସ୍‌ପି ବୃଦ୍ଧି ନିଷ୍ପତ୍ତି ଐତିହାସିକ : ବିଜେପି



**ଭୁବନେଶ୍ୱର :** କେନ୍ଦ୍ର କ୍ୟାବିନେଟ୍‌ରେ ଧାନ ସହିତ ଆଉ ୧୪ଟି ଖାଦ୍ୟ ଶସ୍ୟ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ନିଷ୍ପତ୍ତି ଐତିହାସିକ ବୋଲି ରାଜ୍ୟ ବିଜେପି ଶାଖା କହିଛି। ଏଥିପାଇଁ ରାଜ୍ୟ ବିଜେପି ଶାଖା ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏଥିସହିତ କେନ୍ଦ୍ର କୃଷି ମନ୍ତ୍ରୀ ରାଧାମୋହନ ସିଂହ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍ ଓ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଜେପି ରାଜ୍ୟ ଉପ ସଭାପତି ସମୀର ମହାନ୍ତି ଧନ୍ୟବାଦ ଦେଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ ମହାନ୍ତି କହିଛନ୍ତି, ୨୦୦ ଟଙ୍କା ପର୍ଯ୍ୟନ୍ତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟରେ ବୃଦ୍ଧି କେନ୍ଦ୍ର ସରକାରରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣାର ସର୍ବକାଳୀନ ରେକର୍ଡ। ମୋଦି ସରକାରଙ୍କର ଚାଷୀଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ ଧାନ ସମେତ ଡାଲି ଓ ତୈଳ ବୀଜ ଉପରେ ସହାୟକ ମୂଲ୍ୟରେ ଯଥେଷ୍ଟ ବୃଦ୍ଧି କରି ଉତ୍ପାଦନ ମୂଲ୍ୟ ଉପରେ ୧.୫ଗୁଣ ବୃଦ୍ଧି କରିଛନ୍ତି। ଧାନର ଉତ୍ପାଦନ ମୂଲ୍ୟ ୧୧୬୬ ଟଙ୍କା ନିର୍ଦ୍ଧାରଣ ହୋଇଥିବା ବେଳେ ବିକ୍ରିର ସହାୟକ ମୂଲ୍ୟ ୧୭୫୦ ଟଙ୍କା ଏବଂ ୧୭୯୦ଟଙ୍କା ହେବା ଫଳରେ ଓଡ଼ିଆ ଚାଷୀଙ୍କୁ ବଞ୍ଚିବାର ରାହା ମିଳିରିବ। ଅନ୍ୟପକ୍ଷରେ ରାଜ୍ୟର ଶାସକ ବିଜେଡି ଚାଷୀମାନଙ୍କୁ ସହାୟତା ପ୍ରଦାନ ବଦଳରେ କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛି ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି। ନିର୍ଦ୍ଧାରିତ ନୂତନ ସହାୟକ ମୂଲ୍ୟ ଅନୁଯାୟୀ ଆଗାମୀ ଖରିଫ ସିଜିନରେ ଓଡ଼ିଶାର ପ୍ରତିଟି ମଣ୍ଡିରେ ଠିକ୍ ଢ଼ଙ୍ଗରେ କେମିତି ଚାଷୀ ଧାନ ବିକ୍ରି କରିବାର ସୁଯୋଗ ପାଇପାରିବେ ଏବଂ ଅଭାବୀ ବିକ୍ରି ନହେବ, ସେକଥା ଉପରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ବିଜେପି ଚେତାବନୀ ଦେଉଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ, ମୁଖପାତ୍ର ଗୋଲକ ପ୍ରସାଦ ମହାପାତ୍ର, କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ସୁରଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ଏଭଳି ଐତିହାସିକ ନିଷ୍ପତ୍ତିକୁ କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ଖୁସିରେ ବାଜା ବଜାଇ ସ୍ୱାଗତ ଜଣାଇଛନ୍ତି।

## ଫେଲ୍ ମାରିଛି କେନ୍ଦ୍ର ସରକାର : କଂଗ୍ରେସ



**ଭୁବନେଶ୍ୱର :** କେନ୍ଦ୍ର ସରକାରଙ୍କ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧିକୁ ସମାଲୋଚନା କରିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ। ଚଳିତ ବର୍ଷ କଥା ଛାଡ଼ନ୍ତୁ, ଗତ ବର୍ଷର ଖର୍ଚ୍ଚ ତୁଳନାରେ ଏହା ଦେଢ଼ଗୁଣା ନୁହେଁ। ୪ ବର୍ଷର ମୋଦି ସରକାରଙ୍କ ପାଇଁ ଏହା ଶେଷ ସୁଯୋଗ ଥିଲା, କେନ୍ଦ୍ର ସରକାର ଏଥିରେ ଫେଲ୍ ମାରିଛନ୍ତି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। କେନ୍ଦ୍ର ସରକାର ବୁଧବାର ୨୦୧୮-୧୯ ଖରିଫ ଋତୁ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଘୋଷଣା କରିଛନ୍ତି। ଏହା କ୍ୱିଣ୍ଟାଲ ପିଛା ୨୦୦ ଟଙ୍କା ବୃଦ୍ଧି କରାଯାଇଛି। ୨୦୧୭-୧୮ରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପର୍ଯ୍ୟାପ୍ତ ନୁହେଁ ଏବଂ ଏହାଦ୍ୱାରା ଚାଷୀ ବିଶେଷ ଲାଭବାନ ହେବେନାହିଁ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି, ଖରିଫ ଋତୁରେ ଜୁନ୍ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହ ସୁଦ୍ଧା କେନ୍ଦ୍ର ସରକାର କୃଷି ଉତ୍ପାଦ ନିମନ୍ତେ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରିଆସୁଥିଲେ ମଧ୍ୟ ଚଳିତ ବର୍ଷ ସେଥିରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଦୁଇଦିନ ତଳେ ଏହି ଦାବି ଉପସ୍ଥାପନ କରାଯାଇ ତୁରନ୍ତ ଏମ୍‌ଏସ୍‌ପି ଘୋଷଣା କରିବାକୁ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେବେ କେନ୍ଦ୍ର ସରକାର ପ୍ରାୟ ଏକମାସ ବିଳମ୍ବରେ ଯେତିକି ଏମ୍‌ଏସ୍ ଘୋଷଣା କଲେ ତାହା ଚାଷୀଙ୍କ ପାଇଁ ବିଶେଷ ସହାୟକ ହେବନାହିଁ। କାରଣ ପୂର୍ବରୁ ରାଜ୍ୟ ସରକାର ସାଧାରଣ କିସମ ଧାନ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ଧାର୍ଯ୍ୟ କରିବାକୁ କେନ୍ଦ୍ରକୁ ପ୍ରସ୍ତାବ ଦେଇଥିଲେ। ତେବେ କୃଷି ଉତ୍ପାଦନ ଖର୍ଚ୍ଚ ଓ ମୂଲ୍ୟ ନିର୍ଦ୍ଧାରଣ ଆୟୋଗ (ସିଏସ୍‌ପି) ସାଧାରଣ କିସମ ଧାନ କ୍ୱିଣ୍ଟାଲ ପିଛା ୧୭୪୫ ଟଙ୍କା ଏବଂ 'ଏ' ଗ୍ରେଡ଼ ଧାନ କ୍ୱିଣ୍ଟାଲ ପିଛା ଏମ୍‌ଏସ୍‌ପି ୧୭୭୦ ଟଙ୍କା ଧାର୍ଯ୍ୟ କରିବାକୁ ସୁ ।ରିଶ କରିଥିଲେ। ତାହାକୁ ବିଚାରକୁ ନେଇ କେନ୍ଦ୍ର ସରକାର ଏମ୍‌ଏସ୍‌ପି ୨୦୦ ଟଙ୍କା ବୃଦ୍ଧି କରିଛନ୍ତି। ପୂର୍ବରୁ ପ୍ରଧାନମନ୍ତ୍ରୀ ସର୍ବନିମ୍ନ ସହାୟକ ମୂଲ୍ୟ କୃଷି ଉତ୍ପାଦନ କ୍ଷେତ୍ରରେ ହେଉଥିବା ଖର୍ଚ୍ଚର ଦେଢ଼ଗୁଣ ଧାର୍ଯ୍ୟ କରିବାକୁ ଘୋଷଣା କରିଥିଲେ। କିନ୍ତୁ ବୁଧବାର ଘୋଷଣା କରାଯାଇଥିବା ଏମ୍‌ଏସ୍‌ପି ଚାଷୀଙ୍କୁ ପ୍ରତାରଣା କରିବାଭଳି ହୋଇଛି ବୋଲି ଶ୍ରୀ ପଟ୍ଟ ନାୟକ ଅଭିଯୋଗ କରିବା ସହିତ ଏଥିରେ ସଂଶୋଧନ ପାଇଁ ଦାବି କରିଛନ୍ତି।

**ନୂଆଦିଲ୍ଲୀ :** ଏମ୍‌ଏସ୍‌ପିକୁ ନେଇ ଦୀର୍ଘଦିନ ପ୍ରତୀକ୍ଷାର ଅବସାନ ଘଟିଛି। କେନ୍ଦ୍ର ସରକାର ଖରିଫ ଫସଲସର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି କରିବା ଫଳରେ ଦେଶର କୃଷକମାନଙ୍କ ମଧ୍ୟରେ ଖୁସିର ଲହର ଖେଳିଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଐତିହାସିକ ବୋଲି କହିଥିଲା ବେଳେ ଗୃହମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ, ଭାରତ ସ୍ୱାଧୀନ ହେବା ପରଠାରୁ ପ୍ରଥମଥର ପାଇଁ ଧାନ ସର୍ବନିମ୍ନ ସହାୟକ ମୂଲ୍ୟରେ ବୃହତ ପରିମାଣର ବୃଦ୍ଧି କରାଯାଇଛି। ସେହିପରି ଏମ୍‌ଏସ୍‌ପି ବୃଦ୍ଧିକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଷୀଙ୍କ ଆୟ ଦୁଇଗୁଣିତ କରିବା ପାଇଁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ କରିଛନ୍ତି। ଯାହା ଏକ ଐତିହାସିକ ନିଷ୍ପତ୍ତି। କେନ୍ଦ୍ର ଅର୍ଥନୈତିକ ବ୍ୟାପାର କ୍ୟାବିନେଟ କମିଟି ନୂଆ ଦର ଘୋଷଣା କରିଛନ୍ତି। ଘୋଷଣା ଅନୁସାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୟୁଣ୍ଟାଲ ପିଛା ୨୦୦ ଟଙ୍କା ବୃଦ୍ଧି କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା ଅର୍ଥନୈତିକ ବ୍ୟାପାର କ୍ୟାବିନେଟ କମିଟିର ନିଷ୍ପତ୍ତି ଅନୁସାରେ ୨୦୧୮-୧୯ ଖରିଫ ଋତୁ ପାଇଁ ଧାନର ସର୍ବନିମ୍ନ ସହାୟକ ଦର ୧୫୫୦ ଟଙ୍କାରୁ ସର୍ବାଧିକ ୧୭୫୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଗ୍ରେଡ୍ ଏ ଧାନର ଏମ୍‌ଏସ୍‌ପି ୧୫୯୦ ଟଙ୍କାରୁ ୧୭୭୦ ଟଙ୍କାକୁ ବୃଦ୍ଧି ହୋଇଛି। ସେହିରି ହାଇବ୍ରିଡ୍ ଯଅର ଏମ୍‌ଏସ୍ ୧୭୦୦ ଟଙ୍କାରୁ ୨୪୩୦ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ମାଲଦାଣ୍ଡି ଯଅର ଏମଏସପି ୧୭୨୫ରୁ ୨୪୫୦ ଟଙ୍କାକୁ ବୃଦ୍ଧି କରାଯାଇଛି। ରାଗି ବା ମାଣ୍ଡିଆ ଏମଏସପି ୧୯୦୦ ଟଙ୍କାରୁ ୪୮୯୭ ଟଙ୍କା, ମକା ୧୪୭୫ ଟଙ୍କାରୁ ୧୭୦୦ ଟଙ୍କା ଏବଂ ହରଡ଼ ଡାଲି ୫୪୫୦ ଟଙ୍କାରୁ ୫୬୭୫ ଟଙ୍କାକୁ ବୃଦ୍ଧି ହୋଇଛି। ସେହିପରି ମୁଗର ଦର ୫୫୭୫ ଟଙ୍କାରୁ ୬୯୭୫ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ଚିନାବାଦାମ ୪୪୫୦ ଟଙ୍କାରୁ ୪୪୯୦ ଟଙ୍କା, ସୂର୍ଯ୍ୟମୁଖୀ ମଞ୍ଜି ୪୧୦୦ ଟଙ୍କାରୁ ୫୩୮୮ ଟଙ୍କାକୁ ବୃଦ୍ଧି କରାଯାଇଛି। ସୋୟାବିନ ୩୦୫୦ ଟଙ୍କାରୁ ୩୩୯୯ ଟଙ୍କା, ରାଶି ୫୩୦୦ ଟଙ୍କାରୁ ୬୨୪୯ ଟଙ୍କାକୁ ବୃଦ୍ଧି କରାଯାଇଛି। କଳାରାଶିର ମୂଲ୍ୟ ୪୦୫୦ ଟଙ୍କାରୁ ୫୮୭୭ ଟଙ୍କାକୁ ବୃଦ୍ଧି ହୋଇଛି। କେନ୍ଦ୍ର ସରକାରଙ୍କର ଏହି ନିଷ୍ପତିକୁ ଐତିହାସିକ ବୋଲି ବିବେଚନା କରାଯାଉଛି। ୨୦୧୮-୧୯ ସାଧାରଣ ବଜେଟରେ କୃଷକମାନଙ୍କୁ ସେମାନଙ୍କ ଉତ୍ପାଦିତ ସମସ୍ତ ଖରିଫ ଫସଲର ପାଖାପାଖି ଦେଢ଼ଗୁଣା ସମର୍ଥନ ମୂଲ୍ୟ ଦିଆଯିବା ଲାଗି ଘୋଷଣା କରାଯାଇଥିଲା। ଏହି ନୀତି ଆଧାରରେ ଏଭଳି ଗୁରୁତ୍ୱ ପୂର୍ଣ୍ଣ ନିଷ୍ପତି ନିଆଯାଇଛି ବୋଲି ସରକାର କହିଛନ୍ତି। ସରକାରଙ୍କ ତରଫରୁ କୁହାଯାଇଛି ଯେ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଏବଂ ଅନ୍ୟ ଅଧିକୃତ ରାଜ୍ୟ ସଂସ୍ଥା ପୋଷକ ଶସ୍ୟ ସହିତ ଅନ୍ୟ ଶସ୍ୟ ଲାଗି କୃଷକମାନଙ୍କୁ ମୂଲ୍ୟ ସହାୟତା ଜାରି ରଖିବେ। ଭାରତୀୟ ଜାତୀୟ କୃଷି ସମବାୟ ବିପଣନ ସଂଘ (ନାଫେଡ), ଏଫସିଆଇ, ସ୍ମଲ ଫାର୍ମର୍ସ ଏଗ୍ରୀବିଜ୍‌ନେସ କନସୋର୍ଟିୟମ (ଏସଏଫଏସି) ଏବଂ ଅନ୍ୟ ଅଧିକୃତ କେନ୍ଦ୍ରୀୟ ସଂସ୍ଥା ଡାଲି ଜାତୀୟ ଏବଂ ତୈଳବୀଜ ଫସଲ କ୍ରୟ ଜାରି ରଖିବେ। ଭାରତୀୟ କପା ନିଗମ (ସିସିଆଇ) କପାର ସମର୍ଥନ ମୂଲ୍ୟ ଅନୁଧାନ ଲାଗି ନୋଡାଲ ଏଜେନ୍ସି ହେବ। ଡାଲି ଜାତୀୟ ଫସଲ ଉତ୍ପାଦନକୁ ପ୍ରୋତ୍ସାହନ ଦିଆଯିବା ଦ୍ୱାରା ଭାରତକୁ ପୁଷ୍ଟିସାଧନ ବିଦର ମୁକାବିଲା, ମୃତ୍ତିକାରେ ନାଇଟ୍ରୋଜେନର ମାତ୍ରା ବୃଦ୍ଧି ଏବଂ ଉର୍ବରକତା ଓ କୃଷକମାନଙ୍କ ଆୟ ବୃଦ୍ଧିରେ ସହାୟତା ମିଳିରିବ। ଏହାବ୍ୟତୀତ ସର୍ବନିମ୍ନ ସମର୍ଥନ ମୂଲ୍ୟରେ ବୃଦ୍ଧି ଦ୍ୱାରା ତୈଳବୀଜ ଉତ୍ପାଦନକୁ ମଧ୍ୟ ପ୍ରୋତ୍ସାହନ ମିଳିବ। ତେବେ ଏସବୁ ଫସଲର ଏମଏସପି ବୃଦ୍ଧି କରାଯିବା କାରଣରୁ ଖାଦ୍ୟ ଦର ଏବଂ ସରକାରଙ୍କ ଉପରେ ଆର୍ଥିକ ବୋଝ ବୃଦ୍ଧି ପାଇବ ବୋଲି ହେଉଥିବା ଆଶଙ୍କାକୁ ଖାରଜ କରିଛନ୍ତି ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର। ସେ ଗଣମାଧ୍ୟମକୁ କହିଛନ୍ତି ଯେ ଏଥିଯୋଗୁଁ ଆର୍ଥିକ କ୍ଷତି ହେବ ବୋଲି ଆକଳନ କରିବା ଠିକ ନୁହେଁ। ଆମେ ଏହାର ନକାରାତ୍ମକ ଦିଗ ପ୍ରତି ନଜର ପକାଇବା ନାହିଁ। ମୁଦ୍ରାସ୍ଫୀତି ଉପରେ ଖାଦ୍ୟ ଓ ଇନ୍ଧନର ଭୂମିକା ନାହିଁ ବୋଲି ସେ କହିଛନ୍ତି।

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୯ - ୧୫ ଜୁଲାଇ, ୨୦୧୮

# ଉତ୍ତରଦାୟୀଙ୍କୁ ଦଣ୍ଡ ମିଳୁ

**ବ**ର୍ଷା ଆସିଲେ ରାଜଧାନୀକୁ ଜଳବନ୍ଦୀ ଚିନ୍ତା। ବିଗତ କେତେବର୍ଷ ହେବ ଏଭଳି ସମସ୍ୟା ଜାରି ରହିଥିଲେ ସୁଦ୍ଧା ପ୍ରଶାସନ ଜଳବନ୍ଦୀ ସମୟରେ ଯେଭଳି ତତ୍ପରତା ପ୍ରକାଶ କରେ ଅନ୍ୟ ସମୟରେ ହୁଏତ ସେମିତି ହୋଇନଥାଏ। ଏହା କେବଳ ଲୋକଙ୍କ ଦାବି, ପ୍ରତିବାଦ ଓ ହୋହଲ୍ଲାକୁ ଦେଖି। ତେବେ ପ୍ରଶ୍ନଉଠେ କ୍ରମବର୍ଦ୍ଧିଷ୍ଣୁ ଭୁବନେଶ୍ୱରର ଜନସଂଖ୍ୟା ଆଧାରରେ କରାଯାଉଥିବା ବିଭିନ୍ନ ଯୋଜନା ଓ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଯେଉଁ ନକ୍ସା ପ୍ରସ୍ତୁତ କରାଯାଏ ତଦନୁସାରେ କାର୍ଯ୍ୟ କରାଯାଇଥିଲେ ଏଭଳି ସମସ୍ୟା ଉପୁଜୁନଥାନ୍ତା। ସହର ବିକାଶରେ ବିଭିନ୍ନ ବିଭାଗର ସମନ୍ୱୟ ଓ ଦକ୍ଷତାପୂର୍ଣ୍ଣ କାର୍ଯ୍ୟଧାରା ଯୋଜନାକୁ ସଫଳ କରିବାର ଯେଉଁ ନିୟମସବୁ ରହିଛି ତାହା ଅନୁଶୀଳନ କରାନଯିବା ଦ୍ୱାରା ସମସ୍ୟା ବଢ଼ି ଚାଲିଛି। ବିପଦ ପଡିଲେ ଗୋଟିଏ ବିଭାଗ ଅନ୍ୟ ଗୋଟିଏ ବିଭାଗ ଉପରେ ଦୋଷ ଲଦିଲା ଭଳି ପରିସ୍ଥିତି ସୃଷ୍ଟି କରି ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇଦେବା ମଧ୍ୟ ଏହାର ଅନ୍ୟତମ କାରଣ। ରାସ୍ତାଘାଟ, ଡ୍ରେନ୍ ଓ ଛୋଟବଡ ପୋଲ ନିର୍ମାଣ ପୂର୍ବରୁ ଏଥିପାଇଁ ବହୁବାର ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଥାଏ। ତେବେ ନିର୍ମାଣ କାର୍ଯ୍ୟ ସରିବା ପରେ ଏଥିରେ ନାନା ତ୍ରୁଟିବିଚ୍ୟୁତି ଦେଖାଯାଇଥାଏ। ଏଭଳି ତ୍ରୁଟିବିଚ୍ୟୁତି ଦେଖାଦେବା ଫଳରେ ପ୍ରଶାସନ ବା ସରକାର ଏହାର ପୁନର୍ନିର୍ମାଣ ପାଇଁ ପୁଣି ରାଜକୋଷରୁ ଅର୍ଥ ଖର୍ଚ୍ଚ କରିଥାନ୍ତି। ତେବେ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପାଇଁ କାହାକୁ ସଠିକ୍ ଭାବେ ଦାୟୀ କରାଯାଇ ନଥାଏ। ଯେଉଁଥିପାଇଁ ସମ୍ପୃକ୍ତ କାର୍ଯ୍ୟ ସହ ଜଡିତ ଯନ୍ତ୍ରୀ ଏବଂ ଠିକାଦାରମାନେ ଅନାୟାସରେ ଖସିଯାଆନ୍ତି। ପରେ କାର୍ଯ୍ୟର ଗୁଣବତ୍ତାକୁ ନେଇ ପ୍ରଶାସନ ସମାଲୋଚିତ ହୁଏ ସିନା ଅଧିକାରୀମାନଙ୍କର କୌଣସି କ୍ଷତି ହୁଏନାହିଁ। ଅଧିକାରୀମାନେ ଉତ୍ତରଦାୟୀ ନହେଲେ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ବିରାମ ନେବାନାହିଁ। କାରଣ ଗୋଟିଏ କାର୍ଯ୍ୟକୁ ବାରମ୍ବାର ଭାଙ୍ଗିବା ଗଢ଼ିବାରେ ସରକାର ପୁଣି ରାଜକୋଷରୁ ଅର୍ଥ ଖର୍ଚ୍ଚ କରିବେ। ଏହାଦ୍ୱାରା ରାଜକୋଷ ଖାଲିହୁଏ ସିନା ଅଧିକାରୀମାନଙ୍କର କାର୍ଯ୍ୟ ପ୍ରକ୍ରିୟାରେ କୌଣସି ପରିବର୍ତ୍ତନ ଦେଖାଦିଏନାହିଁ। ଏଭଳି ଢଙ୍ଗରେ କାର୍ଯ୍ୟ ଚାଲିବା ଦ୍ୱାରା ମତଲବଖୋର ମାନେ ନିଜ ନିଜର ସ୍ୱାର୍ଥ, ସୁବିଧା ହାସଲ କରୁଥିଲେ ବି ଏହା ଉପରେ କାହାର ନିୟନ୍ତ୍ରଣ ନଥାଏ। ଯଦି ଗୋଟିଏ କାର୍ଯ୍ୟର ତ୍ରୁଟି ପାଇଁ ସମ୍ପୃକ୍ତ ଅଧିକାରୀ, କର୍ମଚାରୀ ଓ ଠିକାଦାରଙ୍କୁ କଠୋର ଦଣ୍ଡ ଏବଂ ଆର୍ଥିକ ଜୋରିମାନାର ସମ୍ମୁଖୀନ ହେବାକୁ ପଡନ୍ତା ତେବେ ସେମାନେ ଆଉ ଏଭଳି କରିବାକୁ ସାହସ କରନ୍ତେ ନାହିଁ। ତେଣୁ ଭୁବନେଶ୍ୱର ସହର ବିକାଶ ସହିତ ଅଙ୍ଗାଙ୍ଗୀଭାବେ ଜଡିତ ଥିବା ବିଭାଗ ଓ ସଂସ୍ଥା ମାନେ ଯେପର୍ଯ୍ୟନ୍ତ ନିଜ ନିଜର କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ ନ କରିବେ ସେ ପର୍ଯ୍ୟନ୍ତ ଏହି ଧାରା ଜାରି ରହିଥିବ। ନାଳ ନର୍ଦ୍ଦମା ଅବରୋଧ ହେଉ କିମ୍ବା ସରକାରୀ ଜମି ଜବରଦଖଲ ହେଉ ଆରମ୍ଭରୁ ଏଥିପ୍ରତି ସତର୍କ ଦୃଷ୍ଟି ଦିଆଯାଉଥିଲେ ପରେ ସମସ୍ୟା ଦେଖା ଦିଅନ୍ତା ନାହିଁ। କିନ୍ତୁ ଏଭଳି

ସମ୍ପାଦକୀୟ
ତାରକ ମହାନ୍ତି



ବେଆଇନ କାର୍ଯ୍ୟ ଆରମ୍ଭ ହେଉଥିଲା ବେଳେ ଯେଉଁ ଯେଉଁ ବିଭାଗ ଏହାପ୍ରତି ନଜର ରଖିବା କଥା ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା ତାହା ନହେବା ଦ୍ୱାରା ଦିନକୁ ଦିନ ସମସ୍ୟା ବଢ଼ି ବଢ଼ି ଯାଉଛି। ପରେ ଅବରୋଧ ଓ ଜବରଦଖଲ ହଟାଇବା ପାଇଁ ପ୍ରଶାସନ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଛି। ଏହି ବ୍ୟୟଭାର ରାଜ୍ୟ ରାଜକୋଷ ଉପରେ ପଡୁଥିଲେ ବି କୌଣସି ସରକାରୀ କର୍ମଚାରୀ ଏହାକୁ ନିଜର କର୍ତ୍ତବ୍ୟ ବା ତ୍ରୁଟି ବୋଲି ସହଜରେ ଗ୍ରହଣ କରିନଥାନ୍ତି। ସମସ୍ତ ଘଟଣା ଉପରେ ବିଭିନ୍ନ ସଂସ୍ଥା ବା ବିଭାଗ ନିଜର ପ୍ରଶାସନୀୟ ଦୃଷ୍ଟିଭଙ୍ଗୀ ନିବଦ୍ଧ ନକରିବା ଫଳରେ ଅବରୋଧକାରୀ ଓ ଜବରଦଖଲକାରୀଙ୍କ ମନ ଭିତରେ ଭୟ କିମ୍ବା ଆଶଙ୍କା ଦେଖା ଦେଇନଥାଏ। ସେମାନେ ନିର୍ବିଘ୍ନ ଓ ନିର୍ଦ୍ୱନ୍ଦ୍ୱରେ ସରକାରଙ୍କ ପାଇଁ ସମସ୍ୟା ଦୃଷ୍ଟି କରି ନିଜର ମୁନାଫା ହାସଲ କରିବା ଦିଗରେ ସଫଳ ହୋଇଥାନ୍ତି। କେବଳ ଭୁବନେଶ୍ୱର ସହର କଥା ବିଚାରକୁ ନେଲେ ଜଣାପଡେ ଯେ, ସ୍ମାର୍ଟସିଟିର ମାନ୍ୟତା ହାସଲ କରିଥିବା ଏହି ସହରରେ ଜବରଦଖଲ ସମସ୍ୟା ଉତ୍କଟ ଆକାର ଧାରଣ କରୁଥିଲେ ବି ଏହାକୁ ରୋକିବାକୁ ପ୍ରଶାସନିକ ତତ୍ପରତା ଯେଭଳି ପ୍ରକାଶ ପାଇବା କଥା ତାହା ପ୍ରକାଶ ପାଉନାହିଁ। ଯେଉଁଥିପାଇଁ ସହରକୁ ସ୍ମାର୍ଟ କରିବାର ସବୁ ପରିକଳ୍ପନା ବାସ୍ତବିକ ରୂପ ନେବା ଆଗରୁ ଅନେକ ପ୍ରତିବନ୍ଧକ ଦେଖାଦେଉଛି। ମୁଖ୍ୟ କାରଣ ଭାବେ ଦେଖିଲେ ପେଟପାଟଣା ପାଇଁ ଚାକିରିଆଙ୍କ ବ୍ୟତୀତ ବହୁ ପରିବାର ରାଜଧାନୀ ମୁହାଁ ହୋଇଛନ୍ତି। କେହି ଦିନ ମଜୁରିଆ ତ ଆଉ କେହି ଛୋଟମୋଟ ବେପାର ବଣିଜ କରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ପରିସଂଖ୍ୟାନ ଅନୁସାରେ ଏମାନଙ୍କ ମଧ୍ୟରେ ଉଠାଦୋକାନୀ ଓ ବୁଲା ବିକାଳୀଙ୍କ ସଂଖ୍ୟା ସବୁଠୁ ଅଧିକ। ଯେଉଁଥିପାଇଁ କମ୍ ଉପାର୍ଜନ ହେତୁ ଏ ସମସ୍ତ ଲୋକେ ମହଙ୍ଗା ଘରଭଡା ଦେବାକୁ ସମର୍ଥ ହୋଇପାରନ୍ତି ନାହିଁ। ଏଥିଯୋଗୁଁ ସେମାନେ ବସ୍ତି ଅଞ୍ଚଳରେ ଅଳ୍ପ ଖର୍ଚ୍ଚରେ ରହିବାକୁ ବିଶେଷ ପସନ୍ଦ କରନ୍ତି। କାରଣ ବସ୍ତିରେ ରହିବା ଫଳରେ ଏଠାରେ ସରକାରୀ ଜାଗା ଖଣ୍ଡେ ମାଡିବସି ଝୁମ୍ପୁଡି ହେଉ କି ଟିଣ ଘର ଖଣ୍ଡେ ତିଆରି କରିଦେଲେ ବାସସ୍ଥାନ ଚିନ୍ତା ଆଉ ନଥାଏ। ବସ୍ତିକୁ ପାନୀୟ ଜଳ ଓ ବିଦ୍ୟୁତ୍ ଯୋଗାଣ ପାଇଁ ସରକାରଙ୍କ ପ୍ରୋତ୍ସାହନ ଥିବାରୁ ଏମାନେ ଏଠାରେ ବିଶେଷ ସମସ୍ୟାର ସମ୍ମୁଖୀନ ହୁଅନ୍ତିନାହିଁ। ପରବର୍ତ୍ତୀ ସମୟରେ ସ୍ଥାନୀୟ ନେତା ବା କର୍ପୋରେଟରଙ୍କ ସହାୟତା ମିଳିଲେ ବସ୍ତିରେ ରହୁଥିବା ଲୋକମାନେ ବିପିଏଲ କାର୍ଡ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସରକାରୀ ସୁବିଧା (ଯାହା ଗରିବଙ୍କ ପାଇଁ ଉପଲବ୍ଧ) ପାଇବାରେ ହକ୍‌ଦାର ହୁଅନ୍ତି। ଫଳରେ ବସ୍ତି ହିଁ ରାଜଧାନୀ ଜନସଂଖ୍ୟାର ବଡ ଅଂଶକୁ ଜାହିର କରୁଛି। ବସ୍ତି ସଂଖ୍ୟା ବଢ଼ିବା ଦ୍ୱାରା ଭୋଟ ରାଜନୀତିରେ ଏମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନେତା ବାଛିବା ପାଇଁ ବସ୍ତି ଭୋଟ ହିଁ ନିର୍ଣ୍ଣାୟକ ସାବ୍ୟସ୍ତ ହେଉଛି ଏଠାରେ। ତେଣୁ ଭୋଟ ଆଶାରେ ସ୍ଥାନୀୟ ନେତାମାନେ ବସ୍ତି ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେଉନଥିବା ବେଶ୍ ସ୍ପଷ୍ଟ। ଯେଉଁଥିପାଇଁ ରାଜଧାନୀର ଯେଉଁ ଅଞ୍ଚଳକୁ ଲକ୍ଷ୍ୟ କଲେ ଜାଣିହେବ ଯେ, ଖାଲି ପଡିଥିବା ସରକାରୀ ଜମିର ମାଲିକ ଯେମିତି ବସ୍ତିବାସିନ୍ଦା। ଘରୋଇ ଜମିଥିବା ଅଞ୍ଚଳ ବ୍ୟତୀତ ବିଡିଏ ଓ ହାଉସିଂବୋର୍ଡ ସଂସ୍ଥା ଯେଉଁ ଯେଉଁ ସ୍ଥାନରେ ଗୃହ ନିର୍ମାଣ କରିଛି ସେଠାରେ ମଧ୍ୟ ଜବରଦଖଲ ସମସ୍ୟା ସବୁଠୁ ଅଧିକ। ସ୍ଥାନୀୟ ଅଞ୍ଚଳରୁ ଅଭିଯୋଗ ନ ଆସିଲେ କୌଣସି ବିଭାଗ ଜବରଦଖଲ ଉଚ୍ଛେଦ କରିବାକୁ ଆଗଭର ହୋଇନଥାନ୍ତି। ଯଦି କେବେ ବାଧ୍ୟବାଧକତାରେ ଏହା ହୋଇଥାଏ ଏଥିରେ ପ୍ରକ୍ରିୟାଟି ଆଦୌ ସମ୍ପୂର୍ଣ୍ଣ ହୋଇନଥାଏ। ବରଂ ନାମକୁ ମାତ୍ର ଉଚ୍ଛେଦ କରି ଉଚ୍ଛେଦକାରୀ ଟିମ୍ ପଛକୁ ଫେରନ୍ତି। ହେଲେ ଏହି ଉଚ୍ଛେଦ ପ୍ରକ୍ରିୟା ବା ଅବରୋଧ ହଟାଇବାରେ ସରକାରଙ୍କ ବିପୁଳ ଅର୍ଥ କ୍ଷତି ହୋଇଥାଏ। ଯେଉଁ ମାନଙ୍କ ତ୍ରୁଟି ଯୋଗୁଁ ରାଜକୋଷର କ୍ଷତି ହେଲା ତାହାର ତର୍ଜମା କେବେ କରାଯାଏନାହିଁ। ଯେପର୍ଯ୍ୟନ୍ତ ଦୋଷୀ ଅଧିକାରୀଙ୍କୁ ତ୍ରୁଟି ପାଇଁ ଉତ୍ତରଦାୟୀ କରାନଯାଇଛି ସେପର୍ଯ୍ୟନ୍ତ ସମସ୍ୟାରୁ ମୁକ୍ତିନାହିଁ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬ ,ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ସୁଶାସନ ରାଜନୀତିର କେନ୍ଦ୍ରବିନ୍ଦୁ

**ଗିରିଜା ଶଙ୍କର ଦାସ**

ପ୍ରଧାନ ସେବକ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ରସରକାରଙ୍କ ୪ ବର୍ଷ ପୂରଣ ହୋଇଗଲା । ଏହି ୪୮ ମାସର କାର୍ଯ୍ୟକାଳ ମଧ୍ୟରେ ମୋଦୀ ସରକାର ଗୋଟିଏ ପକ୍ଷରେ ସାଧାରଣ ଜନତାଙ୍କ ସହିତ ପ୍ରଭାବି ସମ୍ବାଦ ସ୍ଥାପିତ କରିଛନ୍ତି, ସେଠାରେ ଆର୍ଥିକ ନିର୍ଣ୍ଣୟ ଏବଂ ଗରିବ କଲ୍ୟାଣ, ଜନହିତକର କାର୍ଯ୍ୟକ୍ରମର ସଫଳତା ଓ ସାମାଜିକ ବିଷୟଗୁଡ଼ିକ ପ୍ରତି ସଜଗତା ଦେଶର ସାଧାରଣ ନାଗରିକଙ୍କ ମନରେ ଆତ୍ମ ସମ୍ମାନ ଏବଂ ବିଶ୍ୱାସର ଭାବ ବୃଦ୍ଧି କରିଛି । ଏହି କାରଣ ହେତୁ ୪ବର୍ଷରେ ଜନ ସାମାନ୍ୟର ରାଜନୈତିକ ବିଷୟରେ ସକ୍ରିୟତା ବୃଦ୍ଧି ପାଇଛି । ସାଧାରଣ ଜନତାଙ୍କ ପ୍ରସଙ୍ଗରୁ ନେଇ ଉତ୍ତର ପୂର୍ବ ରାଜ୍ୟ ଗୁଡ଼ିକର ନିର୍ବାଚନ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ରାଜନୀତିର କେନ୍ଦ୍ର ବିନ୍ଦୁରେ ରହିଲେ । ଯେଉଁଠାରୁ ସାଧାରଣ ଜନତାଙ୍କ ଆଶା ଓ ଆକାଂକ୍ଷାର ବୃଦ୍ଧି ଘଟିଛି । ସେଠାରେ ଯୁବବର୍ଗଙ୍କ କ୍ଷେତ୍ରରେ ଭାରତୀୟତାର ଭାବ ପ୍ରଭାବୀ ହୋଇଛି । ଭାଜପାର ବିଭିନ୍ନ ରାଜ୍ୟରେ ନିଜର କାୟା ବିସ୍ତାର ଜନଭାବନାର ସକାରାତ୍ମକ ହେବା ଦର୍ଶାଇଛି । ମୋଦୀ ସରକାରଙ୍କ ଏହି ୪ ବର୍ଷର କାର୍ଯ୍ୟକାଳକୁ ଚରୋଟି ବିଷୟରେ ଏବଂ ଉପଲବ୍ଧିରେ ବିଭାଜିତ କରି ଦେଖାଯାଇ ପାରିବ ।

ପ୍ରଥମ ସୁଶାସନର ବିଷୟ ଦେଶର ରାଜନୀତିର କେନ୍ଦ୍ର ବିନ୍ଦୁ ହୋଇଛି। ଦ୍ୱିତୀୟ ସାମାଜିକ ବିଷୟ ଉପରେ ସରକାର ଏବଂ ଜନତାଙ୍କ ମଧ୍ୟରେ ସଂବାଦ ବୃଦ୍ଧି ପାଇଛି। ତୃତୀୟ ସମାଜରେ ତଳସ୍ତରରେ ଥିବା ବର୍ଗ ସମୂହ ସଶକ୍ତି କରଣ ହୋଇଛନ୍ତି। ଚତୁର୍ଥ, ବିଶ୍ୱରେ ଭାରତର ବର୍ଚ୍ଚସ୍ୱ ବା ସଶକ୍ତି ବୃଦ୍ଧି ପାଉଛି । କୌଣସି ବି ସରକାରର ସୁଶାସନର ପ୍ରଥମ ମାନକ ବା ମାପଦଣ୍ଡ ହୋଇଥାଏ ତାର ଯୋଜନା ଗୁଡ଼ିକ ଗୋଟିଏ ନିଶ୍ଚିତ ପ୍ରକାର୍ଯ୍ୟାବଧି ମଧ୍ୟରେ ସମ୍ପୂର୍ଣ୍ଣ ହେବା । କେନ୍ଦ୍ର ସରକାର ଉଜ୍ଜ୍ୱଳା ଯୋଜନା, ଉଜାଲା (ବିଦ୍ୟୁତ, ଜନ-ଧନ, ମୁଦ୍ରା ପରି ଯୋଜନା ଗୁଡ଼ିକୁ ଗୋଟିଏ ନିର୍ଦ୍ଧାରିତ ସମୟ ମଧ୍ୟରେ ପୂରା କରିଛନ୍ତି। ସୁଶାସନର ଦ୍ୱିତୀୟ ମାନଦଣ୍ଡ ହେଉଛି ଚ୍ୟାଲେଞ୍ଜ ବା ବାଜିକୁ ସାହାସ ଓ ଧୈର୍ଯ୍ୟର ସହିତ ସାମନା କରିବା ଏବଂ ଜନତାଙ୍କ ପାଇଁ ଅଧିକତମ କଲ୍ୟାଣର ବିଷୟ ଉପରେ ସାହୁସପୂର୍ଣ୍ଣ ନିର୍ଣ୍ଣୟ ନେବା। କେନ୍ଦ୍ର ସରକାର ନୋଟବନ୍ଦୀ, ଜି.ଏସ.ଟି. ଲାଗୁ କରିବା ସହିତ କଠୋରେ କାନୁନ ମାଧ୍ୟମରେ କଳାଧନ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସୁଶାସନର ତୃତୀୟ ମାନଙ୍କ ହେଲା ମୃତ ହୋଇ ପଡିଥିବା କାନୁନକୁ ସମାପ୍ତ କରି ପ୍ରଭାବଶାଳି କାନୁନ ଏବଂ ନୀତିଗୁଡ଼ିକୁ ଲାଗୁ କରିବା । ଏଥିପାଇଁ ଆଧାର ପରି କାନୁନ ମାଧ୍ୟମରେ ଗରିବ ଲୋକମାନଙ୍କ ଅଧିକାରକୁ ସୁନିଶ୍ଚିତ କରାଯାଇଛି । ଦିବାଳିଆ କାନୁନ ଆଣି ବିଶ୍ୱସମୁଦାୟରେ ଭାରତର ବର୍ଚ୍ଚସ୍ୱକୁ ବ୍ୟବସ୍ଥାର ମାଧ୍ୟମରେ ସୁଧାରିବାର କାମ ହୋଇଛି। ଆଜି ବ୍ୟବସାୟିକ ସୁଗମତାରେ ଭାରତର ସ୍ଥାନ ୧୦୦ତମ ସ୍ଥାନରେ ଅଛି। ପୂର୍ବେ ଭାରତ ୧୩୦ତମ ସ୍ଥାନରେ ଥିଲା। ଭୁଷଣଷ୍ଟିଲର ବିକ୍ରି ଜରିଆରେ ବ୍ୟାଙ୍କଗୁଡ଼ିକର ଟଙ୍କା, କର୍ମଚାରୀମାନଙ୍କର ବେତନ ଓ ସରକାରଙ୍କ ଟଙ୍କା ଦିବାଳିୟା କାନୁନ ମାଧ୍ୟମରେ ଫେରସ୍ତ ଅଣାଗଲା । ଯଦିଓ କେନ୍ଦ୍ରସରକାରଙ୍କ ସୁଶାସନକୁ ପ୍ରତ୍ୟେକ ବିଧାନ ସଭା ନିର୍ବାଚନରେ ବିରୋଧି ଦଳ ପ୍ରସଙ୍ଗ କଲେ, କିନ୍ତୁ ନାତ ଜନତା ସେମାନଙ୍କୁ ସମର୍ଥନ କଲା ଏବଂ ନାଁ ତ କୌଣସି କାନୁନକୁ ଲାଗୁ କରିବା ପରେ ସରକାରଙ୍କୁ ସମର୍ଥନ କଲା ଏବଂ ନାଁତ କୌଣସି କାନୁନକୁ ଲାଗୁ କରିବା ପରେ ସରକାରଙ୍କୁ ପଛକୁ ବୁଲି ଦେଖିବାକୁ ପଡିଲା। ବିରୋଧି ଦଳ ପକ୍ଷରୁ ଯଦିଓ ଜାତିବାଦ, ସଂପ୍ରଦାୟ ବାଦ, ବଂଶବାଦର ରାଜନୈତିକ ସାହାରାନେଇ ଅଧିକ ବିଭେଦ ସୃଷ୍ଟି କରି ଜନାତଙ୍କୁ ଉସ୍କାଇବାର କାମ କରାଯାଉଥିଲା, କିନ୍ତୁ ଦେଶ ଆଜି ସୁଶାସନକୁ ହିଁ ଶାସନକୁ ଆସିବାର କସୌଟୀ ମାନୁଛି । ସୁଶାସନକୁ ରାଜନୀତିର କେନ୍ଦ୍ରବିନ୍ଦୁ କରିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଥମ ବଡ ଉପଲବ୍ଧି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ରସରକାର ଜନତତାଙ୍କ ସହିତ ପ୍ରଶାସନିକ ସ୍ତରର ଔପଚାରିକ ସମ୍ବନ୍ଧ କେବଳ ନୁହେଁ ବରଂ ସାମାଜିକ କୁରିତି ସହିତ ଲଢିବାରେ ଜନଭାଗୀଦାରୀଙ୍କୁ ମଧ୍ୟ ବଢାଇଲେ । ଏହାର ସବୁଠାରୁ ବଡ ଉଦାହରଣ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସ୍ୱଚ୍ଛତା କାର୍ଯ୍ୟକ୍ରମ ଅଟେ। ସ୍ୱଚ୍ଛତା ଉପରେ ପ୍ରଧାନମନ୍ତ୍ରୀଙ୍କ ଆଗ୍ରହରୁ ଆଜି ସାଧାରଣ ନାଗରିକ ମାନଙ୍କ ମଧ୍ୟରେ ସାର୍ବଜନିକ ସ୍ଥାନରେ ‘ସ୍ୱଚ୍ଛତାର ଭାବ ବୃଦ୍ଧି ପାଇଛି। ଏହା ବ୍ୟତୀତ ଡିଜିଟାଲ ପଇଠ ପ୍ରତି ଯୁବବର୍ଗଙ୍କର ରଚି ବୃଦ୍ଧି ପାଉଛି । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବୈଶ୍ୱିକ ମଂଚ ଉପରେ ଯେଉଁ ପ୍ରକାର ହିନ୍ଦୀରେ କରାଗଲା, ତା ଦ୍ୱାରା ଦେଶର ଗ୍ରାମିଣ ଯୁବବର୍ଗଙ୍କ ମଧ୍ୟରେ ଆତ୍ମବିଶ୍ୱାସର ଭାବ ବୃଦ୍ଧିପାଉଛି। ଭାରତରେ କର୍ମଜୀବି ମହିଳାମାନଙ୍କ ପାଇଁ କାର୍ଯ୍ୟସ୍ଥଳରେ ସୁରକ୍ଷାକାନୁନ ଲାଗୁ କରାଯାଇଛି ଏବଂ ମାତୃତ୍ୱ ଅବକାଶକୁ ୧୨ ସପ୍ତାହରୁ ବୃଦ୍ଧି କରି ୨୬ ସପ୍ତାହ କରିଛନ୍ତି । ସୈନ୍ୟବଳରେ ମହିଳାମାନଙ୍କର ବୃଦ୍ଧିପାଇଥିବା ଭୂମିକା ଦ୍ୱାରା ସାମାଜିକ ଜୀବନରେ ମହିଳାମାନେ ସକ୍ରିୟ ହେବାର ପରିବେଶ ସୃଷ୍ଟି ହୋଇଛି । ଏହି ସବୁ କାରଣରୁ ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ଗ୍ରାମ ବିକାଶ, ନାରୀ ସୁରକ୍ଷା ପରି ମାମଲା ଗୁଡ଼ିକପ୍ରତି ଜନତା ସରକାରଙ୍କ ସହିତ ମିଶି ପାଦ ଆଗକୁ ବଢ଼ାଇଛନ୍ତି । ମୋର ଅନୁଭବ ଯେ ଗ୍ରାମୀଣ କ୍ଷେତ୍ରରେ “ମନକିବାତ” ମାଧ୍ୟମରେ ନୌଜବାନଙ୍କ କ୍ୟାରିଅର, କୃଷକ, କୃଷି, ଗ୍ରାମିଣ ବିକାଶ ଓ ସାମାନ୍ୟ ବ୍ୟକ୍ତିଙ୍କ ଜୀବନ ସ୍ତରର ସୁଧାର ଆଦି ବିଷୟଗୁଡ଼ିକ ଉପରେ ଆଲୋଚନା କରିବା ଦ୍ୱାରା ଲୋକମାନଙ୍କ ମଧ୍ୟରେ ରାଷ୍ଟ୍ର ନିର୍ମାଣ ପ୍ର ତି ଭାଗିଦାରୀ ଓ ସରୋକାରର ଭାବନାକୁ ଅଧିକ ବଳ ମିଳିଛି । ଏବଂ ଏହା ଦ୍ୱିତୀୟ ଉଲ୍ଲେଖନୀୟ ଉପଲବ୍ଧି ଅଟେ। ତୃତୀୟ ଉପଲବ୍ଧି ସମାଜର ନିମ୍ନସ୍ତରରେ ଥିବା ଲୋକମାନଙ୍କୁ ସଶକ୍ତିକରଣ କରିବା। ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ଯେଉଁଠାରେ ଗରିବର ଗୃହକୁ ଗ୍ୟାସସିଲିଣ୍ଡର ପହଞ୍ଚାଯାଇ ପାରିଲା ସେହିପରି ଶୌଚାଳୟର ନିର୍ମାଣ କରାଇ ଗୋଟିଏ ବୃହତ ବର୍ଗକୁ ସମ୍ମାନ ପୂର୍ବକ ଜୀବନ ବଞ୍ଚିବାର ଅବସର ପ୍ରଦାନ କରାଯାଇ ପାରିଛି। ସରକାର ଦରିଦ୍ର ବା ଗରିବ ଶ୍ରେଣୀର ଲୋକମାନଙ୍କ ପାଇଁ ଅନେକ କଲ୍ୟାଣକାରୀ କାର୍ଯ୍ୟକ୍ରମ ଚାଲୁ କରିଛନ୍ତି । ଗତ ୭୦ବର୍ଷର ଶାସନ କାଳର କଂଗ୍ରେସ ପଛୁଆ ବର୍ଗକୁ ତାଙ୍କର ଅଧିକାରକୁ ବଞ୍ଚିତ ରଖିଥିଲେ। ଏଥର ଯେତେବେଳେ ଅନ୍ୟ ପଛୁଆ ବର୍ଗ ଅର୍ଥାତ ଓବିସି ର ସାମ୍ବିଧାନିକ ଆୟୋଗ ବିଷୟ ଆସିଲା ଓ କଂଗ୍ରେସ ଏହାର ବିରୋଧ କଲା। ଏଥିରେ କଂଗ୍ରେସର କୁଟିଳ ରାଜନୀତି ଉଜାଗର ହୋଇଛି। ସୁଦୃଢ଼ ଲୋକତନ୍ତ୍ର ‘ସବକା ସାଥ ସବକା ବିକାଶ’ ଦ୍ୱାରା ସମ୍ଭବ ହୋଇପାରିବ। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ସୁଶାସନର ସେହି ଧାରଣାକୁ ବିକଶିତ କରିଛନ୍ତି ଯାହାଦ୍ୱାରା ଦେଶର ଆଶା ଓ ଆକାଂକ୍ଷାର ବୃଦ୍ଧି ହୋଇଛି।

କ୍ଷମତା କୁ ଆସିବା କ୍ଷଣି ନିଜର ଶପଥ ଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦକ୍ଷେଶ ଦେଶର ପ୍ରମୁଖ ମାନଙ୍କୁ ଆମନ୍ତ୍ରିତ କରି ସମସ୍ତଙ୍କ ସହିତ ମଧୁର ସମ୍ପର୍କ ରଖିବା ନିଜର ମଁଶା ବା ଉଦ୍ଦେଶ୍ୟକୁ ସ୍ପଷ୍ଟ କରିଦେଇଥିଲେ । ତା, ସହିତ ଏସିଆରେ ଭାରତର ସୁଦୃଢ଼ତା ଓ ନେତୃତ୍ୱର ସନ୍ଦେଶ ମଧ୍ୟ ଦେଇଥିଲେ । ଏବେ ଏହା ଏସିଆରୁ ଯାଇ ବିଶ୍ୱସ୍ତରରେ ପ୍ରସାରିତ ହେଉଛି ଏବଂ ବିଶ୍ୱ ମଞ୍ଚରେ ଏହା ସ୍ପଷ୍ଟ ହୋଇଛି ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ଗୋଟିଏ ଶକ୍ତି ସମ୍ପର୍ଣ୍ଣ ଦେଶରୂପେ ଉଭା ହୋଇଛି । ଏହି ବର୍ଷ ଜାନୁଆରୀରେ ଦୋବାସର ମଞ୍ଚ ଉପରେ ବିଶ୍ୱର ସମସ୍ତ ଦେଶର ଶାସନାଧକ୍ଷଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ଘାଟନୀ ଭାଷଣ ବିଶ୍ୱ ସମୁଦାୟରେ ଭାରତର ଉପସ୍ଥିତି ନେତୃତ୍ୱର ସ୍ୱୀକାର୍ଯ୍ୟତାକୁ ଦର୍ଶାଉଛି। ଏହି ଭାଷଣରେ ଜଳବାୟୁ ପରିବର୍ତ୍ତନ ପରି ବିଶ୍ୱସ୍ତରର ସମସ୍ୟା ଉପରେ ପ୍ରଧାନମନ୍ତ୍ରୀ ଯେଉଁ ସ୍ପଷ୍ଟ ଦୃଷ୍ଟିକୋଣ ରଖିଥିଲେ ତାହା ବିଶ୍ୱ ସମୁଦାୟର ସମ୍ମୁଖରେ ଏହା ସିଦ୍ଧ କରିଦେଲା ଯେ ବର୍ତ୍ତମାନ କୌଣସିବି ବଡ ବୈଶ୍ୱିକ ସମସ୍ୟା ବା ମାମଲା ଉପରେ ଭାରତ ନେତୃତ୍ୱ ନେବାରେ ସକ୍ଷମ ହୋଇଯାଇଛି । ଏହା ମଧ୍ୟ ଉଲ୍ଲେଖନୀୟ ଯେ ଆଜିର ସମୟରେ ଭାରତ ବିଶ୍ୱର ସମସ୍ତ ଦେଶ ସହିତ ମଧୁର ସମ୍ପର୍କ ଅଛି । ଏସିଆର କଥା କହିବାତ ଏହି ବର୍ଷ ଗଣତନ୍ତ୍ର ଦିବସରେ ଏସିଆନ ଦେଶର ସମସ୍ତ ଶାସନାଧକ୍ଷଙ୍କୁ ଆମନ୍ତ୍ରିତ କରି ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଦେଲେ ଯେ ଏସିଆରେ ଭାରତହିଁ ବଡଭାଇ ଅଟେ । ଅପରପକ୍ଷରେ ବ୍ରିକ୍ସ ସମ୍ମେଳନ ଜରିଆରେ ବୈଶ୍ୱିକ ପ୍ରଭାବର ସନ୍ଦେଶ ଦେଲେ । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତୀୟ ବିଦେଶନୀତି ସଫଳତାର ନୂତନ କିର୍ତ୍ତୀ ସ୍ଥାପିତ କରିଛି ଏବଂ ତାଙ୍କ ନୀତି ଓ ଆଦର୍ଶ ବିଶ୍ୱକୁ ନୂଆ ଦିଗଦର୍ଶନ ଦେବାରେ ସକ୍ଷମ ହୋଇଛି। ମୋଦି ବିଶ୍ୱ ପଟଳରେ ଜଣେ ପ୍ରଭାବୀ ନେତା ରୂପରେ ପ୍ରକାଶକୁ ଆସିଛନ୍ତି । ରାଷ୍ଟ୍ରୀୟ ସୁରକ୍ଷା ବା ରାଷ୍ଟ୍ରୀୟ ଗୌରବ ହେଉ ସବୁ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଦେଶ ବିକାଶ ପଥରେ ସତତ ଅଗ୍ରସର ଅଛି।

*ବରିଷ୍ଠ ସ୍ତମ୍ଭକାର, ଭୁବନେଶ୍ୱର*
*ମୋ-୯୨୩୮୫୦୨୭୨୪*

# ସାଧନାର ପଥେ ଇନ୍ଦ୍ରିୟ ନିଗ୍ରହ



ପ୍ରଫେସର ହରିକୃଷ୍ଣ ଦାଶ

ସାଧନା ପାଇଁ ମନ ସଂଯମ ଏକାନ୍ତ ଆବଶ୍ୟକ। ଏଥିପାଇଁ ଶମ (ମାନସିକ ଶାନ୍ତି), ଦମ (ଇନ୍ଦ୍ରିୟ ସଂଯମ), ଉପରତି (କାମନା ତ୍ୟାଗ), ତିତିକ୍ଷା (ମାନସିକ ସ୍ଥିରତା), ଶ୍ରଦ୍ଧା (ଗୁରୁଙ୍କ ଉପରେ ଅଖଣ୍ଡ ବିଶ୍ୱାସ) ଓ ସମାଧାନ (ମାନସିକ ଏକାଗ୍ରତା) ଉପରେ ଗୁରୁତ୍ୱ ଆରୋପ କରାହୋଇଛି। ଏହା ମଧ୍ୟରୁ ଶମ ଓ ଦମ, ସାଧନା ଜଗତର ଦ୍ୱାରପାଳ ରୂପେ କାର୍ଯ୍ୟ କରନ୍ତି। ଶ୍ରୀକୃଷ୍ଣ ପାର୍ଥକୁ ମନ ସଂଯମ ବିଷୟରେ ଗୀତାରେ କହିଲାବେଳେ ଅର୍ଜୁନ ତାଙ୍କର ଉତ୍ତର ଏହିପରି ଭାବେ ଦେଇଥିଲେ। ‘ଚଞ୍ଚଳମ୍ ହି ମନଃ କୃଷ୍ଣ ପ୍ରମାଥି ବଳବତ୍ ଦୃଢ଼ମ୍’। ଏହାର ଅର୍ଥ - ହେ କୃଷ୍ଣ ମନ ଅତି ଚଞ୍ଚଳ, କ୍ଷିପ୍ର, ବିଭ୍ରାନ୍ତକାରୀ, ସବଳ ଓ ଦୃଢ଼। ଶ୍ରୀକୃଷ୍ଣ କହିଛନ୍ତି ହେ କୌନ୍ତେୟ ମନ ସଂଯମ ପାଇଁ ଅଭ୍ୟାସ ଓ ବୈରାଗ୍ୟ ଦରକାର। ମନ ସଂଯମ ପାଇଁ ଗାୟତ୍ରୀ ମନ୍ତ୍ରର ଆବଶ୍ୟକତା ଅଛି ବୋଲି ଶ୍ରୀ ସାଇବାବା କହନ୍ତି ‘ଓଁ ଭୂଃ ଭୁବଃ, ସ୍ୱଃ’ର ଅର୍ଥ ଯଥାକ୍ରମେ - ‘ଓଁ’ ପ୍ରଣବଧ୍ୱନି, ଭୂଃ - ପଦାର୍ଥଶକ୍ତି, ଭୁବଃ - ପ୍ରାଣଶକ୍ତି ଓ ସ୍ୱଃ - ପ୍ରଜ୍ଞାଶକ୍ତି। ପ୍ରଜ୍ଞାଶକ୍ତି ଆତ୍ମା ସହ ସଂଯୁକ୍ତ। ମଣିଷର ପଞ୍ଚକୋଷ ପାଞ୍ଚଟି କାର୍ଯ୍ୟ କରନ୍ତି। ଏମାନେ ହେଲେ ଅନ୍ନମୟ କୋଷ, ପ୍ରାଣମୟ କୋଷ, ମନମୟ କୋଷ, ବିଜ୍ଞାନମୟ କୋଷ ଓ ଆନନ୍ଦମୟ କୋଷ। ଏମାନେ ଯଥାକ୍ରମେ ଅନ୍ନଭକ୍ଷଣ, ବଞ୍ଚି ରହିବା, କାମନା ପୂରଣ, ଜ୍ଞାନାର୍ଜନ ଓ ଆନନ୍ଦ ପ୍ରାପ୍ତି କାର୍ଯ୍ୟ ସମାପନ କରନ୍ତି। ଏହା ମଧ୍ୟରୁ ମନ କାମନା ବାସନା ସହ ସଂଶ୍ଳିଷ୍ଟ। ମଣିଷର ଚାରିଗୋଟି ଅନ୍ତଃକରଣ ଅଛି - ସେଗୁଡ଼ିକ ହେଲା ମନ, ବୁଦ୍ଧି, ଚିତ୍ତ ଓ ଅହଂକାର। ଏମାନେ ଚାରିପ୍ରକାର ଆବରଣ ଦ୍ୱାରା ଆବୃତ୍ତ ଯଥା - ୧. ଭ୍ରାନ୍ତି, ୨. ପ୍ରମାଦମ୍, ୩. କାରଣ ପାତନମ୍, ୪. ବିପ୍ର ଲିପ୍‌ସା। ସତ୍ୟକୁ ଅସତ୍ୟ, ସ୍ଥାୟୀକୁ ଅସ୍ଥାୟୀ ଭାବିବା ଭ୍ରାନ୍ତି ଅଟେ। ସର୍ପକୁ ରଜ୍ଜୁ ଭାବିବାକୁ ପ୍ରମାଦମ୍ କୁହାଯାଏ। ସେହିପରି କାରଣ ପାତନମ୍ ଏକ ପ୍ରକାର ଅନ୍ୟାୟ। ନିଜ ପାଇଁ ଯାହା ନ୍ୟାୟ, ତାହାକୁ ଅନ୍ୟ ପାଇଁ ଅନ୍ୟାୟ ଭାବିବା କାରଣ ପାତନମ୍। ନ୍ୟାୟ ସମସ୍ତଙ୍କ ପାଇଁ ସମାନ। ଏହାର ବ୍ୟତିକ୍ରମ ହେବା ଉଚିତ ନୁହେଁ, ବ୍ୟକ୍ତି ବିଶେଷକୁ ଗୁରୁତ୍ୱ ଦେଇ ନ୍ୟାୟର ସଂଜ୍ଞା ପରିବର୍ତ୍ତନ ହୁଏନାହିଁ। ସାଇବାବା ଏହି ପ୍ରକାର କଥା କହନ୍ତି - ଭୁଲ ହିଁ ଭୁଲ ଯଦିଓ ସମସ୍ତେ ଏହା କରୁଥାନ୍ତି, ଠିକ୍ ହିଁ ଠିକ୍ ଯଦିଓ କେହି ଏହା କରୁନଥାନ୍ତି। ସତ୍ୟର ପରିବର୍ତ୍ତନ ନାହିଁ। ଏହା ସବୁ ସ୍ଥାନ, ସବୁ ଯୁଗ ସବୁ ମଣିଷ ପାଇଁ ଏକପ୍ରକାର। ବିପ୍ରଲିପ୍‌ସା ଈର୍ଷା ସହ ଜଡ଼ିତ। ଦୁର୍ଯ୍ୟୋଧନର ପାଣ୍ଡବ ମାନଙ୍କ ବା ଶିଶୁପାଳର କୃଷ୍ଣଙ୍କ ପ୍ରତି ଈର୍ଷା ଏହାର ଜ୍ୱଳନ୍ତ ଘଟଣା। ଏଥିରୁ ଜଣାଯାଏ - ‘ଏ ମନ ଥୟ କରିବାରେ, ଗୋବିନ୍ଦ ବିନୁ କେବା ପାରେ।’ ଭଗବାନ ହିଁ ମନ ସଂଯମ ପାଇଁ ସକ୍ଷମ। ତାଙ୍କର କୃପା ଏଥିପାଇଁ ଅପରିହାର୍ଯ୍ୟ।

ନେପୋଲିୟନ ସମଗ୍ର ଇଉରୋପ, ହିଟଲର ସମଗ୍ର ପୃଥିବୀ ଜୟ କରିବାର ପରିକଳ୍ପନା କରିଥିଲେ। ଇନ୍ଦ୍ରିୟ ବଳୟ ହିଁ ସବୁଠାରୁ ବଡ଼ ଦିଗ୍‌ବିଜୟ ବୋଲି ଜାଣି ନଥିଲେ। ସମ୍ରାଟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ରାଜ୍ୟକୁ ପରିବ୍ରାଜକ ଫାହିୟାନ ଆସିଥିଲେ। ସେ ପ୍ରଶ୍ନ କଲେ ଆପଣଙ୍କ ରାଜ୍ୟରେ ଶ୍ରେଷ୍ଠ ଜିନିଷ କ’ଣ ? ସମ୍ରାଟ ଉତ୍ତର ଦେଲେ ମହାମାନ୍ୟ ମନ୍ତ୍ରୀ ଚାଣକ୍ୟ। ମନ୍ତ୍ରୀ ଏକ କୁଡ଼ିଆ ଗୃହର ବାରଣ୍ଡାରେ ଉପବେଶନ କରୁଥିଲେ। ଆଗନ୍ତୁକ ଚାଣକ୍ୟଙ୍କୁ ସମ୍ରାଟଙ୍କ ବାଣୀ ଶୁଣାଇଲେ। ତତ୍‌ପରେ ମହାମନ୍ତ୍ରୀ ଉତ୍ତର ଦେଲେ ଏ ଦେଶର ଶ୍ରେଷ୍ଠ ଅଟନ୍ତି ଇନ୍ଦ୍ରିୟ ବିଜୟୀ ପ୍ରଜାଗଣ। ତେଣୁ ଯୁଗେ ଯୁଗେ ଇନ୍ଦ୍ରିୟ ଜୟ କରିବା ଉପରେ ଗୁରୁତ୍ୱ ଦିଆ ହୋଇଛି। ଦୁଷ୍ଟ ପିଲାକୁ ବାଟକୁ ଆଣିବା ପାଇଁ ଶୃଙ୍ଖଳା ନିତାନ୍ତ ଆବଶ୍ୟକ। ସେହିପରି ଚଞ୍ଚଳ ମନକୁ ସ୍ଥିର ଓ ଉତ୍ତମ କରିବା ପାଇଁ ଜାଗ୍ରତ ରହିବାକୁ ପଡ଼ିବ। ସେଥିପାଇଁ ଭଜନ, ପୂଜା, ଉପାସନା, ସେବା ଇତ୍ୟାଦି ସତକର୍ମ କରିବା ଦରକାର। ସାଂସାରିକ ଲୋଭ, ମୋହ ପରିତ୍ୟାଗ କରିବାକୁ ହେବ। ମନକୁ ବାହ୍ୟ ଜଗତରୁ ପ୍ରତ୍ୟାହାର କରିବା ପାଇଁ ସଂକଳ୍ପ ସିଦ୍ଧ ହେବାକୁ ପଡ଼ିବ। ବାବା କହନ୍ତି, ବ୍ୟକ୍ତିର ବିଶୁଦ୍ଧତା ଇନ୍ଦ୍ରିୟ ସଂଯମ ରୂପକ ମାପକାଠି ଦ୍ୱାରା ମପାଯାଏ। ଏହିସବୁ କାରଣ ପାଇଁ ମାନସିକ ଦୃଷ୍ଟିକୋଣକୁ ସଂଯତ ଓ ଉନ୍ନତ କରିବା ଉଚିତ। ସଂସାରରେ ରହିବା ଦୋଷାବହ ନୁହେଁ କିନ୍ତୁ ଅନାସକ୍ତ ଭାବରେ ରହିବା ଉଚିତ। ତେଣୁ ସ୍ୱାମୀ କହନ୍ତି, ପଦ୍ମ ପତ୍ର ପରି ହୁଅ, କିନ୍ତୁ ବ୍ଲଟିଂ ପେପର ପରି ହୁଅନାହିଁ। ପଦ୍ମ ପତ୍ର ଜଳ ମଧ୍ୟରେ ଥାଏ। କିନ୍ତୁ ଜଳ ଧାରଣ କରେନାହିଁ। ବ୍ଲଟିଂ କାଗଜ ଜଳକୁ ଶୋଷିନିଏ। ସେହିପରି ରାମକୃଷ୍ଣ ପରମହଂସ କହିଛନ୍ତି ଜଳ ଉପରେ ଡଙ୍ଗା ରହୁ କିନ୍ତୁ ଡଙ୍ଗା ମଧ୍ୟରେ ଜଳ ପ୍ରବେଶ ନକରୁ। ଜୀବ ରୂପୀ ଡଙ୍ଗା ସଂସାର ରୂପକ ସାଗର ଉପରେ ରହିପାରେ କିନ୍ତୁ ଏହା ମଧ୍ୟରେ ଆସକ୍ତି ରୂପକ ଜଳ ପଶିବା ଆଦୌ ଉଚିତ ନୁହେଁ। କହିବା ବାହୁଲ୍ୟ ଯେ ମନ ବିଜୟ ଓ ଇନ୍ଦ୍ରିୟ ନିଗ୍ରହ କରିପାରିଲେ ମନୁଷ୍ୟ ଅମୃତର ସନ୍ତାନରେ ରୂପାନ୍ତରିତ ହୋଇପାରିବ। ତେଣୁ ଶେଷରେ ସିଦ୍ଧାନ୍ତରେ ପହଞ୍ଚିବା ମନର ପ୍ରଭୁ ହୁଅ ଓ ମହା ମନ ହୁଅ।

*ଉତ୍ତରାୟନ, ୭୩୮/୧୦, ଜୟଦେବ ବିହାର, ଭୁବନେଶ୍ୱର, ଦୂରଭାଷ : ୯୪୩୭୪୩୭୯୭୦*

# ମୋକ୍ଷ ପଥ

**ଯୋଗୀ ଗଣେଶ୍ୱର**

ଭାଗ-୧୨

“ପୁତ୍ର ବୋଲେ ଗୁରୁ କହିଦିଅ ମାତ
ଭଜିବି ତାହାର ପାଦ।
ତାହା ଶୁଣି ମାତ ବୋଲନ୍ତି ବଚନ ଧାୟିବୁ
ହରି ଗୋବିନ୍ଦ ॥”

**ଶେ**ଷରେ ଯୁବରାଜ ଗୋବିନ୍ଦ ମାତାଙ୍କ ଆଦେଶକୁ ଶିରୋଧାର୍ଯ୍ୟ କରି ସିଂହାସନ ତ୍ୟାଗ କରିବା ପାଇଁ ସମ୍ମତ ହେଲେ। ନମ୍ରସ୍ୱରରେ କହିଲେ - ହେ’ମାତା, ତୁମ୍ଭର ଅନ୍ତଃର୍ବେଦନା,ଜାଗତିକ ଓ ଐଶ୍ୱରୀକ ତାତ୍ତ୍ୱିକ ବଚନ ଶ୍ରବଣ କରିବା ପରେ ସ୍ୱଭାବ ପରିବର୍ତ୍ତନ ହୋଇଛି। ଏବେ ମୋକ୍ଷପଥରେ ଅଗ୍ରସର ହେବା ନିମନ୍ତେ ଚିତ୍ତ ଜାଗ୍ରତ ହୋଇଛି। ଏବେ ମୋର ଉପଯୁକ୍ତ ଗୁରୁ କିଏ,ତାଙ୍କ ବାସସ୍ଥାନ କେଉଁଠାରେ କହିଦିଅ। ଆମ୍ଭେ ଅବିଳମ୍ବେ ସେଠାକୁ ଯାଇ ତାଙ୍କ ପୟର ପୂଜା କରିବୁ। ଯୁବରାଜ ଗୋବିନ୍ଦଙ୍କ ସମ୍ମତି ବଚନ ଶ୍ରବଣ କରି ମାତା ମୁକ୍ତା ଦେଇ ଆନନ୍ଦରେ ନାଚିବାକୁ ଲାଗିଲେ। ପୁତ୍ରକୁ ମରଣ ମୁହଁରୁ ରକ୍ଷା କରିବାର ବେଳା ଉପନିତ ଜାଣି ପୁତ୍ରଦାତା ମହାଦେବଙ୍କୁ କୋଟି କୋଟି ପ୍ରଣାମ ଜଣାଇଲେ। ମଧୁର ଗମ୍ଭୀର ସ୍ୱରରେ କହିଲେ,ହେ’ପୁତ୍ର,ତୋର ମରଣର ଦୁଃଖରେ ବଡ଼ କଲବଲ ଜୀବନ ବିତାଉଥିଲି। ଏବେ ତୋର ମୁଖରୁ ଯୋଗୀ ହେବା କଥା ଶ୍ରବଣ କରି ସର୍ବାନନ୍ଦ ପ୍ରାପ୍ତ ହୋଇଛି। ମା’ର ମମତାରେ ପାହାଡ଼ ଭଳି କେତେ ଯେ କଲ୍ୟାଣ ଭରି ରହିଛି,ତାହା କେବଳ ସୁପୁତ୍ରମାନେ ବୁଝି ପାରନ୍ତି ! ମା’ର ଗର୍ଭରୁ ଶ୍ମଶାନ ପର୍ଯ୍ୟନ୍ତ ଯେଉଁ ଅଦୃଶ୍ୟ ପଥ ରହିଛି,ତାହାର ଦୂରତ୍ୱ ନିୟତି ଜାଣେ। ହେଲେ ପୁତ୍ର, ମାତା ଗର୍ଭଧାରୀ ଶ୍ମଶାନ ଯିବା ପୂର୍ବରୁ ସନ୍ତାନଗଣଙ୍କୁ ଜଗି ରହିଥାନ୍ତି। ଧର୍ମବଳରେ ଅକାଳ ମୃତ୍ୟୁପଥକୁ ପ୍ରତିରୋଧ କରନ୍ତି ! ସେହି ଜ୍ଞାନବଳରେ ତୋର ଅକାଳ ମରଣକୁ ଏଡ଼ାଇବା ନିମନ୍ତେ ମା’ର କର୍ତ୍ତବ୍ୟ କରୁଛି। ହେ’ପୁତ୍ର ରାଜତୁଣ୍ଡ ଛାଡ଼ି ଭକ୍ତିତୁଣ୍ଡରେ କଥା କହ। ନନ୍ଦପୁତ୍ର ଶ୍ରୀକୃଷ୍ଣଙ୍କ ନାମ ଗାଇବା ଶିଖ। ସେଇ ଜଗତ୍‌ଗୁରୁ ସନ୍ତୋଷ ହେଲେ ସର୍ବବିଦ୍ୟା ହୃଦୟରେ ବସା ବାନ୍ଧିବ। ଯେଉଁ ଗୁରୁଙ୍କ ମାର୍ଗଦର୍ଶନରେ ଜଗତ୍‌ଗୁରୁ ମିଳନ୍ତି,ସେଇ ମାର୍ଗରେ ଏବେ ଅଗ୍ରସର ହୁଅ। ତୋର ଗୁରୁ ଅତି ନିକଟରେ ବସବାସ କରୁଛନ୍ତି। ସକାଳ ପାଇଲେ ଯେଉଁ ହାଡ଼ିପା ତୋର ପାଇଖାନା,ବାଡ଼ିତାଟି ସଫା କରୁଛନ୍ତି ସେଇ ତୋର ଗୁରୁ !

ମାତାଙ୍କ ବଚନ ଶ୍ରବଣ କରି ଗୋବିନ୍ଦ ସ୍ତବ୍ଧ ହୋଇଗଲେ ! କେତେ ସମୟ ନିରବ ରହି ବିସ୍ମୟ ନୟନରେ କହିଲେ-ହେ’ମାତା,ଏ ସବୁ ତୁମେ କିପରି କହି ପାରୁଛ ! ରାଜା ହୋଇ ଚଣ୍ଡାଳର ଗୋଡ଼ ଧରିବା କେବେ ସମ୍ଭବ ହେବ ନାହିଁ। ଅନ୍ୟ ଗୁରୁ ଆଣି ଦିଅ ! ନଚେତ୍ ଯୋଗୀ ନ ହେଲେ ନାହିଁ ଜୀବନ ହାରିବି ପଛେ ଏପରି ନୀଚତାକୁ ଗ୍ରହଣ କରି ପାରିବି ନାହିଁ ! ସେ ଯଦି ଏତେ ବଡ଼ ସିଦ୍ଧପୁରୁଷ ତେବେ ମଇଳା କାଢ଼ିବା ଭଳି ଏତେ ନୀଚ କର୍ମ କରୁଛନ୍ତି କିପରି ? ପୁତ୍ରର ହାବଭାବ ଦେଖି ମୁକ୍ତା ଦେଇ ପୁଣି ବୁଝାଇଲେ। ହେ’ପୁତ୍ର, ଚିତ୍ତରେ ନିମିତ୍ତ,ନିରାଶ୍ରୟ ଭାବ ଜାତ ହେଲେ ଉଚ୍ଚନୀଚ ଭେଦ ଉଭାଇ ଯାଏ। କର୍ମମୟ ଜଗତରେ ସାନ ବଡ଼ ସବୁ କର୍ମ ଗୋଟିଏ ସୂତାର ମାଳା। ଇହ ଜଗତର ବ୍ୟତିକ୍ରମ ସହିତ ଅଧ୍ୟାତ୍ମ କଳାର ସଂପର୍କ ନ ଥାଏ। ପାର୍ଥିବ ଜଗତର ଚିନ୍ତା ଓ ଚେତନା ସର୍ବଦା ଦୁଃଖମୟ ! ଜନ୍ମମୃତ୍ୟୁର ଭୟଙ୍କର ଲୀଳା ! ଦମ୍ଭ, ଅହମିକା,ମହାଜନପଣ ସବୁ କ୍ଷଣଭଙ୍ଗୁର। ଯେଉଁ ଗୁରୁଙ୍କ କଥା କହିଲି ସେ ଚଣ୍ଡାଳ ନୁହନ୍ତି,ଜଣେ ଋଷିପୁତ୍ର। ବ୍ରହ୍ମ ଅଭିଶାପରୁ ଚଣ୍ଡାଳ ଘରେ ଜନ୍ମ ହୋଇଛନ୍ତି। ସତ୍ୟଯୁଗରେ ବ୍ରହ୍ମାଙ୍କୁ ତପସ୍ୟା କରିବାରୁ ବ୍ରହ୍ମା ସନ୍ତୋଷ ହୋଇ ଅଗ୍ନିରେ ଝାସ ଦେବା ପାଇଁ କହିଲେ। ଅଗ୍ନିରେ ଲୀନ ନ ହେଲେ ବ୍ରହ୍ମଲୋକରେ ବାସ, ଶରୀର ପୋଡ଼ିଗଲେ ନର୍କ ଭୋଗ। ବ୍ରହ୍ମାଙ୍କୁ ବୃଥା ଦାମ୍ଭିକ ପଣିଆ ଦେଖାଇ ଅଗ୍ନିରେ ପଶନ୍ତେ ନାଭିରେ ନିଆଁ ଲାଗିଲା। ବ୍ରହ୍ମା କହିଲେ ମିଥ୍ୟା ଅଭିମାନରୁ ତୁମ୍ଭେ ଅଭିଶପ୍ତ ହେଲ,ଏବେ ନର୍କ ଭୋଗ କର। ରାଜା ଗୋବିନ୍ଦଚନ୍ଦ୍ରର ଗୃହ ମୂତ ସଫା କର। ଏପରି ସମ୍ବାଦ ଋଷିକୁଳଙ୍କୁ ବ୍ୟଥିତ କଲା। ସେମାନେ ହୀନକର୍ମରୁ ମୁକ୍ତ କରିଦେବା ପାଇଁ ନିବେଦନ କଲେ। ବ୍ରହ୍ମା କହିଲେ ବେତାଳଙ୍କ ହସ୍ତରେ ହୀନକର୍ମ କରାଇ ଯୁବରାଜ ଗୋବିନ୍ଦଙ୍କୁ ବ୍ରହ୍ମଜ୍ଞାନ ଶୁଣାଇଲେ ଯାଇ ଶାପମୁକ୍ତ ହେବେ। ସେଇ ଅଭିଶାପ କାଳ ସମାପ୍ତ କରିବା ପାଇଁ ହାଡ଼ିପା ବେଶରେ ସେ ଚଣ୍ଡାଳ କୁଟୀରରେ ଜନ୍ମ ନେଇଛନ୍ତି। ମାତ୍ର ତପବଳରେ ସେ କର୍ମବନ୍ଧନରୁ ମୁକ୍ତ ସିଦ୍ଧଯୋଗୀ ହୋଇଥିବାରୁ ବେତାଳମାନେ ତାଙ୍କ ବୃତ୍ତିକର୍ମ ସଂପାଦନ କରନ୍ତି। ମାତ୍ର ତୋର ଭାବନାରେ କେହି ଜଣେ ପାପୀ ଏପରି କର୍ମରେ ଖଟୁଛି। ତୋର ସନ୍ଦେହ ମୋଚନ ଲାଗି କାଲି ପ୍ରଭାତରୁ ଉଠି ହାଡ଼ିପାଙ୍କର କାର୍ଯ୍ୟକଳାପ ନିରୀକ୍ଷଣ କର। ତେବେ ଯାଇ ବୁଝିପାରିବୁ ବାସ୍ତବରେ ସେ କିଏ !

ମାତାଙ୍କ ମୁଖରୁ ଏପରି ବଚନ ଶୁଣି ଗୋବିନ୍ଦ ସନ୍ଦିହାନ ଚିତ୍ତରେ ଭିତରପୁରକୁ ଗଲେ। ଭୋଜନ ସାରିଣ ଚଉରାଶୀ ପ୍ରକାର ଫୁଲରେ ସଜ୍ଜିତ ପଲଙ୍କରେ ଶୟନ ଗଲେ। ରାତି ନ ପାହୁଣୁ ଶଯ୍ୟା ତ୍ୟାଗ କରି ଛଦ୍ମବେଶରେ ଘୋଡ଼ାଶାଳାରେ ଲୁଚି ରହିଲେ। ହାଡ଼ିପାଙ୍କର ଗତିବିଧିକୁ ଭାବପ୍ରବଣ ଚିତ୍ତରେ ଲକ୍ଷ୍ୟ କଲେ। ସୂର୍ଯ୍ୟ ଉଦୟ ପୂର୍ବରୁ ହାଡ଼ିପା ହାଡ଼ିସାହିରୁ ବାହାରି ଆସିଲେ। କାଳିଆ ମେର୍କଟା ଶରୀର,ଅସଜଡ଼ା କେଶ, ବସ୍ତ୍ରରେ ଚିକ୍କଣ ଚର୍ମ ଝଟକୁଛି ! ସାଙ୍ଗରେ ଲଙ୍ଗଳା ଶିଶୁ ପୁତ୍ର ଅଝଟରେ କାନ୍ଦି କାନ୍ଦି ଆସୁଛି। ହାଡ଼ିପା ଅବୁଝା ଶିଶୁକୁ ଘରକୁ ଫେରିଯିବା ନିମନ୍ତେ ବୁଝାଉଥିଲେ ମଧ୍ୟ ସେ ଅଳି କରୁଥିଲା। ବାଡ଼ି ତାଟି ରାସ୍ତାରେ ହାଡ଼ିପା ପଦଚାରଣ କରୁଥିବା ବେଳେ ପୁଅ ନଡ଼ିଆ ବୃକ୍ଷକୁ ଅଙ୍ଗୁଳି ଦେଖାଇ ସେ କି ଫଳ,ମୋତେ ଦିଅ କହି ଜିଦ୍ ଧରିଲା। ଅବୁଝା ପୁତ୍ରକୁ ହାଡ଼ିପା ବୁଝାଇଲେ,ଏ ବୃକ୍ଷ ରାଜାଙ୍କ ଉଦ୍ୟାନରେ ହୋଇଛି,ରାଜାଙ୍କ ବିନା ଅନୁମତିରେ ଫଳ ତୋଳିବା ମନା। ଏ କଥା ଶୁଣି ଶିଶୁ ଅଧିକ କାନ୍ଦିବାରୁ ହାଡ଼ିପା ବାଧ୍ୟ ହୋଇ ନଡ଼ିଆ ଗଛକୁ ନଇଁ ପଡ଼ିବା ପାଇଁ କହିଲେ। ଗଛ ନଇଁବାରୁ ହାଡ଼ିପା ଏକ ନଡ଼ିଆ ତୋଳି ପୁତ୍ରକୁ ଦେଲେ। ପୁତ୍ର ଚାଲିଯିବା ପରେ ନଡ଼ିଆ ବୃକ୍ଷକୁ ଉଠିଯିବା ପାଇଁ ନିର୍ଦ୍ଦେଶ ଦେଲେ। ତହିଁପରେ ହାଡ଼ିପା ଝୁଡ଼ି କୋଦାଳ,ଝାଡୁ ପାଚିଆ ଧରି ପହଞ୍ଚିବା ନିମନ୍ତେ ବେତାଳଙ୍କୁ ସ୍ମରଣ କଲେ। ବେତାଳମାନେ ଅଦୃଶ୍ୟରେ ରହି ରାଜଭବନର ସମସ୍ତ ମଇଳା ମସିହା ସଫା କରି ଅନ୍ତର୍ଦ୍ଧାନ ହୋଇଗଲେ। କର୍ମ ସରିବା ପରେ ହାଡ଼ିପା ନିଜ ଘରକୁ ଫେରିଗଲେ। ହରି ଓଁ ତତ୍‌ସତ୍।

*ଦୂରଭାଷ-୯୬୬୮୬୩୧୨୫୭*




**ହଁ**..ଯା ଯା ..। ସେ ବି ଖାଇନଥିବ ତେଣେ। ଆଉ ତୁ ଏଠି ଡହଡହ ଖରାରେ। କହି ହୃଷିର ଝାଳୁଆ ମୁହଁକୁ ତା କାନିରେ ପୋଛି ପକାଇଲା। ଇଚ୍ଛାନଥିଲା ପାରୋ ପାଦ ରଖିଥିବା ପାହାଚରୁ ଉଠିଯିବା ପାଇଁ। ହେଲେ ହେମ ଆଇ ଆଖି ତରାଟି ଚାହିଁଛି। ନଗଲେ ଆହୁରି ଦୁଇପଦ ଶୁଣାଇବ। ଲୋକେ ଚାହିଁବେ। କେହି କେହି ଅଯାଚିତ ଭାବେ ଖୁବ୍ ଗୁଡେ ଉପଦେଶ ବି ଦେବେ। ଆହୁରି ବେଶୀ ଅସ୍ୱାଭାବିକ କରିଦେବେ ଏଠି। ଉଠିଲା ସେ। ତା ପୂର୍ବରୁ ହାତରେ ପରଖି ନେଲା ସେ ସ୍ଥାନ ଯେଉଁଠି ପାରୋ ପାଦ ବିଶ୍ରାମ ନେଇଥିଲା କିଛି କ୍ଷଣ। ସ୍ପନ୍ଦିତ ହେଲା ପୁନଶ୍ଚ। ଆଜିକାଲି ତା ମନରେ ପାରୋର ରଙ୍ଗ ଚଢିଛି। ସେ ରଙ୍ଗ ଆଗରେ ସବୁ ଫିକା ପଡିଛି। ଖାଲିଟାରେ ବସି ଭାବିବାକୁ ଆଜିକାଲି ଭଲ ଲାଗୁଛି! କାମ କରିବାକୁ ମନ ବଳୁନି। ମାଆ କହୁଥିଲା-ଏମିତି ବାଇଆ ପରି କଣ ହେଉଛୁ? ଆଜିକାଲି ତୋର କଣ ହୋଇଚି?

ନାଇଁ କିଛି ନାହିଁ ମାଆ। ସୁରଟ ଯିବାକୁ ମନ ନାହିଁ। ଏଇଠି ଯାହା କରିବି।

ଯାହା ଭାବୁଛୁ କର। ହେଲେ ଘରର ଅବସ୍ଥା ମନରେ ରଖିଥିବୁ। ମାଆ ପରୋକ୍ଷରେ ମନେପକାଇ ଦେଲା ଅବିବାହିତ ଭଉଣୀ ଓ ବାପାଙ୍କ ବ୍ଲଡ୍ ପ୍ରେସର୍ କଥା।

ସବୁ ମନେ ଅଛି ମାଆ। ତୁ ବ୍ୟସ୍ତ ହ'ନି।

ପୁଣି ସେ ଦାନାପାଣି ଭିତରେ ଛନ୍ଦି ହେଲା। ଜୀବନରେ କିଛି ତ କରିବାକୁ ହେବ। ତା ପାଦତଳର ମାଟିକୁ କଂକ୍ରିଟ୍ କରିବାକୁ ହେବ। ମଥାର ଛାତକୁ ମଜବୁତ୍ କରିବାକୁ ହେବ। ଯେମିତି ସେ ଛାତ ବାତ୍ୟା ସଂଭାଳୁଥିବ। ସ୍ୱପ୍ନ ସଂଭାଳୁଥିବ..! ବାସ୍ତବତାର ଖିଆଲରେ ଚଡକି ଯାଉନଥିବ। ପୁଣି ଚାହୁଁଥିଲା ନିଜକୁ। ଦିଶୁଥିଲା ପାରୋର ପ୍ରତିଛବି। ପାରୋକୁ ନେଇ ସ୍ୱପ୍ନ ଦେଖିବାଟା ଆଜିକାଲି ବଂଚିବାର ବାହାନା ପରି ମନେ ହେଉଛି। ତା ସ୍ୱପ୍ନରୁ ସେ ଦୂରେଇ ଯିବାକୁ ଚାହୁଁନି।

ବି.ଇ.ଡି ଡିଗ୍ରୀଟା ହାତରେ ଅଛି। ଟଙ୍କାରୁ କଣ ମିଳିବ! ଟଙ୍କାରେ କଣ ମନ କିଣିହୁଏ? ବେଳେବେଳେ ଅର୍ଥ ମଣିଷର ମନକୁ ହାଇବ୍ରିଡ୍ କରିଦିଏ। ଗୁଡେ ଲାଳସାରେ ଭରିଦିଏ। ପ୍ରାଚୁର୍ଯ୍ୟରେ ଭରିଗଲେ ବି ମନଟା ଯୋଉ ଫାଙ୍କାକୁ ସେଇ ଫାଙ୍କା। ନା..ସେସବୁ ସୀମାରୁ ତାକୁ ଡେଇଁଯିବାକୁ ହେବ। ଛୁଇଁବାକୁ ହେବ ଆକାଶ କିନ୍ତୁ ସେଠି ସ୍ୱପ୍ନ ଥିବ,ରଙ୍ଗ ଥିବ ଆଉ ମହକ ବି ଥିବ। ସେଥିପାଇଁ ସବୁକିଛି ଚିନ୍ତା କରି ପାଖ ବଜାରରେ ସୋ'ରୁମ୍ ଖୋଲିଛି। ଧୀରେ ଧୀରେ ଭଲ ଚାଲିଛି ତା ବେପାର। ଏବେ ସେ ପରିଚିତ ନାଁ ଟିଏ ଆଖପାଖ ଗାଁରେ।

କେବେକେବେ ପାରୋ ଆସେ ଦୋକାନକୁ ପର୍ବପର୍ବାଣୀରେ ଶାଢୀ କିମ୍ବା ଡ୍ରେସ୍ ପାଇଁ। ବେଶୀ ପରଖେନି। ବହୁତ ଗୁଡେ ଶାଢୀ ତା ଆଗରେ ଗଦା କଲେ ବି ଗୋଟେ ସାଧାରଣ ଶାଢୀ ବା ଡ୍ରେସ୍ ନେଇ ଚାଲିଯାଏ। ତା ପାଖରୁ ଟଙ୍କା ରଖେନି ହୃଷି। ବୁଲେଇ ବଙ୍କେଇ କହେ-ତୁ ସାଙ୍ଗଟେ ପରା।

ସେ ଚଟାପଟ୍ ଉତର ଦିଏ-କାଇଁ ଶାଢୀ କଣ ଗଛରେ ଫଳୁଛି କି? ତୁ ତ ପୁଣି ଟଙ୍କା ଦେଇ କିଣୁଛୁ ନା! ତେଣୁ ମନା କରନି। ଏମିତି ଦେଖିଲେ ତୋ ବେପାର ବୁଡିଯିବ। ରୋଜଗାର କଣଟା କରିବୁ? ଛତୁ..? ଆଜିକାଲି ସ୍ୱାଭାବିକ କଥା ହୁଏ ସେ ହୃଷି ସହିତ। କେବେକେବେ ହସିଦିଏ କଥାରେ କଥାରେ। ହୃଷି ଜୀଇଁଉଠେ କିଛି କ୍ଷଣ! ଭାବେ ଜୀବନଟା ସାର୍ଥକ ହୋଇଗଲା ଯେପରି! ସେ ଯେତେବେଳେ ଯୋର୍ କରି ତା କାଉଂଟରରେ ଟଙ୍କା ରଖି ଚାଲିଯାଏ।

ହୃଷି ତାକୁ ବାଧା ଦେଇ କହିପାରେନି-ତୋରି ପାଇଁ ଜୀବନ ଜୀବିକା ମୋର। ତୁ ଚାହିଁଲେ ଏ ସବୁ ସଂପତିର ମାଲିକାଣୀ ହୋଇପାରନ୍ତୁ। ମୁଁ ତ ତୋତେ ମୋର ସବୁକିଛି ବୋଲି ଭାବେ। ହେଲେ ସେତେବେଳକୁ ସେ ଚାଲିଯାଇଥାଏ ଘରକୁ। ଆଜିକାଲି ବାପାଙ୍କୁ ବସାଉଛି ସେ ସୋ'ରୁମରେ। ଦୁଇ ମହଲା ମାର୍ବଲ ଘର ଛିଡା କରେଇ ସାରିଲାଣି। ଭଉଣୀ ବାହାଘର ବି ସରିଗଲାଣି। ଘରେ ଏବେ ତା ବାହାଘର ଚିନ୍ତା ଘାରିଛି ସମସ୍ତଙ୍କୁ। ବିବାହିତା ଭଉଣୀ ବି ଖୁବ୍ ଗୁଡେ ପ୍ରସ୍ତାବ ପଠେଇଛି ତା ଶାଶୁଘର ତରଫରୁ। ହେଲେ ହୃଷିର ସେଇ ଗୋଟେ କଥା-ଆଉ କିଛି ଦିନ ଯାଉ। ଏତେ ତରବର କାହିଁକି? ଗୋଟେ ବାହାଘର ସରିଛି ତ ଏବେ। ହେଲେ ବାପା ମାଆ ଝିଅ ପସନ୍ଦ କରି ନିଶ୍ଚିନ୍ତ ରହିବାକୁ ଚାହାନ୍ତି। ଚାରିମାସ ପରେ ପଛେ ବାହାଘର ହେବ।

ମନୋଜ କହୁଥିଲା କାଲେ ପାରୋ ବାପା ଗତରାତିରେ ତାକୁ ଖୁବ୍ ଗୁଡେ ଗାଳି କରିଛି। ସେ ସବୁ ପ୍ରସ୍ତାବକୁ ନାଁ କରୁଥିବାରୁ। ତା ବାପାକୁ କହିଲା ଯେ ବିବାହ କରିବାକୁ ଚାହୁଁନି ଏବେ। ହେଲେ ଝିଅମାନେ ବୟସ ବଢିଲେ ବୁଢୀଙ୍କ ପରି ଦିଶନ୍ତି। ତା ବାପା ବୁଝାଇ ବୁଝାଇ ଥକିଗଲାଣି! ହେଲେ ତାର ଗୋଟେ ଜିଦ୍ -ନାଁ। ସେଥିପାଇଁ ତାଙ୍କ ଘରୁ ରାତିରେ ପାଟି ଶୁଭୁଥିଲା। କିଛି ଲୋକ ଶୁଣିଛନ୍ତି ତା ବାପା କୁଆଡେ ଧମକାଉଥିଲା-ତୋରି ପାଇଁ ଦିନେ ମୁଁ ବିଷ ଖାଇ ମରିବି। ଯଦି ମୋତେ ନିର୍ବଂଶ କରି ମାରିବାର ଅଛି ତେବେ ଏବେ କାଇଁ ନ ମରିବି!

ହୃଷି ଛାତିରେ ଛନକା ପଶିଲା। ପାରୋ ବିବାହ କରିବାକୁ କାଇଁ ମନା କରୁଛି! ତା ମନରେ କି ଉଦ୍ଦେଶ୍ୟ ଲୁଚିଛି! ଯେଉଁଥି ପାଇଁ ତାକୁ ଜୀବନଠୁ ବେଶୀ ଭଲପାଉଥିବା ବାପା ଆଜି ଏତେ ଉତ୍‌କ୍ଷିପ୍ତ ତା ଉପରେ! ମନଟା ଗୋଳେଇଘାଂଟି ହେଲା ଚିନ୍ତାରେ। ଘରୁ ବାହାର..ହେଉ ହେଉ ବେଳ ଗଡିଗଲା। ଦୋକାନ ପିଲାଟା ଚାବି ନେଇ ଦୋକାନ ଖୋଲିବାକୁ ଗଲାଣି! ବାପାଙ୍କୁ ପଠେଇ ନିଜେ ଆଜି ଘରେ ରହିଗଲା ହୃଷି। ମନରେ ଅଜସ୍ର ପ୍ରଶ୍ନ। ଭାବିଲା ଆଜି ସେ ମନ୍ଦିରରେ ପାରୋକୁ ସବୁତକ ଜବାବ୍ ମାଗିବ। ଖରା ବର୍ଷା ଶୀତ..ଯାହା ହେଲେ ବି ସେ ମନ୍ଦିର ଯାଏ ସକାଳ ସନ୍ଧ୍ୟାରେ। ଆଜି ହୃଷି ତାକୁ ସେଇଠି ଭେଟିବ। ତା ସମବୟସୀ ଝିଅମାନେ ବିବାହ କରି ଘର ସଂସାର କଲାବେଳେ ସେ କାଇଁ ଏକାକୀତ୍ୱ ବରଣ କରିନେଇଛି ବୋଲି ନିଶ୍ଚୟ ପଚାରିବ।

ସେ ରାତିଟା ବେଶ୍ କିଛି ବହଳ ଥିଲା। ସମୟ ସରୁନଥିଲା। ପାରୋ ଦେଖୁଥିଲା ଘରର ଅବସ୍ଥା। ବାପା ଏତେଦିନ ପରେ ପୁଣି ଦୋ'ଛକିରେ ପଡି ଘାରି ହେଉଥିଲେ। ରାଗ ଓ ଚିନ୍ତାରେ ସଁ ସଁ ହେଉଥିଲେ। ଏମିତିରେ ବ୍ଲଡ୍ ପ୍ରେସର୍ ଅଛି ତାଙ୍କର। ବେଶୀ ଚିନ୍ତାରେ ରହିପାରନ୍ତିନି। ଆଜିକାଲି ପାରୋର ଚିନ୍ତା ତାଂକୁ ଖୁବ୍ ବେଶୀ ପରିମାଣରେ ରୁଗ୍‌ଣ କରିପକାଇଛି। ବୟସରେ ଭାରାକ୍ରାନ୍ତ ହୋଇପଡୁଛି ତାଙ୍କ ଦେହ। ଖୁବ୍ ଗୁଡେ ଗାରୁ ଗାରୁ ହେବା ପରେ ପାରୋ ଖୁଂଟରୁ ପରିବର୍ତିତ ହେଲା ନାରୀକୁ। ତା ଭିତରେ ଖୁବ୍ ଗୁଡେ କ୍ରିୟା ପ୍ରତିକ୍ରିୟା ସୃଷ୍ଟି ହୋଇ ମିଳେଇଯାଉଥିଲା। କୋହ ଓ ଲୁହ ଏକା ସାଙ୍ଗେ ତାକୁ ମ୍ରିୟମାଣ କରିପକାଉଥିଲେ। ଭାବୁଥିଲା ପ୍ରକୃତରେ କୋଉ ପରିଚୟ ତାର? କିଏ ସେ? କାହା ପାଇଁ ଏ ଜୀବନ?

ସେପଟେ ବାପା ରାଗରେ ଗର୍ଜି ଉଠୁଥିଲେ-ମରିବି ମୁଁ ଆଜି। ନିଶ୍ଚେ ମରିବି। ଆଜି ତୋର ଦିନେକୁ ମୋର ଦିନେ। କାଇଁ ତୋର ଏତେ ମିଛ ଭରସା?

ବାପା..ସେମିତି କୁହନା। ମୋର ଆଉ କିଏ ଅଛି ଯେ ତୁମ ଛଡା!

ତାହେଲେ ତୁ ବାହା ହେବାକୁ ମନା କାଇଁ କରୁଛୁ? କାଇଁ ଏତେ ଭଲ ଭଲ ପ୍ରସ୍ତାବକୁ ମୁହଁ ଆଡ କରୁଛୁ? କେତେ ଆଉ ଅପେକ୍ଷା କରିବୁ?

ସେ ଉତର ମୋ ପାଖେ ବି ନାହିଁ। ଆଉ କିଛି ସମୟ ଦିଅ। ବ୍ୟସ୍ତ ହୁଅନି। ସବୁ ଠିକ୍ ହୋଇଯିବ।

ମୋର ସେ ଭରସା ନାହିଁ ଆଉ। ସେ ଭୁଲିଗଲା ସବୁ। ତା ଭିଟାମାଟିର ମୋହ, ଜନ୍ମକଲା ମାଆ ଓ ତୋ ଉପକାର ସବୁକିଛି..। ସେଇଟା ସ୍ୱାର୍ଥପର ଜୀବଟେ। କାହାର ନୁହଁ କି ହୋଇପାରିବନି। ତାକୁ ତୁ ବୁଝିପାରିଲୁନି। ସାରା ଚେଷ୍ଟା,ଶ୍ରମ,ଜୀବନ ସବୁ ଦେଇଦେଲୁ। ନିଃସ୍ୱ ହୋଇଗଲୁ। ଏବେ କୋଉ ଦମ୍ଭ ନେଇ ଚାହିଁଛୁ କହ। **(କ୍ରମଶଃ...)**

---

ବିଶେଷ କବିତା

# ପହଞ୍ଚିଯିବି ଦିନେ



**ତାରକ ମହାନ୍ତି**

**ଭା**ଗ୍ୟକୁ ଆଦରି ବଞ୍ଚୁଥିବା ଲୋକର
କ୍ଷୋଭ କ'ଣ
ସିଏ ପରାସ୍ତ ହୋଇସାରିଛି କୋଉ କାଳୁ
ସଜନା ଡାଙ୍ଗ ପରି
ଗୋଟେ ବଡ ପବନ ଅପେକ୍ଷାରେ।

ଅଦିନିଆ ବଢ଼ିପାଣି ମାଡି ଆସିଲା ପରି
ଦୁର୍ଭାଗ୍ୟର ଦିନ ମାନେ ମାଡି ଆସିଲେ
ପିଲାଙ୍କ ମନରୁ ଦୂରେଇ ଯାଇଥିଲା ଡର
ଆଉ ବାପାଙ୍କ ଚପଲ ଶବ୍ଦରୁ
ତରଛୁ ନଥିଲେ ସେମାନେ
ନିଜ ନିଜର ଗୀତମୟ କୋଳାହଳରେ
ସତେଯେମିତି ମଜ୍ଜି ରହିଗଲେ।

ଯେଉଁଦିନ ମଦ ଗ୍ଲାସ ଫିଙ୍ଗିଦେଲି
ସେଦିନଠୁ ଘରେ ସବୁ ମାତାଲ
ଅଳନ୍ଧୁ ବି ଚାନ୍ଦୁଆର ଭ୍ରମ ସୃଷ୍ଟି କରୁଛି
ସେ ଭିତରେ ଆତୁର ଅଧିର ଚିତ୍କାର
ଏବେ ଯିଏ ଯାହା ବାଟରେ।





ସୂର୍ଯ୍ୟୋଦୟ କିମ୍ବା ସୂର୍ଯ୍ୟାସ୍ତ ହେଲେ
କିଛିବି ଫରକ ପଡୁନି ମୋତେ
ମନକଲେ ଈଶ୍ୱରଙ୍କ ପାଇଁ
ବରାଦି ଭୋଗ, ନଚେତ ନାଇଁ
ସ୍ନେହ କାଙ୍ଗାଳ ହେବା
ଗୋଟେ ବୋକାମୀ, ଏବେ ଜାଣିଲି
ଅତ୍ୟଧିକ ଭଲ ପାଇବା ହିଁ ବିଶୃଙ୍ଖଳା
ତେଣୁ କାହାକୁ କେମିତି ମନାଇବ!
କୋଉ ବାଗରେ ବାଟ ଚାଲିଲେ
ଠିକ୍ ରାସ୍ତାରେ ପହଞ୍ଚି ହେବ ଜାଣିଲିନି
ଅପଥରେ ଠାକୁରାଣୀଙ୍କ କରିଆକୁ
ଗାମୁଛା କରି ଚୂଆ ଚନ୍ଦନର
ବାସ୍ନା ହଜିବା ଯାଏ ବାଟ ଚାଲୁଛି
ଚାଲୁ ଚାଲୁ ଥକ୍କା ଲାଗିଲାଣି
ସବୁଠି ଅଧିକାର ଓ ଅଦଉତି
ଲୁହର ଦାଗପରି ଶୁଖିଲା ନଈକୂଳେ
ଭାସିଯିବାକୁ ଇଛା, ପାରୁନି
ହେଲେ କିନ୍ତୁ ପହଞ୍ଚିଯିବି ଦିନେ।

*ମୋ-୯୪୩୭୧୩୩୭୭୭*

---

# "ନୁହେଁ ମୁଁ ଦସ୍ୟୁ ରତ୍ନାକର"

**ନୃସିଂହ ଚରଣ ବେହେରା**

**ଚା**କିରୀ..ସେ ପୁଣି ସରକାରୀ ଚାକିରି..,ଏହି ସରକାରୀ ଚାକିରିରେ ବଦଳି ଏକ ସାଧାରଣ କଥା । କେବଳ ତଳିଆ କର୍ମଚାରୀମାନଙ୍କୁ ଛାଡି ଦେଲେ ଅନ୍ୟମାନଙ୍କୁ ଦିନେ ନା' ଦିନେ ଅନ୍ୟତ୍ର ଯିବାକୁ ପଡେ । କେତେକଙ୍କ କ୍ଷେତ୍ରରେ ବ୍ୟତିକ୍ରମ ମଧ୍ୟ ଦେଖିବାକୁ ମିଳେ । ଯେପରିକି କିଛି ଥାନ୍ତି ଗୋଟିଏ ସ୍ଥାନ ଛାଡି ଅନ୍ୟତ୍ର ଯିବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ ତ କିଏ ଭଲ ପୋଷ୍ଟ ଓ ଭଲ ଯାଗାକୁ ଯିବା ପାଇଁ ଉପର ମହଲରେ ବଡବଡିଆଙ୍କ ଓ କର୍ତ୍ତବ୍ୟନିଷ୍ଠା ଯୋଗୁଁ ଉପରିସ୍ଥ କର୍ମଚାରୀମାନଙ୍କର ଆକ୍ରୋଶର ଶୀକାର ହୋଇ ବାରମ୍ବାର ସ୍ଥାନାନ୍ତରିତ ହୁଅନ୍ତି ।

ସେହିପରି ଜଣେ ସରକାରୀ କର୍ମଚାରୀ ହେଉଛନ୍ତି ଦୀପକ ମହାପାତ୍ର । ପି.ଡବ୍ଲୁ.ଡି. ବିଭାଗରେ ନିର୍ବାହ ଯନ୍ତ୍ରୀ ଭାବେ କାର୍ଯ୍ୟ କରନ୍ତି । ଆଇ.ଆଇ.ଟି.ରୁ ବିଟେକ୍ ପାଶ କରିଛନ୍ତି । ସେ ଜଣେ ସଚ୍ଚୋଟ ତଥା କର୍ତ୍ତବ୍ୟନିଷ୍ଠା କର୍ମଚାରୀ । ତାଙ୍କର ଏଇ ସଚ୍ଚୋଟପଣିଆ ଏବଂ କର୍ତ୍ତବ୍ୟନିଷ୍ଠା ଯୋଗୁଁ ତଳିଆ କର୍ମଚାରୀ ପ୍ରମାଦ ଗଣନ୍ତି । ସରକାରୀ ନିୟମର ବାହାରେ କୌଣସି ପ୍ରକାର କାମ ନା' ତ ସେ ନିଜେ କରନ୍ତି ନା' ଆଉ କାହାକୁ କରିବାକୁ ଦିଅନ୍ତି । ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ପ୍ରତ୍ୟେକ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସବୁବେଳେ ଚେଷ୍ଟା କରନ୍ତି ।

ବର୍ଷତମାମ ତାଙ୍କ ବିଭାଗରେ କୋଠାବାଡି,ପୋଲ,ରାସ୍ତା ଆଦି ବିଭିନ୍ନ ପ୍ରକାରର କାମ ଚାଲିଥାଏ । ଦେଖିବାକୁ ଗଲେ ସେ ଅଫିସ୍‌ରେ ବସି ଖାଲି ଫାଇଲ୍ ଚାଷ କରନ୍ତି ନାହିଁ ବରଂ ତାଙ୍କ ଅଧିନରେ ଚାଲୁଥିବା କାମଗୁଡାକର ତଦାରଖ ସେ ନିଜେ ନିର୍ମାଣସ୍ଥଳରେ ପହଞ୍ଚି କରନ୍ତି । ଯେଉଁ ଦିନ ଛାତ ଢଳେଇ କିମ୍ବା ପୋଲକାମ ହେବାର ଥାଏ ସେଦିନ ସେ ଅଫିସ୍‌ରେ ନରହି କାମ ଠିକ୍‌ରେ ହେଉଛି କି ନାହିଁ ଦେଖିବା ପାଇଁ ଠିକଣା ଯାଗାରେ ପହଞ୍ଚିଯାନ୍ତି । ନିୟମ ଅନୁସାରେ ସେଣ୍ଟ୍ରିଙ୍ଗ୍ ହୋଇଛି କି ନାହିଁ,ରଡ୍ ଠିକ୍‌ରେ ବନ୍ଧା ହୋଇଛି କି ନାହିଁ ,ସିମେଣ୍ଟ,ବାଲି,ଚିପ୍ସ ଆଦିର ଭାଗମାପ ଠିକ୍ ଅଛି ନା' ନାହିଁ ପରି କାର୍ଯ୍ୟକୁ ଆଗ ସେ ଟିକିନିଖି ଅନୁଧ୍ୟାନ କଲା ପରେ କାମ ଆଗକୁ ବଢେ ।

ଦୀପକବାବୁଙ୍କର ଏଇ କଡାକଡି ନୀତି ଯୋଗୁଁ ତାଙ୍କ ବିଭାଗରେ କାମ କରୁଥିବା କିଛି ଅସାଧୁ କର୍ମଚାରୀ ଓ କଣ୍ଟ୍ରାକ୍ଟରମାନଙ୍କ ନିକଟରେ ସେ ଅପ୍ରିୟ ହୋଇ ପଡନ୍ତି । କାରଣ ସେମାନଙ୍କ ସ୍ୱାର୍ଥ ସାଧନ ହୋଇ ନ ପାରିବା ଯୋଗୁଁ କଳେ ବଳେ କୌଶଳ କରି ତାଙ୍କୁ ଅନ୍ୟତ୍ର ବଦଳି କରାଇ ଦିଅନ୍ତି । ତେଣୁ ସେ ନିର୍ବାହୀଯନ୍ତ୍ରୀ ଚାକିରୀ ଜୀବନରେ ପନ୍ଦର ବର୍ଷ କେବଳ କେବିକେ ଅଞ୍ଚଳରେ ପଡି ରହିଛନ୍ତି । ଯେଉଁ ଡିଭିଜନରେ ବିଶେଷ କିଛି କାମ ନ ଥାଏ କିମ୍ବା ସର୍ଭେ ଏବଂ ଇନ୍‌ଭେଷ୍ଟିଗେସନ୍ କାର୍ଯ୍ୟ କରିବାକୁ ଥାଏ,ତାଙ୍କୁ ପ୍ରାୟତଃ ସେଇ ସବୁ ଯାଗାକୁ ବଦଳି କରି ଦିଆଯାଏ । ଅବଶ୍ୟ ମଝିରେ ସ୍ୱଳ୍ପ ସମୟ ପାଇଁ ସର୍ଭେ କାମରେ କେନ୍ଦ୍ରାପଡା ଆସିଥିଲେ ।

ଦୀପକବାବୁଙ୍କର ଯେ କୌଣସି କାର୍ଯ୍ୟ କିମ୍ବା ସ୍ଥାନ ପ୍ରତି କିଛି ଆପତ୍ତି ନଥାଏ । କାରଣ ସେ ଜାଣନ୍ତି 'ଢିଙ୍କି ଯେଉଁଠିକି ଗଲେ ମଧ୍ୟ ଧାନ ହିଁ କୁଟିବ' । ତାଙ୍କର କାମକୁ କେହି ଯେପରି ଖୁଣି ନ ଦିଅନ୍ତି ସେ ଦିଗ ପ୍ରତି ସେ ବେଶ୍ ସଚେତନ । ତେଣୁ ରାଜମିସ୍ତ୍ରୀଠାରୁ ଆରମ୍ଭ କରି ରଙ୍ଗମିସ୍ତ୍ରୀ ପର୍ଯ୍ୟନ୍ତ ସମସ୍ତଙ୍କର କାର୍ଯ୍ୟକୁ ଟିକି ନିଖି ତଦାରଖ କରନ୍ତି । ତାଙ୍କର ଏପରି ଦୃଢ କାର୍ଯ୍ୟଶୈଳୀ ଯୋଗୁଁ ଉପରିସ୍ଥ କର୍ମଚାରୀମାନେ ମଧ୍ୟ ତାଙ୍କୁ ଭିନ୍ନ ଦୃଷ୍ଟିରେ ଦେଖନ୍ତି । ତାଙ୍କ ସାଙ୍ଗରେ କାମ ଆରମ୍ଭ କରିଥିବା ଅନେକ ପ୍ରମୋଶନ୍ ପାଇ ଉପରକୁ ଉଠି ଗଲେଣି । ହେଲେ ସେ ସେଇ ଗୋଟିଏ ପଦବୀରେ ଆଜି ଯାଏଁ ପଡି ରହିଛନ୍ତି । ସେ ପ୍ରମୋଶନ୍ ପାଇବାକୁ ଯୋଗ୍ୟ, କିନ୍ତୁ ଏ କାମ ପାଇଁ କାହାକୁ ଖୋସାମଦ କରିବାଟାକୁ ଜମାରୁ ପସନ୍ଦ କରନ୍ତି ନାହିଁ କି କେବେ କ୍ଷୋଭ ପ୍ରକାଶ କରିନାହାନ୍ତି । ସମୟ ଓ ପରିସ୍ଥିତି ସହ ସାଲିସ୍ କରି ଆଗକୁ ବଢିବା ସେ ବେଶ୍ ଭଲ ଭାବରେ ଶିଖି ଯାଇଛନ୍ତି ।

କିଛିଦିନ ବଲାଙ୍ଗିରରେ ରହିବା ପରେ ଭବାନୀପାଟଣାକୁ ବଦଳି ହୋଇ ଆସିଲେ । କାର୍ଯ୍ୟରେ ଯୋଗ ଦେବାର ମାସଟେ ବିତିଗଲାଣି । ଦିନେ ସେ ଅଫିସ୍‌ରେ ବସି କାମ କରୁଥିବା ବେଳେ ଅଚାନକ ଦୁଇଜଣ ଲୋକ ଅଫିସ୍ ଭିତରକୁ ଭୁସ୍‌ଭାସ୍ ପଶି ଆସି ତାଙ୍କ ସାମ୍ନାରେ ପଡିଥିବା ଚୌକିରେ ବସି ପଡିଲେ । ସେମାନଙ୍କର ଏ ପ୍ରକାର କାର୍ଯ୍ୟ କଳାପ ଦେଖି ଦୀପକବାବୁ ଯଦିଓ ମନେ ମନେ ରାଗିଗଲେ,କିନ୍ତୁ କୌଣସି ପ୍ରକାର ବିରକ୍ତି ଭାବ ପ୍ରକାଶ ନ କରି ଚୁପ୍ ରହିଲେ । ଦଣ୍ଡେ ରହିଯାଇ ଆପଣଙ୍କର କ'ଣ କାମ ଅଛି ବୋଲି ସେ ଦୁଇଜଣଙ୍କୁ ପ୍ରଶ୍ନ କଲେ ।

ଏଥିରେ ଉତକ୍ଷିପ୍ତ ହୋଇ ଜଣେ ବେଶ୍ ଗମ୍ଭୀର ହୋଇ କହିଲା, 'ତୁମର ଏଠିକି ଆସିବାର ମାସେ ହୋଇଗଲାଣି ଅଥଚ ଆମ ସହିତ ଭେଟ ହେଇନି ?' 'ମୁଁ ସରକାରୀ ଆଦେଶ ପାଇ ଏଠାକୁ ବଦଳି ହୋଇ ଆସିଛି । ମୋ କାର୍ଯ୍ୟ ସମ୍ବନ୍ଧିତ ଯେଉଁ କର୍ମକର୍ତ୍ତା ମାନଙ୍କୁ ଭେଟିବା କଥା ସେମାନଙ୍କୁ ଭେଟି ସାରିଛି । ହେଲେ ଆପଣମାନେ କିଏ ? କ'ଣ ଆପଣମାନଙ୍କର ପରିଚୟ... ?' 'ଆମେ ଦିଜଣ ହେଲୁ ମନ୍ତ୍ରୀଙ୍କର ଖାସ୍ ଲୋକ..' ବୋଲି ଜଣେ କହି ପୁଣି ଆରମ୍ଭ କଲା '..ମୋ ନାଁ କାଳିଆ ଆଉ ଇଏ ହେଉଛି ବଳିଆ । ଏଠିକି ଆମେ ମନ୍ତ୍ରୀଙ୍କ କାମରେ ଆସିଛୁ ।' 'ମନ୍ତ୍ରୀଙ୍କର କାମ.. ? ତାଙ୍କର ଏଠି ପୁଣି କି କାମ.. ?' ଟିକିଏ ଆଶ୍ଚର୍ଯ୍ୟ ହୋଇ ଦୀପକବାବୁ ପଚାରିଲେ । 'ଆରେ,ତମେ ମନ୍ତ୍ରୀଙ୍କ କାମଟା କ'ଣ ଜାଣିନ ! ଆମ କାମ ହେଲା ପ୍ରତିମାସରେ ବିଭିନ୍ନ ଅଫିସ୍‌କୁ ଯାଇ ମନ୍ତ୍ରୀଙ୍କ ଭାଗର ମାସିକିଆ ପାଉଣା ଆଦାୟ କରିବା । ଆମେ ତ ସବୁ ମାସରେ ଏ ଅଫିସ୍‌କୁ ଆସି କୋଡିଏ ହଜାର ଟଙ୍କାର ପାଉଣାଟା ନେଇ କରିଯାଉ । ଆମକୁ ଏ ଅଫିସ୍‌ର ସବୁ କର୍ମଚାରୀମାନେ ଭଲ ଭାବରେ ଜାଣିଛନ୍ତି । ସେମାନଙ୍କୁ ପଚାରି ସବୁକଥା ବୁଝି ନିଅ..' ଆଦେଶ ଦେବା ଭଙ୍ଗୀରେ ଜଣେ କହିଲା । ଏଥର ଦୀପକବାବୁଙ୍କ ଧୈର୍ଯ୍ୟର ବାଲିବନ୍ଧ ଭୁଷୁଡି ପଡିଲା । ସେ ଅହିରାଜ ସାପ ଫଣା ଟେକି ଛିଡା ହେଲା ପରି ରାଗ ତମ ତମ ହୋଇ କହିଲେ,ବହୁତ ହୋଇଗଲା.. 'ଆପଣମାନେ ଏବେ ଏଠୁ ଯାଇ ପାରନ୍ତି ।' 'ଆଁ..କ'ଣ କହିଲ..ଆମେ ଏଠୁ ଚାଲିଯିବୁ.. ? ଆଉ ଆମ ପାଉଣାଟା.. ? ବିନା ପାଉଣାରେ ଆମେ ତ ଏଠୁ ଯିବୁ ନାହିଁ । ତା'ଛଡା ଆମେ ତ ପ୍ରତିମାସରେ ଏମିତି ଆସିବୁ । ତେଣୁ ଆଜିର ଦେୟଟା ଦେଇ ଭବିଷ୍ୟତ ପାଇଁ ନିର୍ଭର ପ୍ରତିଶୃତି ପାଇଲା ପରେ ଆମେ ଏଠୁ ଚାଲିଯିବୁ ।' 'ମୁଁ କୌଣସି ପ୍ରକାର ପାଉଣା ଦେଇ ପାରିବି ନାହିଁ । ଦୟା କରି ମୋତେ ମୋ କାମ କରିବାକୁ ଦିଅନ୍ତୁ ।' 'ସେ କାମ ଆମକୁ ଦେଖାନା ! ଆମେ ବହୁତ ଦେଖିଛୁ କାମ କଲାବାଲା !! ଆଗ ଆମ ପାଉଣାଟା ଦେଇ ଦିଅ ତା'ପରେ ବସି କାମ କରୁଥା । କିଏ ମନା କରୁଛି କି କାମ କରିବାକୁ!' 'ଥରେ କହିଲି ଦେଇ ପାରିବିନି ମାନେ ଦେଇ ପାରିବିନି । ବାରମ୍ବାର ସେଇ ଗୋଟିଏ କଥା କହି କାହିଁକି ମୋ ସମୟ ନଷ୍ଟ କରୁଛନ୍ତି ?' 'ଆରେ ଦାଦାବଟି ଆଦାୟ କରିବାରେ ଆମ ଦୁଇଜଣଙ୍କର କାଟ୍‌ତି ସେକଥା ଏ ଅଞ୍ଚଳରେ କିଏ ବା' ନ ଜାଣେ ? ଏ ଅଫିସ୍‌ର ନାଁ ହେଲା ପି.ଡବ୍ଲୁ.ଡି. ଅର୍ଥାତ "ପ୍ଲୁଣ୍ଡର ଉଇଦାଉଟ୍ ଡେଞ୍ଜର" ମାନେ "ବିନା ବାଧାରେ ଲୁଟିନିଅ" । କଣ୍ଟ୍ରାକ୍ଟରମାନଙ୍କଠୁ ତ ଢେର୍ ଲୁଟିଛୁ । ସେଥିରୁ ଆମ ଭାଗଟା ଦେବାକୁ ଏତେ କୁନ୍ଥୁ କୁନ୍ଥୁ କାହିଁକି ? କ'ଣ ତୁମ ପକେଟରୁ ଦେଉଛ କି ? ଆମେ କ'ଣ ଜାଣିନୁ ତୁମେମାନେ କେମିତି ଯେ.., ଆରେ,ଦରମା ଟଙ୍କାରେ ହାତ ନ ମାରି ଉପୁରି ଟଙ୍କାରେ ପରା ତୁମମାନଙ୍କ ଘର ଚାଲେ । ତେଣୁ ତୁମେ ଯଦି ସେଥିରୁ ଆମ ଭାଗଟା ନ ଦେବ ତେବେ ଆପ ପାର୍ଟି ଚାଲିବ କେମିତି ? ଆମେ କ'ଣ ସେ ଟଙ୍କା ଚଲୁ କରି ଯିବୁ କି ? ଯାହା ପାଇବୁ ସବୁ ନେଇ ଆମ ମନ୍ତ୍ରୀଙ୍କ ହାତରେ ଦେବୁ..' 'ଆପଣଙ୍କର ଆଉ କିଛି କହିବାର ଅଛି କି ?' 'ଆମର ଆଜ୍ଞା ସେଇ ଗୋଟିଏ କଥା । ଆମକୁ ଆମ ମାଲପାଣି ମିଳିଗଲେ ଏଠାରୁ ଚୁପ୍‌ଚାପ୍ ଚାଲିଯିବୁ ।' 'ମୁଁ ଆପଣମାନଙ୍କର ସବୁ କଥା ଶୁଣିଲି । ଜଣେ ସରକାରୀ କର୍ମଚାରୀ ହିସାବରେ ସରକାରଙ୍କ ନୀତିନିୟମକୁ ମାନି ମୁଁ କାମ କରେ । ମୋ କାମ ପାଇଁ ମୋତେ ସରକାର ଦରମା ଦେଉଛନ୍ତି । ଉପୁରି ଦେଉ ନାହାନ୍ତି । ସୁତରାଂ ଦାଦାବଟି ଦେବାର ପ୍ରଶ୍ନ ହିଁ ଉଠୁନି । ଦୟାକରି ଆପଣମାନେ ଏଠୁ ଗଲେ ମୁଁ ମୋ କାମ କରିବି ।' 'ରଖ ହୋ ତୁମ କାମ..! ଏଇ ଏକା ଜଣେ ସଚ୍ଚୋଟ କାମିକା ଇଞ୍ଜିନିୟର ବୋଲି ବେଶୀ ଦେଖେଇ ହେଉଛି !! ଏଠିତ ଏକୁଟିଆ ଖାଇ ପିଇ ଆରାମରେ ରହୁଛ । ଏନ୍.ଏମ୍.ଆର୍ ତ ତୁମର ସବୁ କାମ କରି ଦେଉଛି । ସେଥରେ ପୁଣି ଭୁବନେଶ୍ୱରରେ ଘର..ସେ କ'ଣ ଦରମା ପଇସାରେ ନା' ଉପୁରି ପଇସାରେ.. ? ସେ କଥା ଚାତୁରୀ ଛାଡ ଆଉ ଆମ ଟଙ୍କା କାଢ । ବହୁତ ଡେରି ହେଲାଣି । ଆଗରୁ ବି ଦି ଦି ଥର ଆସି ଫେରି ଯାଇଛୁ । କିନ୍ତୁ ଆଜି ଆଉ ଖାଲି ହାତରେ ଫେରିବାର ପ୍ରଶ୍ନ ଉଠୁନି । ଆମର ତେଣେ କେତେ କାମ ! ଆମ ସମୟର କ'ଣ ମୂଲ୍ୟ ନାହିଁ ? ଆଗରୁତ ସମସ୍ତେ ଦେଉଥିଲେ । ତୁମେ ତା'ହେଲେ କାହିଁକି ଦେବନି ? ଆମ ପାଖରେ ଆଉ ବେଳ ନାହିଁ । ଆମ ହକ୍‌ଟା ଆମକୁ ଦେଇଦେଲେ ତେଣିକି କଥା ସରେ..' 'ସତରେ ! ଆପଣମାନଙ୍କ ସାହସ ପାଇଁ ଆପଣମାନେ ଧନ୍ୟବାଦର ପାତ୍ର । ଏତେ ଗୁଡାଏ ସମୟ ନଷ୍ଟ କଲେଣି । ତଥାପି ଆପଣଙ୍କର ସେହି ମୂଲ୍ୟବାନ ସମୟରୁ ଆଉ ଟିକିଏ ଖର୍ଚ୍ଚ କରି ମୋର କଥା ଟିକେ ଶୁଣି ନିଅନ୍ତୁ । ଏଇ କଳାହାଣ୍ଡିର ଧର୍ମଗଡରେ ଆରମ୍ଭ ହୋଇଥିଲା ମୋ ଚାକିରୀ ଜୀବନ । ଏଇ ଭବାନୀପାଟଣା ମଧ୍ୟ ମୋ ପାଇଁ ନୂଆ ନୁହେଁ । କାମଟଣା ଟି.ବି. ହସ୍ପିଟାଲ କାମ ମୋ ଦାୟିତ୍ୱରେ ଥିଲା । ହସ୍ପିଟାଲର ଲିଣ୍ଟେଲ୍ ପଡିବା ପୂର୍ବରୁ କଣ୍ଟ୍ରାକ୍ଟରଙ୍କ ଚେଷ୍ଟା ଓ ମନ୍ତ୍ରୀଙ୍କ ଦୟାରୁ ମୋର ଏଠାରୁ ବଦଳି ହୋଇଗଲା ରାୟଗଡା । କୋରାପୁଟ, ଫୁଲବାଣୀ, ବଲାଙ୍ଗିର, ସମ୍ବଲପୁର ଆଦି ଜିଲ୍ଲାର ବିଭିନ୍ନ ସ୍ଥାନରେ କାମ କରିଛି । ଅନେକ ଥର ବଦଳି ହୋଇଛି ଏବଂ ସେସବୁ ସ୍ଥାନକୁ ବିନା ଦ୍ୱିଧାରେ ଯାଇଛି ।' ଆପଣ ଯେଉଁ ଏନ୍.ଏମ୍.ଆର ମୋ ପାଇଁ ରୋଷେଇ କରିଦେବା କଥାଟା କହିଲେ ତାହା ସମ୍ପୂର୍ଣ୍ଣ ଭୁଲ୍ ଧାରଣା । ସରକାର ସେମାନଙ୍କୁ ନିଯୁକ୍ତି ଦେଇଛନ୍ତି ସରକାରୀ କାମ କରିବା ପାଇଁ । ଏଠି ମୁଁ ଏକୁଟିଆ ରୁହେ ଏବଂ ସବୁଦିନ ନିଜ ହାତରେ ରୋଷେଇ କରି ଥାଏ । ପ୍ରତ୍ୟେକ ଦିନ ସକାଳେ ଗାନ୍ଧୀ ଛକକୁ ଯାଇ ଚା' ପିଏ । ତା'ପରେ ସାଇକେଲ୍‌ରେ ଦଶ କିଲୋମିଟର ବାଟ ଯାଇ ଜଳଖିଆ ଓ ଅନ୍ୟାନ୍ୟ ସାମଗ୍ରୀ କିଣି ଘରକୁ ଆସେ । ରୋଷେଇକାମ କରି ଗାଧୋଇ ପାଦୋଇ ସେହି ଜଳଖିଆକୁ ଖାଏ ଏବଂ ଦିପହରେ ଖାଇବା ପାଇଁ ଖାଇବା ଟିଫିନ୍ କ୍ୟାରିୟରେ ଭରି ସାଙ୍ଗରେ ନେଇ ଅଫିସ୍‌କୁ ଆସେ । ଆଜି ମଧ୍ୟ ସାଙ୍ଗରେ ନେଇ ଆସିଛି । ସନ୍ଦେହ ହେଉଛି ଯଦି ସେଠି କୋଣରେ ମୋ ଖାଇବା ଜିନିଷ ରଖା ହୋଇଛି । ସନ୍ଦେହ ମୋଚନ ପାଇଁ ଦେଖି ପାରନ୍ତି । ଭୁବନେଶ୍ୱରରେ ଘର କଥା କହିଲେ ଯେ, ସେ ସେମିତି କିଛି ବିଶେଷ ବଡ ଘର ନୁହେଁ । ତିନି ବଖରାର ଆଜବେଷ୍ଟସ୍ ପଡିଥିବା ଘର । ପିଲାମାନଙ୍କ ପାଠ ପଢାରେ ଅସୁବିଧା ହେବନି ବୋଲି ସେମାନେ ସେଠାରେ ରୁହନ୍ତି । ସେ ଘର ଖଣ୍ଡକ ମୁଁ ଉପରି ଟଙ୍କାରେ ତିଆରି କରିନି..କରିଛି ମୋ କଷ୍ଟଅର୍ଜିତ ଧନରୁ । ତେଣୁ ଅଯଥା ଆରୋପ ଲଗେଇବା ପୂର୍ବରୁ ଆଗ ଚିନ୍ତା କରିବା ଉଚିତ୍ । ଆପଣମାନଙ୍କର ସମସ୍ତଙ୍କୁ ଗୋଟିଏ ନିକିତିରେ ତଉଲିବାଟା ଠିକ୍ ହେଉନି । ସମସ୍ତଙ୍କର ରୁଚି,କାର୍ଯ୍ୟକରିବା ଶୈଳୀ ଓ ଜୀବନକୁ ନେଇ ଦୃଷ୍ଟିକୋଣ ଭିନ୍ନ ଭିନ୍ନ । ଆପଣମାନଙ୍କ ମନରେ ଗୋଟେ ଭୁଲ୍ ଧାରଣା ରହି ଆସିଛି ଯେ, 'ଧୋଇନାହିଁ କି ମରୁଡି ନାହିଁ,ସରକାରୀ ଚାକିରି ବଢିଆ ଭାଇ' । ଅର୍ଥାତ ସରକାରୀ ଚାକିରିରେ ଉପୁରି ମାଲ୍ ବହୁତ । ସମସ୍ତଙ୍କର ସ୍ୱଭାବ ତ ସେମିତି ନୁହେଁ । ତେଣୁ କାହା ବିଷୟରେ କିଛି ମନ୍ତବ୍ୟ ଦେବା ପୂର୍ବରୁ ଟିକେ ଭାବି ଚିନ୍ତି ଦେଲେ ଭଲ ହୁଅନ୍ତା ।

'ରଖ ହେ ତୁମ ଉପଦେଶ ! ବହୁତ ଶୁଣେଇଲ ଆଉ ଆମେ ଶୁଣିଲୁ । ଆଗରୁ ଯେତେ ଲୋକ ଥିଲେ ସେମାନଙ୍କ ସହିତ ଆମର ସମ୍ପର୍କ ଖୁବ୍ ଭଲ ଥିଲା । ସେମାନେ ଦେବାରେ କେବେ କାର୍ପଣ୍ୟ କରି ନାହାନ୍ତି । ତୁମେ ଆସିବାର ପାଞ୍ଚବର୍ଷ ପୂର୍ବରୁ ଇଞ୍ଜିନିୟର ପ୍ରମୋଦ ପଟ୍ଟନାୟକ ଏଠି ଥିଲେ । ସେ ସମସ୍ତଙ୍କ ମନ ନେଇ ଚଳୁଥିବାରୁ ବେଶ୍ ଲୋକପ୍ରିୟ ଥିଲେ । ଏଠୁ ଗଲାପରେ ପରା ପା ? ? ?ଟା ଟ୍ରକ୍‌ରେ ଜିନିଷ ନେଇ ଯାଇଛନ୍ତି । ଦୁଇଟା ଟ୍ରକ୍‌ରେ ତ ତାଙ୍କ ନୂଆଘର ପାଇଁ ସାଗୁଆନ୍ ସାଇଜ୍ ପଟା ସାଙ୍ଗକୁ ଚଉକାଠ ମଧ୍ୟ ନେଇଛନ୍ତି । କେତେ ହରିଣଶିଙ୍ଗରେ ତିଆରି ଫର୍ଣ୍ଣିଚର,ବାଘ ଚମଡା ନେଇଛନ୍ତି ତା'ର ହିସାବ ନାହିଁ । ତୁମର ଏଠି ଆଉ ବେଶୀ ଦିନ ରହିବାର ଲକ୍ଷଣଟା ଆମକୁ କାହିଁ ଦେଖାଯାଉନି ତ ?'

ଏକଥା ଶୁଣି ଲୋକ ଦୁଇଜଣ ପରସ୍ପରର ମୁହଁ ଚୁହାଁଚିହିଁ ହୋଉଥାନ୍ତି । ସେମାନେ କିଛି କହିବା ପୂର୍ବରୁ ଦୀପକବାବୁ ପୁଣି ଆରମ୍ଭ କଲେ,ତା'ର କାରଣ ହେଲା ନିମ୍ନମାନର କାମ । କଣ୍ଟ୍ରାକ୍ଟର ଏବଂ ପଟ୍ଟନାୟକ ବାବୁ ଦୁହେଁ ମାଲାମାଲ୍ ହୋଇଗଲେ । ହେଲେ ପୋଲଟି ଧୋଇ ଯିବାରୁ ଅସୁବିଧା କାହାର ହେଉଛି ? ଆପଣମାନଙ୍କର,ସର୍ବସାଧାରଣଙ୍କ ଯିବା ଆସିବା ବନ୍ଦ । ପୋଲଟିଏ ନଥିବା ଯୋଗୁଁ କେତେ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡୁଛି ତାହା କେବେ ଚିନ୍ତା କରିଛନ୍ତି କି ? ହଁ ! ଏଠିକାର ଜଣେ ମନ୍ତ୍ରୀ ଥିଲେ । ସେ ହେଲେ ଦୟାନିଧି ନାୟକ । କଳାହାଣ୍ଡିର ରାସ୍ତାଘାଟ ଯାହା ସେ କରାଇଥିଲେ । ତାଙ୍କ ପରେ ସେମିତି କିଛି । ଆଖି ଦୃଶିଆ କାମ ଆଜି ପର୍ଯ୍ୟନ୍ତ ହୋଇ ନାହିଁ । କର୍ଲାପାଟ,ମୁଖିଗାଡା ଏସବୁ ସ୍ଥାନକୁ ଯିବା ଆସିବା ପାଇଁ ସବୁଦୁନିଆ ରାସ୍ତାଟେ ନାହିଁ । ଥାଆମୁଳ ରାମପୁର କଥା ନ କହିଲେ ଭଲ । ଫୁରଲିଜରନ୍‌କୁ ଏବେବି ପର୍ଯ୍ୟଟନ ସ୍ଥଳୀ କରାଯାଇନି । ଆପଣଙ୍କର ଏଇ ତଥା କଥିତ ମନ୍ତ୍ରୀ ଜଣଙ୍କ କ'ଣ ସବୁ ଉନ୍ନୟନମୂଳକ କାମସବୁ କରିଛନ୍ତି ଦୟାକରି ଟିକେ କହିବେ କି ? ଆମେ ସରକାରୀ କର୍ମଚାରୀ କାମରେ କେଉଁଠି ଠକୁଛୁ ଜନତା ସିନା ଧରେଇ ଦିଅନ୍ତେ । ହେଲେ ଏଠିତ ଓଲଟା ଆପଣମାନେ ଦୁର୍ନୀତି କରିବାକୁ ଉତ୍ସାହିତ କରୁଛନ୍ତି । ଏହାଠୁ ବଳି ଲଜ୍ଜାର କଥା ଆଉ କ'ଣ ଅଛି ? ଆଉ ଏଠି ମୋର ରହିବା ନ ରହିବା କଥା ଯାହା କହିଲେ ମୁଁ କୋଳି ଖାଇ "କୋଳି ମଞ୍ଜି ପୋତିବାକୁ ଆସିନି ।"

ସେମାନଙ୍କୁ ଯେତେ ଯାହା କହିଲେ ମଧ୍ୟ କିଛି ଫରକ ପଡୁନଥାଏ । ମୁର୍ଖଗୁଡାକ...ବୁଝିବା ଶକ୍ତି ଥିଲେ ସିନା ବୁଝିବେ ? ଜଣେ ରାଗରେ ଗରଗର ହୋଇ କହିଲା,ତୋର ଏ ପ୍ରବଚନ ଶୁଣିବାକୁ ଆମେ ଏଠିକି ଆସିନୁ । ସିଧା ସିଧା କୁହନ୍ତୁ ଆମ ପାଉଣାଟା ଦେବେ ନା ନାହିଁ ?

'ଯଦି ଦେବାକୁ ବାଧ୍ୟ କରିବେ ତେବେ ମୋତେ ଦୁର୍ନିତିର ଆଶ୍ରୟ ନେବାକୁ ପଡିବ । ଯାହା ଫଳରେ ଦିନେ ନା' ଦିନେ ଭିଜିଲାନସ୍ ଦ୍ୱାରା ଗିରଫ ହେବାକୁ ପଡିବ । ଅସତ୍ ଉପାୟରେ ଅର୍ଜିତ ଧନରୁ ଆପଣମାନେ ଯେଉଁ ଭାଗ ନେବେ ସେଥିପାଇଁ ଆପଣମାନଙ୍କୁ ମଧ୍ୟ ମୋ ସହ ଜେଲ୍ ଯିବାକୁ ପଡିବ । ଆପଣମାନେ ସେଥିପାଇଁ ପ୍ରସ୍ତୁତ ତ ?'

ଏହା ଶୁଣି ଲୋକଟି ବଡ ତୋଡରେ କହିଲା,ଆମେ କାହିଁକି ଜେଲ୍ ଯିବୁ ? ଆମ କାମ ହେଲା ବଟି ଆଦାୟ କରିବା । ଅସୁଲି ବଟିକୁ ମନ୍ତ୍ରୀଙ୍କ ହାତରେ ଦେଇ ଦେଲେ ଆମ କାମ ଶେଷ । ଅନ୍ୟାୟ କରି ତୁମେ ଯାହା ତୁମେ ଯାହା ରୋଜଗାର କରିବ ସେଥିରେ ଆମର କିଛି ଯାଏ ଆସେ ନାହିଁ ।

'ମୋ କଥା ଶୁଣିଥିବା ହେତୁ ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ । ଏବେ କିନ୍ତୁ ଆପଣଙ୍କୁ ଏଠୁ ନିରାଶ ହୋଇ ଖାଲି ହାତରେ ହିଁ ଫେରିଯିବାକୁ ପଡିବ । କାରଣ ମୁଁ ଥିବା ଭିତରେ ପାହୁଲାଟେ ମିଳିବାର ସମ୍ଭାବନା ମଧ୍ୟ ନାହିଁ । ଆପଣମାନେ ନିଜର ବହୁ ମୂଲ୍ୟ ସମୟକୁ ଆଉ ନଷ୍ଟ ନ କରି ଏଠୁ ଚାଲିଯାଆନ୍ତୁ ।'

ସେମାନେ ଦେଖିଲେ ଏଠି ଏ ବ୍ୟକ୍ତି ସହ କଥାବାର୍ତ୍ତା କରି କିଛି ଲାଭ ନାହିଁ । ତେଣୁ କାନମୁଣ୍ଡ ଆଉଁସି ବାଧ୍ୟ ହୋଇ ଉଠିଲେ ଯିବା ପାଇଁ । ସେମାନେ ଚାଲି ଯାଉଥିବା ବେଳେ ଦୀପକବାବୁ ସେମାନଙ୍କୁ ପଛରୁ ଡାକି କହିଲେ, ଯିବା ପୂର୍ବରୁ ଆପଣମାନେ ମୋର ଶେଷକଥା ପଦକ ଶୁଣିଯାନ୍ତୁ । ମୁଁ କୌଣସି ପରିସ୍ଥିତିରେ ଦାଦାବଟି ଦେଇ ପାରିବି ନାହିଁ । ମୁଁ ବଦଳିକୁ ଭୟ କରେ ନାହିଁ । ଆପଣମାନେ ଯାହା କରିବା କଥା କରିପାରନ୍ତି । ମୁଁ ଦସ୍ୟୁରତ୍ନାକର ନୁହେଁ କିମ୍ବା ମହର୍ଷି ବାଲ୍ମୀକି ହେବାର ଅଭିଳାଷା ମଧ୍ୟ ନାହିଁ ।

*୨୧୭,ୟୁନିଟ-୯,ବାୟାବାବା ମଠ ଲେନ*
*ଭୋଇ ନଗର,ଭୁବନେଶ୍ୱର-୨୨*
*ଦୂରଭାଷା ନଂ-୯୦୯୦୪୫୯୭୪୫*











**ଅନ୍ୱେଶା ଦାଶ**
ଷ୍ଟାଣ୍ଡାର୍ଡ-୫, ବିଜେଇଏମ୍ ସ୍କୁଲ, ଭୁବନେଶ୍ୱର





**ମେହେକ ମନୀଷ ଶାହ**
ଷ୍ଟାଣ୍ଡାର୍ଡ-୮, ଚିଲଡ୍ରେନ୍ସ ଏକାଡେମୀ
ଆଶା ନଗର, କାନ୍ଦିଭିଲି (ଇ), ମୁମ୍ବାଇ-୪୦୦୧୦୧

## 'ଅପ୍ରତିମ ଭାରତ' ପୁସ୍ତକ ଲୋକାର୍ପିତ

# ଭାରତର ଆତ୍ମା ହେଉଛି ଓଡ଼ିଶା : ପ୍ରଫେସର ଗଣେଶୀ ଲାଲ

**ଭୁବନେଶ୍ୱର :** ବିଶ୍ୱରେ ଭାରତୀୟତାର ଅନନ୍ୟ ପରିଚୟ ଓ ପ୍ରତିଷ୍ଠା ରହିଛି। ଭାରତୀୟ ଚିନ୍ତନ, ଦର୍ଶନ ଓ ତତ୍ତ୍ୱ ବିଶ୍ୱ କଲ୍ୟାଣକୁ ଆଧାର କରି ଗଢ଼ି ଉଠିଛି। ପ୍ରେମ ଓ କରୁଣା ହେଉଛି ଭାରତୀୟତାର ପ୍ରମୁଖ ବିଭବ। ଭାରତ ବାସ୍ତବରେ ବିଶ୍ୱ ବନ୍ଦନୀୟ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଏକ ହୋଟେଲ୍‌ରେ କାଦମ୍ବିନୀ ମିଡିଆ ଆନୁକୂଲ୍ୟରେ ଭାଗବତ ପରିବାର ମୁମ୍ବାଇ ଦ୍ୱାରା ପ୍ରକାଶିତ 'ଅପ୍ରତିମ ଭାରତ' ପୁସ୍ତକକୁ ଉନ୍ମୋଚନ କରି ରାଜ୍ୟପାଳ ଏହି ମତ ଦେଇଛନ୍ତି। ରାଜ୍ୟପାଳ ଆହୁରି କହିଲେ, ଓଡ଼ିଶା ହେଉଛି ଭାରତର ଆତ୍ମା। ଓଡ଼ିଶା ଭାରତୀୟ ଆଧ୍ୟାତ୍ମିକ ଧାରାର ମୂଳ ଉତ୍ସ। 'ଅପ୍ରତିମ ଭାରତ' ପୁସ୍ତକ ଭାରତର ବିବିଧତା ମଧ୍ୟରେ ଏକତାର ସୂତ୍ର, ସମ୍ପଦ ଓ ସୌନ୍ଦର୍ଯ୍ୟକୁ ଉପସ୍ଥାପିତ କରିଛି। ଓଡ଼ିଶା ଲୋକଙ୍କ ଆତ୍ମୀୟତା ଓ ସେମାନଙ୍କ ମଧ୍ୟରେ ସମସ୍ତଙ୍କୁ ଆପଣାଇ ନେବାର ଯେଉଁ ଗୁଣ ରହିଛି ତାହା ଓଡ଼ିଶାର ବିଶେଷତ୍ୱ ବୋଲି ପ୍ରଫେସର ଲାଲ୍ କହିଥିଲେ। ମୁମ୍ବାଇସ୍ଥିତ ଶ୍ରୀ ଭାଗବତ ପରିବାରର ଅଧ୍ୟକ୍ଷ ଏସ୍‌ପି ଗୋଏଲ କହିଲେ, ଅପ୍ରତିମ ଭାରତ ପୁସ୍ତକ ଉନ୍ମୋଚନ ଓଡ଼ିଶାରେ ହେଉଥିବାରୁ ଆମେ




ବହୁତ ଖୁସି। ଶ୍ରୀ ଭାଗବତ ପରିବାରର ବରିଷ୍ଠ ସଦସ୍ୟ ବୀରେନ୍ଦ୍ର ଯାଜ୍ଞିକ ଭାଗବତ ପରିବାରର ଗଠନ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି କହିଲେ, ବର୍ତ୍ତମାନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଅପ୍ରତିମ ଭାରତ ପୁସ୍ତକ ପ୍ରକାଶିତ ହୋଇଛି। ବର୍ତ୍ତମାନ ଯୁଗରେ ମଣିଷ ଭୌତିକବାଦରେ ବୁଡ଼ି ରହିଥିବା ବେଳେ ଏହି ପୁସ୍ତକ ଯୁବମାନସକୁ ପ୍ରେରଣା ଯୋଗାଇବ ବୋଲି ସେ କହିଥିଲେ। ବିଶିଷ୍ଟ ସାହିତ୍ୟିକ ଓ ସମୀକ୍ଷକ ଅସିତ ମହାନ୍ତି ପୁସ୍ତକର ସମୀକ୍ଷା କରି କହିଲେ, ଆମ ଦେଶ ଭାରତ ହେଉଛି ଅନନ୍ୟ। ଭାରତୀୟତା ତଥା ଆମ ଅସ୍ମିତାକୁ ଅକ୍ଷୁଣ୍ଣ ରଖିବା ପାଇଁ ଏକ ଆହ୍ୱାନ ଛିଡ଼ା ହୋଇଥିବା ବେଳେ ଏହାକୁ ସାମ୍ନା କରିବାକୁ 'ଅପ୍ରତିମ ଭାରତ'ପ୍ରେରଣା ଯୋଗାଇବ। ଅନ୍ୟତମ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ ନାୟକ ଯୋଗଦେଇ ଭାରତ ଏକ ପୁଣ୍ୟ ଭୂମି ବୋଲି କହିଥିଲେ। ଭାରତ କେବଳ ସାହିତ୍ୟ ଦର୍ଶନ ଓ ଆଧ୍ୟାତ୍ମିକରେ ସୀମିତ ନୁହେଁ। ବିଜ୍ଞାନକୁ ମଧ୍ୟ ଆମର ଦାନ ଅତୁଳନୀୟ। ବସୁଧୈବ କୁଟୁମ୍ବକମ୍ ହେଉଛି ଆମର ସଂସ୍କୃତି। ଏହି ପୁସ୍ତକରେ ଆମର ଅତୀତର କଥା କୁହାଯାଇଛି ଏବଂ ବର୍ତ୍ତମାନ ଓ ଭବିଷ୍ୟତର ଝଲକ ମଧ୍ୟ ରହିଛି ବୋଲି ଶ୍ରୀ ମହାନ୍ତି କହିଥିଲେ। ବାବା ରାମନାରାୟଣ ଦାସ ମହାରାଜ ଭାରତ ତ୍ୟାଗ ଓ ବୈରାଗ୍ୟର ଦେଶ ବୋଲି ବର୍ଣ୍ଣନା କରିଥିଲେ। ସଭାରେ ଅଧ୍ୟକ୍ଷତା କରି ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର କହିଲେ, ପ୍ରକୃତରେ ଅପ୍ରତିମ ଭାରତ ପୁସ୍ତକ ହେଉଛି ଏକ ଅନନ୍ୟ ପୁସ୍ତକ। ସମଗ୍ର ଭାରତର ସଂସ୍କୃତି, ପରମ୍ପରା, କଳା, ଶିକ୍ଷା, ସାହିତ୍ୟ, ଆଧ୍ୟାତ୍ମ୍ୟବାଦ ଆଦିକୁ ଉପସ୍ଥାପନା କରାଯାଇଛି। ଏହା ଆମ ସମସ୍ତଙ୍କ ପାଇଁ ଏକ ଦର୍ପଣ ସଦୃଶ। କାର୍ଯ୍ୟକ୍ରମରେ କାଦମ୍ବିନୀ ମିଡିଆର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଓ ବିଶିଷ୍ଟ ଶିକ୍ଷାବିତ୍ ଅଶୋକ ପାଣ୍ଡେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଏଣିକି ଲାଇବ୍ରେରୀରେ ଆଇନ ପାଠ ପଢ଼ିବେ ପୋଲିସ

**ଭୁବନେଶ୍ୱର :** ଦ୍ୱୈତନଗରୀରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ ଆଇନଗତ ଦକ୍ଷତା ବୃଦ୍ଧି ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଇ-ଲାଇବ୍ରେରୀ ପାଠ୍ୟକ୍ରମ ବ୍ୟବସ୍ଥା ଆରମ୍ଭ ହୋଇଛି। ପୋଲିସ କମିଶନର ଯୋଗେଶ ବାହାଦୁର ଖୁରାନିଆ ଇ-ଲାଇବ୍ରେରୀ ହଲ୍‌କୁ କମିଶନରେଟ୍ ମୁଖ୍ୟାଳୟର ୩ୟ ମହଲାରେ ଉଦ୍‌ଘାଟନ କରିଛନ୍ତି। ଏଥିସହ ସାଇବର କ୍ରାଇମ ଜନିତ ଅପରାଧକୁ ରୋକିବା ନିମନ୍ତେ ପୋଲିସ କର୍ମଚାରୀଙ୍କୁ ଟ୍ରେନିଙ୍ଗ ଦେବା ପାଇଁ ମଧ୍ୟ ଏକ ସ୍ୱତନ୍ତ୍ର ଗୃହକୁ କମିଶନର ଉଦ୍‌ଘାଟନ କରିଛନ୍ତି। ଇ-ଲାଇବ୍ରେରୀରେ ଦେଶର ଜଣାଶୁଣା ଆଇନ ୱେବ୍‌ପୋର୍ଟାଲ ମନୁ ପାତ୍ର ପୋର୍ଟାଲର ଲିଙ୍କ୍ ରହିବ। ଯେଉଁ ପୋର୍ଟାଲରେ ସମସ୍ତ ପ୍ରକାରର ଆଇନଗତ ତଥ୍ୟ ମିଳିବ ବୋଲି କମିଶନର ଖୁରାନିଆ ସୂଚନା ଦେଇଛନ୍ତି। ବର୍ତ୍ତମାନ ସମୟରେ ଆଇନଗତ ୱେବ୍‌ପୋର୍ଟାଲ ମଧ୍ୟରୁ




ମନୁ ପାତ୍ର ପୋର୍ଟାଲ ସବୁଠାରୁ ଆଗରେ ଥିବା ନେଇ କମିଶନର ଖୁରାନିଆ କହିଛନ୍ତି। ଏହି ଇ-ଲାଇବ୍ରେରୀରେ ଆଇନଗତ ପାଠ ପଢ଼ିବା ଓ ଏହାର ଉପଯୋଗିତା ଜାଣିବାକୁ ଇଚ୍ଛୁକ ଥିବା ପୋଲିସ କର୍ମଚାରୀମାନେ ଉପସ୍ଥିତ ରହି ବିଭିନ୍ନ ଆଇନଗତ ଦିଗ ଓ ଦଫାର ନିୟମ ଜାଣିପାରିବେ। ଉକ୍ତ ୱେବ୍‌ପୋର୍ଟାଲରେ ଅଡିଓ ଫର୍ମାଟର ବ୍ୟବସ୍ଥା ମଧ୍ୟ ରହିଛି। ଜଣେ ପୋଲିସ କର୍ମଚାରୀ କାନରେ ହେଡଫୋନ ଦେଇ କମ୍ପ୍ୟୁଟରରେ ଲେଖାଥିବା ଆଇନଗତ ପାଠ ଗୁଡ଼ିକ ମଧ୍ୟ ଶୁଣିପାରିବ। ଏହି ୱେବ୍‌ପୋର୍ଟାଲ ନିମନ୍ତେ କମିଶନରେଟ୍ ପୋଲିସକୁ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି ବୋଲି କମିଶନର ଖୁରାନିଆ ସ୍ପଷ୍ଟ କରିଛନ୍ତି। ତେବେ ସାଇବର ଅପରାଧ ନିୟନ୍ତ୍ରଣ କରିବା ନିମନ୍ତେ ଉଦ୍‌ଘାଟିତ ହୋଇଥିବା ସେଲ୍ ସଂକ୍ରାନ୍ତରେ ସୂଚନା ଦେଇ କମିଶନର କହିଛନ୍ତି ଯେ, ଉକ୍ତ ସେଲ୍‌କୁ କର୍ମଚାରୀମାନେ ନିଜ ଇଚ୍ଛାରେ ଆସିପାରିବେ। ଏଥିରେ ସେମାନେ ବିଭିନ୍ନ ସାଇବର ଠକେଇ ସଂକ୍ରାନ୍ତୀୟ ତଥ୍ୟ ଏବଂ ଠକେଇର ଶିକାର ହୋଇଥିବା ଲୋକଙ୍କୁ କିପରି ନ୍ୟାୟ ଦେଇପାରିବେ ସେ ନେଇ ସମ୍ପୂର୍ଣ୍ଣ ବିବରଣୀ ରହିଛି। ଯଦି କୌଣସି କର୍ମଚାରୀଙ୍କର ଏହାକୁ ବୁଝିବାରେ ସମସ୍ୟା ରୁହେ ତେବେ ସେ ତୁରନ୍ତ ଏହାର ଏକ୍ସପର୍ଟଙ୍କୁ ମଧ୍ୟ ଯୋଗାଯୋଗ କରିପାରିବେ ବୋଲି ମଧ୍ୟ କମିଶନର କହିଛନ୍ତି। ଏହି ଇ-ଲାଇବ୍ରେରୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ପୋଲିସ କମିଶନର ସଞ୍ଜୟ ସିଂ, ଭୁବନେଶ୍ୱର ଡିସିପି ଅନୁପ ସାହୁ, କଟକ ଡିସି ଅଖିଳେଶ୍ୱର ସିଂଙ୍କ ସମେତ ଭୁବନେଶ୍ୱରର ସମସ୍ତ ଥାନାଧିକାରୀ ଓ ଏସିପିମାନେ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସେବାୟତଙ୍କ ...

କୋର୍ଟ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ଏହି ରିପୋର୍ଟକୁ ସୁପ୍ରିମକୋର୍ଟଙ୍କ ୱେବସାଇଟରେ ମଧ୍ୟ ଅପଲୋଡ୍ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏହି ରିପୋର୍ଟ ନେଇ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର କୌଣସି ଆପତ୍ତି ରହିଛି ସେ ସଂପର୍କରେ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଅବଗତ କରିବାକୁ କୋର୍ଟ କହିଛନ୍ତି। ପୂର୍ବରୁ ଶ୍ରୀମନ୍ଦିର ପରିଚାଳନା ସଂପର୍କୀତ ଅବ୍ୟବସ୍ଥା ଓ ତାହାର ନିରାକରଣ ନିମନ୍ତେ ପଦକ୍ଷେପ ସଂପର୍କରେ ସୁପାରିସ୍ କରିବାକୁ ସୁପ୍ରିମକୋର୍ଟ ପୁରୀ ଜିଲ୍ଲା ଜଜ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣି ସମୟରେ ସୁପ୍ରିମକୋର୍ଟଙ୍କ ନିଯୁକ୍ତ ଆମିକସ୍ କ୍ୟୁରୀ ଗୋପାଳ ସୁବ୍ରମଣ୍ୟମ କହିଥିଲେ ଯେ ସେ ସବୁ ପକ୍ଷଙ୍କ ସହିତ ଆଲୋଚନା କରି ମନ୍ଦିର ପରିସରରେ ଭକ୍ତମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସଂପର୍କରେ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବେ। ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ସେ ଏହି ରିପୋର୍ଟ ଦାଖଲ କରିବେ। ସେପ୍ଟେମ୍ବର ୫ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି। ଶୁଣାଣି ସମୟରେ ସୁପ୍ରିମକୋର୍ଟ ଦେଇଥିବା ପୂର୍ବ ନିର୍ଦ୍ଦେଶର ପୁନଃ ଅବତାରଣା କରି କହିଛନ୍ତି ଯେ ମନ୍ଦିର ପରିସରରେ ସେବାୟତମାନେ ଯେପରି କୌଣସି ଦାନ ଓ ଦକ୍ଷିଣା ଗ୍ରହଣ ନକରନ୍ତି ତାହା ମନ୍ଦିର ପରିଚାଳନା କମିଟି ନିଶ୍ଚିତ କରିବେ। ଦାନ ଗ୍ରହଣ କରିବା ପାଇଁ ମନ୍ଦିର ପରିସରରେ ହୁଣ୍ଡି ବ୍ୟବହାର କରିବାକୁ କୋର୍ଟ ପୁଣି ଥରେ ନିର୍ଦ୍ଦେଶ ଦେଇଛନ୍ତି। ଭକ୍ତମାନେ ହୁଣ୍ଡିରେ ଦେଉଥିବା ଦାନ ଅର୍ଥକୁ ଶ୍ରୀମନ୍ଦିରର ଉନ୍ନତି ପାଇଁ ଖର୍ଚ୍ଚ କରାଯିବ। କୋର୍ଟଙ୍କର ଏହି ନିର୍ଦ୍ଦେଶ ସଂପର୍କରେ ରାଜ୍ୟ ସରକାର କୌଣସି ରିପୋର୍ଟ ଦାଖଲ କରିନାହାନ୍ତି। ଜୁଲାଇ ୧୪ ତାରିଖରେ ରଥଯାତ୍ରା ପଡୁଥିବାରୁ ସରକାର ସେଥିନେଇ ବ୍ୟସ୍ତ ଅଛନ୍ତି। ତେଣୁ ରଥଯାତ୍ରା ପରେ ଏନେଇ ସରକାର ରିପୋର୍ଟ ଦାଖଲ କରିବେ ବୋଲି କୋର୍ଟଙ୍କୁ ଅବଗତ କରିଛନ୍ତି।

### 'ପ୍ରଧାନ...

କଲେଜିୟମ୍ ଦ୍ୱାରା ମାମଲା ଆବଣ୍ଟନ କରିବା ପାଇଁ ଆବେଦନକାରୀଙ୍କ ମତକୁ ଗ୍ରହଣ କରାଯାଇ ପାରୁ ନାହିଁ।' ନ୍ୟାୟପାଳିକା ପ୍ରତି ଲୋକଙ୍କ ମନରେ ଭୁଲ ଧାରଣା ସୃଷ୍ଟିହେଲେ ତା'ର ପରିଣାମ ସାଂଘାତିକ ହେବ। ସୁପ୍ରିମକୋର୍ଟର ଅତି ବରିଷ୍ଠ ବିଚାରପତି ଭାବେ ସିଜେଆଇ ନ୍ୟାୟପାଳିକାର ମୁଖପାତ୍ର ଓ ନେତା ବୋଲି ଜଷ୍ଟିସ୍ ସିକ୍ରି କହିଛନ୍ତି। ଖଣ୍ଡପୀଠ କହିଛନ୍ତି, କୌଣସି ବ୍ୟବସ୍ଥା ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ନୁହେଁ। ନ୍ୟାୟ ପାଳିକା କାର୍ଯ୍ୟଧାରାରେ ସର୍ବଦା ଉନ୍ନତି ଆଣିବା ପାଇଁ ସୁଯୋଗ ରହିଛି। ଶାନ୍ତି ଭୂଷଣ ତାଙ୍କ ଜନସ୍ୱାର୍ଥ ମାମଲାରେ ଅଭିଯୋଗ କରିଥିଲେ ଯେ, ମାଷ୍ଟର୍ ଅଫ୍ ରୋଷ୍ଟର୍‌କୁ ସିଜେଆଇ ନିଜର ଇଚ୍ଛାଧୀନ ବିଷୟ ବୋଲି ମନେକରି ମନଇଚ୍ଛା ତାହା ପ୍ରୟୋଗ କରିାରିବେ ନାହିଁ।

### ବିଜେପି ପକ୍ଷରୁ ...

ସାଧାରଣ ଲୋକଙ୍କଠାରୁ ମଧ୍ୟ ସତ୍ୟପାଠ ଆହ୍ୱାନ କରିଛନ୍ତି। ଲୋକମାନେ ଆସନ୍ତା ୨୫ ତାରିଖ ସୁଦ୍ଧା ଏ ସମ୍ପର୍କରେ ମତାମତ ସହ ସତ୍ୟପାଠ ଦେବାକୁ କମିଶନ କହିଛନ୍ତି। ତେବେ କମିଶନଙ୍କ କାର୍ଯ୍ୟାଳୟରେ ପ୍ରଥମ ଦିନ ଜଗନ୍ନାଥ ସେନା ପକ୍ଷରୁ କାର୍ଯ୍ୟାଳୟରେ ପ୍ରଥମ ସତ୍ୟପାଠ ଦାଖଲ କରାଯାଇଥିଲା। ତେବେ କଟକରେ କମିଶନଙ୍କ କାର୍ଯ୍ୟାଳୟ ଖୋଲାଯିବାକୁ ଜଗନ୍ନାଥ ସେନା ପକ୍ଷରୁ ସମାଲୋଚନା କରାଯାଇଥିଲା। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ପକ୍ଷରୁ ଦାଖଲ ସତ୍ୟପାଠରେ କୁହାଯାଇଛି ଯେ, ଜଗନ୍ନାଥ ମନ୍ଦିର ପୁରୀରେ ରହିଛି। ରତ୍ନଭଣ୍ଡାର ମଧ୍ୟ ପୁରୀରେ ରହିଛି। ସେହିପରି ରତ୍ନଭଣ୍ଡାର ଚାବି ପୁରୀରେ ହଜିଥିବାବେଳେ ଡୁପ୍ଲିକେଟ୍ ଚାବି ମଧ୍ୟ ପୁରୀରେ ରହିଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ, ରତ୍ନ ଭଣ୍ଡାର ସମ୍ପର୍କିତ ସମସ୍ତ ତଥ୍ୟ, ସେବାୟତ, ଜିଲ୍ଲାପାଳ, ସମସ୍ତ ଭିତ୍ତିଭୂମି, ବିଭିନ୍ନ ନିଯୋଗ ପୁରୀରେ ରହିଛି। ଏପରିସ୍ଥଳେ ରତ୍ନଭଣ୍ଡାର ଚାବି ହଜିବା ନେଇ ତଦନ୍ତ କମିଶନ ପୁରୀ ବଦଳରେ କଟକରେ ବସିଥିବାରୁ ଏହା ଏକ ପ୍ରହସନ। ରାଜ୍ୟ ସରକାର ପ୍ରକୃତ ତଥ୍ୟକୁ ଲୋକଲୋଚନକୁ ଆଣିବାକୁ ଚାହୁଁନାହାଁନ୍ତି। ଜଗନ୍ନାଥ ସେନାର ଅଭିଯୋଗ ପରେ ପରେ ବିଜେପି ପକ୍ଷରୁ ଶ୍ରୀ ମହାନ୍ତି ଘଟଣାର ସିବିଆଇ ତଦନ୍ତ ପାଇଁ ହାଇକୋର୍ଟରେ ପ୍ରାର୍ଥନା କରିଛନ୍ତି। ଆବେଦନକାରୀ ଶ୍ରୀ ମହାନ୍ତିଙ୍କ ପକ୍ଷରୁ ଏହି ମାମଲାରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସଚିବ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ସିବିଆଇ, ଶ୍ରୀମନ୍ଦିର ପ୍ରଶାସନ, ପୁରୀ ଜିଲ୍ଲାପାଳ, କେନ୍ଦ୍ରାଞ୍ଚଳ ଆଇଜି ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି। ଏହି ମାମଲାକୁ ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ପରିଚାଳନା କରୁଛନ୍ତି।

### ସମସ୍ତଙ୍କ ...

ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଥିବାବେଳେ ମୁଖ୍ୟମନ୍ତ୍ରୀ ୧୧ଟା ୧୫ରେ ବୈଠକ ସ୍ଥଳରେ ପହଞ୍ଚିଥିଲେ। ମାତ୍ର ୩୦ମିନିଟରେ ସମୀକ୍ଷା ସଭା ଶେଷ ହୋଇଥିଲା। ପ୍ରାରମ୍ଭରେ ବିଭିନ୍ନ ବିଭାଗର ପ୍ରସ୍ତୁତି କାର୍ଯ୍ୟକୁ ନେଇ ପ୍ରସ୍ତୁତ ପୁସ୍ତିକା ରୂପରେଖ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ରଥନିର୍ମାଣ ଓ ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପର୍କରେ ସୂଚନା ଦେଇ ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରଦୀପ ଦାଶ କହିଥିଲେ ଯେ, ରଥନିର୍ମାଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ମହାପ୍ରଭୁଙ୍କ ନୀତିକାନ୍ତି ସୂଚାରୁ ରୂପେ ସମ୍ପନ୍ନ ପାଇଁ ପ୍ରଶାସନ ସହିତ ସେବାୟତମାନଙ୍କର ପୃଥକ ଆଲୋଚନା କରାଯାଇଥିଲା। ଶ୍ରୀଗୁଣ୍ଡିଚାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ନୀତିକାନ୍ତି ପାଇଁ ଯେଉଁସବୁ ସମାଗ୍ରୀର ଆବଶ୍ୟକତା ରହିଛି ତାହା ଶ୍ରୀମନ୍ଦିର ପ୍ରଶାସନ ନିକଟରେ ମହଜୁଦ ରହିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ହରପ୍ରସାଦ ପଟ୍ଟନାୟକ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଯାତ୍ରୀମାନଙ୍କର ସ୍ୱାସ୍ଥ୍ୟସେବା ନିମିତ୍ତ ଗ୍ରହଣ କରାଯାଇଥିବା ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଯାତ୍ରା ସମୟରେ ୧୬୭ଜଣ ଡାକ୍ତର ଓ ୧୩୬ଜଣ ବିଶେଷଜ୍ଞ ନିଯୁକ୍ତ ହେବେ। ସମୁଦାୟ ୫୪୧ଜଣ ଡାକ୍ତର ଓ ଷ୍ଟାଫନର୍ସଙ୍କୁ ନିଯୁକ୍ତି ଦିଆଯିବ। ୩୨ଟି ସରକାରୀ ଓ ୩୬ଟି ବେସରକାରୀ ଆଶୁ ଚିକିତ୍ସାକେନ୍ଦ୍ର ସହରର ବିଭିନ୍ନ ସ୍ଥାନରେ ଖୋଲାଯିବ। ୩୯ଟି ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି। ଖାଦ୍ୟ ନିରୀକ୍ଷଣ ଅଧିକାରୀମାନେ ସହରରେ ବୁଲି ପଚାସଢ଼ା ଖାଦ୍ୟ ଯାଞ୍ଚ କରୁଛନ୍ତି। ସମ୍ମିଳନୀ କକ୍ଷରେ ସେବାୟତ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ। କୌଣସି ବିଭାଗର ଦୋଷତ୍ରୁଟି ବିଷୟରେ ଆଲୋଚନା ହେଲାନାହିଁ। ମୁଖ୍ୟମନ୍ତ୍ରୀ ଏହି ବୈଠକରେ ରଥଯାତ୍ରା ସମ୍ପର୍କିତ ସମସ୍ତ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିବାକୁ ଥିବାରୁ କୌଣସି ବିଭାଗର କୌଣସି ଦୋଷତ୍ରୁଟି ଯେପରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ନଆସେ ସେଥିାଇଁ ପ୍ରଶାସନ ପକ୍ଷରୁ ଆଗତୁରା ଉଦ୍ୟମ କରାଯାଇଥିଲା।

### ନୱାଜଙ୍କୁ ...

ସଂଘୀୟ ଜୁଡିସିଆଲ୍ କମ୍ପ୍ଲେକ୍ସ ପରିସରରେ ଥିବା ଏହି କୋର୍ଟ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପାନାମା ପେପର୍ସ ଦୁର୍ନୀତି ମାମଲାରେ ଗତବର୍ଷ ସୁପ୍ରିମକୋର୍ଟ ୩ ଥର ପ୍ରଧାନମନ୍ତ୍ରୀ ଥିବା ସରିଫ୍‌ଙ୍କୁ କ୍ଷମତାରେ ରହିବାକୁ ଅଯୋଗ୍ୟ ଘୋଷଣା କରିଥିଲେ। ସରିଫ୍‌ଙ୍କ ସମେତ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ଦୁର୍ନୀତି ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସରିଫ୍ ଓ ତାଙ୍କ ସନ୍ତାନମାନଙ୍କ ବିରୋଧରେ ନ୍ୟାସ୍‌ନାଲ୍ ଆକାଉଣ୍ଟିବିଲିଟି ବ୍ୟୁରୋ (ଏନ୍‌ଏବି) ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଦୁର୍ନୀତି ମାମଲା ରୁଜୁ କରିଥିଲେ। ଏ ସମ୍ପର୍କିତ ୩ଟି ଦୁର୍ନୀତି ମାମଲା ମଧ୍ୟରୁ ଆଭେନ୍ ଫିଲ୍ଡ ମାମଲା ଅନ୍ୟତମ। ଏହି ମାମଲାରେ ସରିଫ୍, ମରିୟମ୍ ଓ ସରିଫ୍‌ଙ୍କ ଜାମାତା ସଫ୍‌ଦର୍ ଅଭିଯୁକ୍ତ ଥିଲେ। ସରିଫ୍‌ଙ୍କ ଦୁଇ ପୁତ୍ର ହାସନ୍ ଓ ହୁସେନ୍ ସମ୍ପୃକ୍ତ ଥିଲେ ମଧ୍ୟ ସେମାନେ କୋର୍ଟକୁ ନ ଆସିବାରୁ ଦୁହିଁଙ୍କୁ ପଳାତକ ଘୋଷଣା କରାଯାଇଛି। ତେବେ ନୱାଜ୍‌ଙ୍କ ପତ୍ନୀ କୁଲସୁମ୍ ନୱାଜ୍ ଗଳା କର୍କଟ ରୋଗରେ ପୀଡ଼ିତ ହୋଇ ଲଣ୍ଡନରେ ଚିକିତ୍ସିତ ହେଉଥିବାରୁ ସେଠାରେ ତାଙ୍କ ପରିବାରର ସଦସ୍ୟମାନେ ରହୁଛନ୍ତି। ଏଭଳି ସ୍ଥିତିରେ ନୱାଜ୍ ଓ ମରିୟମ୍ ଲଣ୍ଡନରୁ ପାକିସ୍ତାନ ଆସି କୋର୍ଟରେ ହାଜର ହେଉଥିଲେ। ରାୟ ଶୁଣାଣି ସମୟରେ ମଧ୍ୟ ସେମାନେ ଲଣ୍ଡନରେ ଥିଲେ। ପ୍ରତିକ୍ରିୟାରେ ନୱାଜ୍ କହିଛନ୍ତି, ମୁଁ ଚୋର ନୁହେଁ, ଖୁବ୍‌ଶୀଘ୍ର ପାକିସ୍ତାନକୁ ଫେରିବି। ଜେଲ୍‌ରେ ରହି ମୋର ସଂଗ୍ରାମ ଜାରି ରଖିବି।

# 'ଚାଷୀଙ୍କୁ କ୍ଷତିପୂରଣ ବୀମା ରାଶି ମିଳୁ'

**ଭୁବନେଶ୍ୱର :** ରାଜ୍ୟ ଅର୍ଥମନ୍ତ୍ରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ୧୫୧ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ଜଣେ ମଧ୍ୟ ବୀମା କମ୍ପାନୀ ଅଧିକାରୀ ଯୋଗ ନଦେବା ଉଦ୍‌ବେଗଜନକ ବୋଲି ସିପିଏମ୍ କହିଛି। ଅନ୍ୟପକ୍ଷରେ ଯେଉଁ ବୀମା କମ୍ପାନୀମାନେ ରାଜ୍ୟର ୧୮ ଲକ୍ଷ ୮୨ ହଜାର ଚାଷୀଙ୍କ ପ୍ରାୟ ୮୩୯.୬୯ କୋଟି ଟଙ୍କା ବୀମା ପ୍ରିମିୟମ ନେଇ ମାତ୍ର ୨୮୭ କୋଟି ଟଙ୍କା ବୀମା ବାବଦକୁ ପୈଠ କରି ଗାଏବ ହେଇଗଲେ ସେମାନଙ୍କ ବିରୋଧରେ କେନ୍ଦ୍ର ଓ ରାଜ୍ୟ ସରକାର କୌଣସି ଦୃଷ୍ଟାନ୍ତମୂଳକ ଶାସ୍ତି ବିଧାନ କରିବାକୁ ସିପିଏମ୍ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଜଗନ୍ନାଥ ମିଶ୍ର ଦାବି କରିଛନ୍ତି। ଶ୍ରୀ ମିଶ୍ର କହିଛନ୍ତି, ଅଦିନିଆ ବର୍ଷା, ଚକଡ଼ା ପୋକ, ମରୁଡ଼ି ଯୋଗୁଁ ରାଜ୍ୟର ୧୫ ଲକ୍ଷ ହେକ୍ଟରରୁ ଅଧିକ ଜମି ଆକ୍ରାନ୍ତ ହୋଇଥିଲା। ଫସଲ ବୀମା ସର୍ତ୍ତ ଅନୁଯାୟୀ କ୍ଷତିଗ୍ରସ୍ତ ଚାଷୀମାନେ ପ୍ରାୟ ୨୦୦୦ କୋଟି ଟଙ୍କା କ୍ଷତି ପୂରଣ ପାଇବା କଥା, କିନ୍ତୁ ତାହା ନଦେଇ ବୀମା କମ୍ପାନୀମାନେ ଠକି ଚାଲିଗଲେ। ଉକ୍ତ କମ୍ପାନୀଗୁଡ଼ିକୁ କଳାତାଲିକା ଭୁକ୍ତ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେମାନଙ୍କଠାରୁ ଅବଶିଷ୍ଟ ଅର୍ଥ ଆଦାୟ କରି ଚାଷୀମାନଙ୍କୁ ସେମାନଙ୍କ କ୍ଷତିପୂରଣ ବୀମା ରାଶି ପ୍ରଦାନ କରିବାକୁ ଦାବି କରିଛି।

# କୁନ୍ଦୁଲି ମାମଲା : ଏସ୍‌ଆଇଟି ଗଠନ ହୋଇନି

**ଭୁବନେଶ୍ୱର :** ବହୁଚର୍ଚ୍ଚିତ କୁନ୍ଦୁଲି ଗଣଦୁଷ୍କର୍ମ ଓ ଆତ୍ମହତ୍ୟା ମାମଲାରେ ଗଠନ ହୋଇପାରିଲା ନାହିଁ ଏସ୍‌ଆଇଟି (ସ୍ପେଶାଲ୍ ଇନ୍‌ଭେଷ୍ଟିଗେସନ୍ ଟିମ୍)। ସେପଟେ କୋରାପୁଟ୍‌ରେ ତଦନ୍ତ କମିଶନ୍‌ଙ୍କ ଶୁଣାଣିରେ ସାକ୍ଷ୍ୟ ଗ୍ରହଣ ଚାଲିଛି। ଅନ୍ୟ ପରେ ହାଇକୋର୍ଟରେ ମଧ୍ୟ ଏକ ଜନସ୍ୱାର୍ଥ ମାମଲାରେ ଏହାର ଶୁଣାଣି କରୁଛନ୍ତି। ଇତି ମଧ୍ୟରେ କ୍ରାଇମବ୍ରାଞ୍ଚ୍ ଏସପି ଓ ତଦନ୍ତକାରୀ ଅଫିସର୍‌ଙ୍କୁ ସତ୍ୟପାଠ ଦାଖଲ ସହ ହାଜର ହେବା ପାଇଁ ହାଇକୋର୍ଟ ନୋଟିସ୍ ଜାରି କରିସାରିଛନ୍ତି। ସରକାର ବିଚାର ବିଭାଗୀୟ ତଦନ୍ତ କମିଶନ୍ ବସାଇବା ପରେ କୋରାପୁଟ୍ ଜିଲ୍ଲା ଜଜ୍‌ଙ୍କୁ କମିଶନ୍ ଭାବେ ନିଯୁକ୍ତି ଦିଆଯାଇଥିଲା। ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଓ କମିଶନ ନିଯୁକ୍ତି ପରେ ହିଁ ସରକାର ଗତ ଫେବୃଆରୀ ୭ ତାରିଖରେ ଘୋଷଣା କରିଥିଲେ ଯେ ହାଇକୋର୍ଟର ଜଣେ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ଗଠନ ହେବ। ଏ ନେଇ ସରକାର ହାଇକୋର୍ଟଙ୍କୁ ଅନୁରୋଧ ମଧ୍ୟ କରିଥିଲେ। ଏହା ପରେ ଏସ୍‌ଆଇଟି ତଦନ୍ତକାରୀ ଟିମ୍ ମୁଖ୍ୟ ଭାବେ ଜଣେ ଆଇଜି ପାହ୍ୟା ଅଫିସର୍ ରହିବେ ବୋଲି ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ହାଇକୋର୍ଟଙ୍କୁ କେତେଜଣ ବରିଷ୍ଠ ପୁଲିସ୍ ଅଫିସର୍‌ମାନଙ୍କ ତାଲିକା ପଠାଯାଇଥିଲା। ଏସ୍‌ଆଇଟି ଗଠନର ରୂପରେଖ କ'ଣ ହେବ ତାହା କୋର୍ଟ ନିର୍ଣ୍ଣୟ କରିବେ ବୋଲି ସରକାର ଘୋଷଣା କରିଥିଲେ। କିନ୍ତୁ ୪ ମାସ ବିତିଯାଇଥିଲେ ମଧ୍ୟ କୌଣସି ଏକ ଅଜଣା କାରଣ ପାଇଁ ଏସ୍‌ଆଇଟି ଗଠନ ହୋଇପାରୁନାହିଁ। ଅନ୍ୟପକ୍ଷରେ କୁନ୍ଦୁଲି ମାମଲାକୁ ନେଇ ରାଜ୍ୟ ବ୍ୟାପି ତୁମ୍ବିତୋଫାନ କରୁଥିବା ବିରୋଧୀ ଦଳ ମଧ୍ୟ ଏବେ ଚୁପ୍। ତଦନ୍ତ କମିଶନ୍ ଗତ ମାସରେ ଶୁଣାଣି ଆରମ୍ଭ କରିବା ପରେ ସାଧାରଣ ଭାବେ ମାମଲାର ତଦନ୍ତକୁ ନେଇ ଦ୍ୱନ୍ଦ ଉପୁଜିଥିଲା। ଯଦି ହାଇକୋର୍ଟ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ତଦନ୍ତ କରିବ ତେବେ ବିଚାର ବିଭାଗୀୟ ତଦନ୍ତର ଆଉ ଆବଶ୍ୟକତା ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଥିଲା। କିନ୍ତୁ ଏବେ ସୁଦ୍ଧା ଏସ୍‌ଆଇଟି ଗଠନ ନେଇ ଅନିଶ୍ଚିତତା ଦେଖା ଦେଇଛି। ତେବେ କୁନ୍ଦୁଲି ମାମଲା ନେଇ ହାଇକୋର୍ଟରେ ଚାଲିଥିବା ୪ ଜନସ୍ୱାର୍ଥ ମାମଲା ସହ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ପୀଡ଼ିତାଙ୍କ ଭାଇଙ୍କ ଦ୍ୱାରା କରାଯାଇଥିବା ଆବେଦନର ଶୁଣାଣି ମଧ୍ୟ କରିବେ ହାଇକୋର୍ଟ। ହାଇକୋର୍ଟର ବରିଷ୍ଠ ଆଇନ୍‌ଜୀବୀ କହିଛନ୍ତି ଯେ 'ଏସ୍‌ଆଇଟି ଗଠନ ନେଇ ହାଇକୋର୍ଟଙ୍କୁ ସରକାର ଚିଠି ଦ୍ୱାରା ଅନୁରୋଧ କରିଛନ୍ତି। କିନ୍ତୁ ଏଥି ାଇଁ ହାଇକୋର୍ଟ ବାଧ୍ୟ ନୁହନ୍ତି। ଯେହେତୁ ଏକକାଳୀନ ୫ ମାମଲାର ଶୁଣାଣି କରାଯିବ ବୋଲି ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇସାରିଛନ୍ତି ସେ ଦୃଷ୍ଟିରୁ ଆବଶ୍ୟକତା ଅନୁଭବ କଲେ ହାଇକୋର୍ଟ ଏସ୍‌ଆଇଟି ଗଠନ କରି ାରନ୍ତି ନକରି ବି ପାରନ୍ତି'। ଅନ୍ୟ ପକ୍ଷରେ ସୁପ୍ରିମକୋର୍ଟରେ ପୀଡ଼ିତାଙ୍କ ଭାଇ କରିଥିବା ମାମଲାର ସିବିଆଇ ତଦନ୍ତ ଆବେଦନ କରିଥିଲେ ମଧ୍ୟ ହାଇକୋର୍ଟ ଏହାର ଶୁଣାଣି କରିବେ ବୋଲି ସୁପ୍ରିମକୋର୍ଟ ମଧ୍ୟ ସ୍ପଷ୍ଟ କରିସାରିଛନ୍ତି।

ପର୍ଯ୍ୟଟନ ଚକ୍ଷୁ

# ଶ୍ରୀଭିଠଲ : ଶ୍ରୀମହାବିଷ୍ଣୁଙ୍କ ପୂର୍ଣ୍ଣ ଅବତାର

ପାଣାଜୀରେ ସକାଳ ସବୟ ଖୁବ୍ ରୋମାଞ୍ଚକର। ଏହି ସହର ଖୁବ୍ ସଫାସୁତରା ମଧ୍ୟ। ସାଧାରଣତଃ ମୋର ଅଭ୍ୟାସ ଡେରିରେ ଉଠିବା କିନ୍ତୁ ପାଣାଜୀରେ ରହଣୀ ଭିତରେ ପ୍ରାୟ ପ୍ରତିଦିନ ମୋର ନିଦ ସହଳ ଭାଙ୍ଗି ଯାଉଥିଲା। ଯେଉଁଦିନ ସଂଧ୍ୟା ସମୟରେ ମୋର କାମ ଶୀଘ୍ର ସରିଯାଏ ତା'ପରଦିନ ମୋର ନିଦ ଜଲଦି ଭାଙ୍ଗିଯାଇଥାଏ। ଆଉ ନିଦ ଭାଙ୍ଗିବ ମାନେ ମୁଁ ପ୍ରଥମେ ଆକର୍ଷର ଥାଏ ମାଣ୍ଡବୀ ନଦୀ କୂଳରେ ସୂର୍ଯ୍ୟୋଦୟ ଦେଖିବା ପାଇଁ। କାରଣ ମୋ' ଘର ଶ୍ରୀକ୍ଷେତ୍ର ପୁରୀ ହୋଇଥିବାରୁ ମହୋଦଧି କୂଳରେ ମୁଁ ଅନେକ ଥର ସୂର୍ଯ୍ୟୋଦୟ ଦେଖିଛି। ବିଶେଷକରି କାର୍ତ୍ତିକ ପୂର୍ଣ୍ଣିମା ଦିନ ଡଙ୍ଗା ଭସାଇବାକୁ ଆମେ ସମୁଦ୍ରକୁ ଯାଇଥାଉ ଆଉ ସେଠାରେ ସୂର୍ଯ୍ୟୋଦୟ ଦେଖିବାର ସୁଯୋଗ ମିଳେ। ହେଲେ ନଦୀ କୂଳରେ ଛିଡା ହୋଇ ସୂର୍ଯ୍ୟୋଦୟ ଦେଖିବାର ସୁଯୋଗ କମ ମିଳିଥାଏ। ତେଣୁ ପାଣାଜୀରେ ରହିବା ମଧ୍ୟରେ ଏହା ମୋ ପାଇଁ ଏକ ମୁଖ୍ୟ ଆକର୍ଷଣ ଥିଲା। ମାଣ୍ଡବୀ ନଦୀ କୂଳରେ ସୁଲୁସୁଲିଆ ଥଣ୍ଡାପବନ ସାଙ୍ଗକୁ ସକଳ ଶକ୍ତିର ଆଧାର ସୂର୍ଯ୍ୟ ଦେବଙ୍କର ଦର୍ଶନ ସତରେ ଦେହ ଓ ମନକୁ ଖୁବ୍ ଶାନ୍ତି ଓ ଶକ୍ତି ପ୍ରଦାନ କରିଥାଏ। ମାଣ୍ଡବୀ ନଦୀରେ ଛୋଟ ଛୋଟ ଡଙ୍ଗା ଠାରୁ ଆରମ୍ଭ କରି ମୋଟର ବୋଟ୍ ସକାଳୁ ସକାଳୁ ମାଛ ଧରିବାର ଦୃଶ୍ୟ ଖୁବ୍ ମନୋମୁଗ୍ଧକର। ଗୋଆରେ ରହିବା ଭିତରେ ମୁଁ ଯେତେଗୁଡ଼ିଏ ହିନ୍ଦୁ ମନ୍ଦିର ଦର୍ଶନ କରିସାରିଥିଲି ତାହା ଆପଣ ମାନଙ୍କୁ ସୂଚନା ଦେଇସାରିଛି। ଆଜି ମୋର ଯିବାର ଥିଲା ଭିଠଲ ମନ୍ଦିର। ମୁଁ ମାଣ୍ଡବୀ ନଦୀରେ ସୂର୍ଯ୍ୟ ଦର୍ଶନ ସାରି ଫେରିବା ବେଳକୁ ମୋର ବନ୍ଧୁ ଓ ଗାଡି ଚାଳକ ପ୍ରସ୍ତୁତ ହୋଇ ସାରିଥିଲେ। ଏହାପରେ ମୁଁ ନିତ୍ୟକର୍ମ ସାରି ଆମେ ବାହାରିଲୁ ଗୋଆର ଏକ ପ୍ରସିଦ୍ଧ ଉପାସନା ସ୍ଥଳୀ ଭିଠଲ ମନ୍ଦିର ଅଭିମୁଖେ। ଯାହା ରହିଥିଲା ଉତ୍ତର ଗୋଆର ସାକଲିମ୍ ଠାରେ ଏବଂ ପାଣାଜୀରୁ ପ୍ରାୟ ୩୦ କିଲୋମିଟର ଦୂରରେ ଏହି ମନ୍ଦିର ଅବସ୍ଥାପିତ। ଆମେ କିଛି ସମୟ ଯାତ୍ରା କରିବା ଭିତରେ ସେଠାରେ ପହଞ୍ଚିଥିଲୁ। ମୁଁ ଏହି ମନ୍ଦିରକୁ ଦେଖିବା ପରେ ଯାହା ଅନୁଭବ କଲି ଏହା ଖୁବ୍ ପୁରୁଣା ମନ୍ଦିର ନିହାତି। ତା'ପରେ ଆମେ ଯାଇ ମନ୍ଦିର ମଧ୍ୟରେ ଶ୍ରୀଭିଠଲଙ୍କୁ ଦର୍ଶନ ମଧ୍ୟ କଲୁ। ମୁଁ ଏଠାରେ ଆପଣମାନଙ୍କୁ ସୂଚନା ଦେବାକୁ ଚାହିଁବି ଯେ, ଶ୍ରୀଭିଠଲ ହେଉଚନ୍ତି ଶ୍ରୀମହାବିଷ୍ଣୁଙ୍କର ଏକ ଅବତାର। ମନ୍ଦିରର କାରୁକାର୍ଯ୍ୟ ଖୁବ୍ ସୁନ୍ଦର ଥିଲା। ସେଠାରେ ଥିବା ଜଣେ ପୂଜକଙ୍କୁ ଆମେ ଦେଖା ମଧ୍ୟ ହେଲୁ। ସେ ଆମକୁ ଯାହା ସୂଚନା ଦେଲେ ଏହି ଶ୍ରୀଭିଠଲ ମନ୍ଦିର ଗୋଆରେ ଅବସ୍ଥାନ କରୁଥିବା ରାଣେ ବଂଶର ଅଧିବାସୀମାନେ ପ୍ରତିଷ୍ଠା କରିଥିଲେ। ପ୍ରାୟ ୬୦୦ ବର୍ଷ ପୂର୍ବରୁ ଏହା ରାଣେ ବଂଶର ଅଧିବାସୀମାନେ ଗୋଆରେ ନିଜ ବସତି ସ୍ଥାପନ କରିଥିଲେ। ଗୋଆର ସ୍ୱାଧୀନତା ସଂଗ୍ରାମରେ ଏମାନଙ୍କ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ମନ୍ଦିରରେ କାଠରେ ନିର୍ମିତ ଏକ ମନୋରମ ରଥ ମଧ୍ୟ ଦେଖିବାକୁ ପାଇଥିଲୁ। ଯାହା ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଅନେକ ମାତ୍ରାରେ ଆକର୍ଷଣ ମଧ୍ୟ କରିଥାଏ। କାଠରେ ନିର୍ମିତ ଏହି ରଥ ଖୁବ୍ କାରୁକାର୍ଯ୍ୟ ପୂର୍ଣ୍ଣ ମଧ୍ୟ। ତେବେ ଆମେ ମନ୍ଦିରର ବେଢ଼ା ପରିକ୍ରମା କରିବା ବେଳକୁ ଜାଣିବାକୁ ପାଇଥିଲୁ ଯେ, ଏହି ମନ୍ଦିରଟି ଗୋଆର





ବଳବନ୍ତ ନଦୀର କୂଳରେ ଅବସ୍ଥିତ ଅଟେ। ତେବେ ସକାଳୁ ସକାଳୁ ମନ୍ଦିରଟିର ପରିବେଶ ଖୁବ୍ ଭକ୍ତିଭାବ ମୟ ଥିଲା। ଆମେ ଶ୍ରୀଭିଠଲ ମନ୍ଦିରରୁ ବାହାରିବ ପୁଣି ଆମେ ରହୁଥିବା ଗେଷ୍ଟହାଉସ ଯିବା ପାଇଁ ସ୍ଥିର କଲୁ। ମୁଁ ଗୋଆରେ ରହିବା ମଧ୍ୟରେ ଶ୍ରୀଭିଠଲ ମନ୍ଦିର ଥିଲା ମୋର ମନ୍ଦିର ଦର୍ଶନର ଶେଷ ମନ୍ଦିର। ଏହା ନୁହେଁ ଯେ, ଗୋଆରେ ଆଉ ମନ୍ଦିର ନଥିଲା। ହେଲେ ମୋର ରହଣୀ ସମୟ ମଧ୍ୟରେ ମୁଁ ଏତିକି ମନ୍ଦିର ହିଁ ଦର୍ଶନ କରି ପାରିଥିଲି। ଏହାପରେ ମୁଁ ପରବର୍ତ୍ତୀ ସ୍ତମ୍ଭ ଗୁଡିକରେ ଗୋଆରେ ଥିବା ଚର୍ଚ୍ଚ ଗୁଡିକ ସମ୍ପର୍କରେ ସୂଚନା ଦେବି। ଏହାରି ଭିତରେ ଆମେ ଆମ ଗେଷ୍ଟ ହାଉସରେ ପହଞ୍ଚି ସାରିଥିଲୁ। ହେଲେ ନିକଟରେ ଏକ ପଇଡ ବିକ୍ରି ହେଉଥିବା ସ୍ଥାନ ଦେଖି ପଇଡ ପିଇବା ପାଇଁ ସ୍ଥିର କଲୁ।

*କ୍ରମଶଃ...*






ଉପସ୍ଥାପନା
ଜାହ୍ନବୀସୁତ

# ସେଣ୍ଟ୍ରାଲ ସ୍କୁଲ ଗୃହ ନିର୍ମାଣ ବିଳମ୍ବ

**ସୋନପୁର :** ସୋନପୁର ସଦର ମହକୁମାରେ ଥିବା କେନ୍ଦ୍ରୀୟବିଦ୍ୟାଳୟର ସ୍କୁଲ ଗୃହ ନିର୍ମାଣରେ ବିଳମ୍ବ ହେଉଥିବାରୁ ଅଭିଭାବକ ମହଲରେ ଅସନ୍ତୋସ ପ୍ରକାଶ ପାଉଛି । ଗତ ୨୦୧୦ମସିହାରୁ କେନ୍ଦ୍ରୀୟବିଦ୍ୟାଳୟ ସ୍ଥାପନ ହୋଇଥିଲା । ବର୍ତମାନ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଠାରେ ଅସ୍ଥାୟୀ ଭାବେ ଚାଲିଛି । ଯେଉଁ ଠାରେ କି ଛାତ୍ରଛାତ୍ରୀଙ୍କ ପାଇଁ ପର୍ଯ୍ୟପ୍ତ ଭିର୍ତିଭୂମି ଅଭାବ । କେନ୍ଦ୍ରୀୟବିଦ୍ୟାଳୟ ସ୍କୁଲ ଗୃହ ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କଳାପଥର ପଚଂାୟତର ପାଣିଶିଆଳି ଠାରେ ୧୦ ଏକର ଜମି ପ୍ରଦାନ କରାଯାଇଛି । ଏଠାକୁ ରାସ୍ତା ନିର୍ମାଣ ପାଇଁ ୨୦୧୫ ମସିହାରେ ଆଏଇପି ଯୋଜନାରେ ଆସିଥିବା ୧୦ଲକ୍ଷ ଟଙ୍କା ମଧ୍ୟ ପଡିରହିଛି। ସେହି ସ୍ଥାନରେ କେନ୍ଦ୍ରୀୟବିଦ୍ୟାଳୟ ସ୍କୁଲ ଗୃହ ନିର୍ମାଣ ପାଇଁ ବିଦ୍ୟୁତ ଖୁଂଟ ସ୍ଥାନାନ୍ତର କରାଯିବା ସହିତ ପାନୀୟଜଳ ଯୋଗାଣ କରାଯିବା ପାଇଁ ବୋରୁଏଲ କରାଯାଇଛି। କେନ୍ଦ୍ରୀୟବିଦ୍ୟାଳୟର ସ୍କୁଲ ଗୃହ ନିର୍ମାଣ ବିଳମ୍ବ ହେଉଥିବାରୁ ବିଭିନ୍ନ ମହଲରେ ଚର୍ଚା ଯୋର ଧରିଛି। ତୁରନ୍ତ କେନ୍ଦ୍ର ସରକାର ଓ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ଜନସାଧାରଣରେ ଦାବି ହେଉଛି।

# ବିଭିନ୍ନ ଦାବି ନେଇ ଦର୍ଜି ଶ୍ରମିକ ସଭା

**ଖୋର୍ଦ୍ଧା :** ମହିଳା ହୁଅନ୍ତୁ ବା ପୁରୁଷ, ପୁଅ ହେଉ ବା ଝିଅ ସମସ୍ତ ପୋଷାକକୁ ଆକୃଷ୍ଟ କରି ତିଆରି କରିବାରେ ଦକ୍ଷତା ଦର୍ଜିମାନଙ୍କର। କିନ୍ତୁ ଶ୍ରମିକ ପରି ବହୁ ପରିଶ୍ରମ କରୁଥିଲେ ମଧ୍ୟ ଆଜି ସେମାନେ ଅବହେଳିତ। ଏ ଉପଲକ୍ଷେ ଦର୍ଜି ଶ୍ରମିକ ସଂଘ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଯାତ୍ରୀ ନିବାସ ଠାରେ ଏକ ସଭା ଅନୁଷ୍ଠିତହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଯୋଜନା ବୋର୍ଡ଼ ଅଧକ୍ଷ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ସମ୍ମାନୀତ ଅତିଥି ଭାବେ ରାଜ୍ୟ ଦର୍ଜି ଶ୍ରମିକ ସଭା ସମ୍ପାଦକ କୃଷ୍ଣ ଚନ୍ଦ୍ର ବିନ୍ଧାଣୀ ରନ୍ ଓ ଜିଲ୍ଲା ସଭାପତି ସେକ୍ ନିଜାମ ଉଦ୍ଦିନ ପ୍ରମୁଖ ଯୋଗ ଦେଇ କାମ କରୁଥିବା ଦର୍ଜିଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷ କରି ୧୦ ଗୋଟି ଦାବି ନେଇ ସରକାରଙ୍କ ଉଦ୍ଦେଶ୍ୟରେ ବିଧାୟକଙ୍କ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ। ସେଥିରେ ଦର୍ଜିମାନଙ୍କର ନାମ ସରକାରଙ୍କ ଦ୍ୱାରା ପଞ୍ଜିକୃତ କରାଯିବା ବିଭିନ୍ନ ସ୍କୁଲ ଓ ସରକାରୀ ବିଭାଗରେ କାମ କରୁଥିବା କର୍ମଚ଼ରୀଙ୍କର ପୋଷାକ ତିଆରି ନିମନ୍ତେ ବ୍ଲକ୍ ଜରିଆରେ ସେମାନଙ୍କୁ ଦିଆଯିବା ୬୦ ବର୍ଷ ପରେ କାମ କରୁଥିବା ଦର୍ଜିମାନଙ୍କୁ ପେନସନ୍ ଯୋଗାଇ ଦେବା ଅସୁସ୍ଥ ଦର୍ଜି ପରିବାରଙ୍କୁ ମାଗଣା ସ୍ୱାସ୍ଥ୍ୟ ଯୋଗାଇ ଦେବା ନିମନ୍ତେ ସ୍ୱାସ୍ଥ୍ୟ କାର୍ଡ଼ ଯୋଗାଇ ଦେବା କାମ କରୁଥିବା ଦର୍ଜିମାନଙ୍କର ପିଲାମାନଙ୍କୁ ଶିକ୍ଷା କ୍ଷେତ୍ରରେ ସହାୟକ ପ୍ରଦାନ କରିବା ଦର୍ଜିଙ୍କୁ ଚିହ୍ନଟ କରାଯାଇ କୁଶଳ ଓ ଅର୍ଦ୍ଧ କୁଶଳି ଭାବେ ସାଟିଫିକେଟ୍ ପ୍ରଦାନ କରିବା ପଞ୍ଚାୟତ ସ୍ତରରେ ତାଲିମ କେନ୍ଦ୍ର ପ୍ରତିଷ୍ଠା କରିବା ଓ ଝିଅବାହାଘର ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ ସମତେ ଦର୍ଜିମାନଙ୍କ ମୃତ୍ୟୁ କାଳିନ ସହାୟତା ରାଶି ପ୍ରଦାନ ନିମନ୍ତେ ଏକ ଦାବିପତ୍ର ଦିଆଯାଇଥିଲା। ସରକାରଙ୍କ ନିକଟରେ ଆଲୋଚନା କରି ବିଦ୍ଧିବଦ୍ଧ ପ୍ରଦକ୍ଷେପ ପାଇଁ ସ୍ଥାନୀୟ ବିଧାୟକ ପ୍ରତିଶୃତି ଦେଇଥିଲେ। ଏଥିରୁ ଜିଲ୍ଲାରୁ ପ୍ରାୟ ୪୦୦ ଦର୍ଜି କର୍ମଚ଼ରୀ ଯୋଗଦେଇଥିଲେ।

# ଜିଲ୍ଲାରେ ଧାନ ବିହନର କୃତ୍ରିମ ଅଭାବ

**ସୋନପୁର :** କୃଷି ପ୍ରଧାନ ସୁବର୍ଣ୍ଣପୁର ଜିଲାରେ ବର୍ତ୍ତମାନ ବିହନ ଧାନର ଏକ ପ୍ରକାର କୃତ୍ରିମ ଅଭାବ ଦେଖାଦେଇଛି । ଚଳିତ ବର୍ଷ ଚାଷୀ ରିହାତି ଦରରେ ସିଧାସଳଖ ପ୍ୟାକ୍ସ କିମ୍ୱା ଲାଇସେନ୍ସପ୍ରାପ୍ତ ଦେକାନୀଙ୍କ ଠାରୁ ବିହନ କ୍ରୟ କରିବାର ବ୍ୟବସ୍ଥା କରାଯାଇଥିବା ବେଳେ ସୁବର୍ଣ୍ଣପୁର ଜିଲାରେ ଥିବା ପ୍ୟାକ୍ସ ଗୁଡିକରେ ବିହନର ଅଭାବ୍ ଦର୍ଶାଉଥିବାରୁ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଫଳରେ ସମବାୟ ସଂସ୍ଥା ଗୁଡିକ ଚାଷୀଙ୍କ ଠାରୁ ଧାନ କିଣିବାକୁ ହଁ କରୁଛନ୍ତି, କିନ୍ତୁ ବିହନ ଧାନ ବିକିବାକୁ କାହିଁକି ନାଁ କହୁଛନ୍ତି ବୋଲି ଚାଷୀ ମହଲ ପ୍ରଶ୍ନ କରିଛନ୍ତି ।ଏକ ଅନୁସନ୍ଧାନରୁ ଜଣାଯାଇଛି ଯେ, ଗତ ବର୍ଷ ଜିଲାରେ ମୋଟ ୭୪୯୪.୮୦ କ୍ୱିଣ୍ଟାଲ ବିହନ ଧାନ ବିକ୍ରି ହୋଇଥିଲା । କିନ୍ତୁ କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୭୦୪୭.୨ କ୍ୱିଣ୍ଟାଲ ବିକ୍ରି ହୋଇସାରିଥିବା ବେଳେ ବିଜିଆର୍‌ଇଆଇ ଯୋଜନା ଅଧୀନରେ ଜିଲାର ଚାଷୀଙ୍କୁ ୫ ଶହ କ୍ୱିଣ୍ଟାଲ ଧାନ ଓ ବିହନ ଗ୍ରାମ ଯୋଜନା ଅଧୀନରେ ବିହନ ନିଗମ ଠାରୁ ୩୨୧.୪୦ କ୍ୱିଣ୍ଟାଲ ଧାନ ଏହି ପରି ମୋଟ ୭୮୬୮.୬ କ୍ୱିଣ୍ଟାଲ ଧାନ ଦିଆଯାଇସାରିଛି । ତେବେ ଏହି ଉଭୟ ବର୍ଷର ବିହନ ଧାନର ହିସାବ ଦେଖିଲେ ଚଳିତ ବର୍ଷ ୩୭୨.୮ କ୍ୱିଣ୍ଟାଲ ଅଧିକ ଧାନ ଚାଷୀଙ୍କୁ ବିଭିନ୍ନ ମାଧ୍ୟମରେ ଦିଆଯାଇ ସାରିଛି । ତେବେ ଏହା ସତ୍ତ୍ୱେ ମଧ୍ୟ ଚଳିତ ବର୍ଷ ଜିଲାର ସମସ୍ତ ବ୍ଲକ ଅଞ୍ଚଳରେ ବିହନର ଘୋର ଅଭାବ ଦେଖା ଦେଇଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି । ମିଳିଥିବା ଏକ ସୂଚନା ଅନୁଯାୟୀ ଜିଲାରେ ୯୦ରୁ ୧୨୦ ଦିନ ମଧ୍ୟରେ ଅମଳ ହେଉଥିବା ଖଣ୍ଡଗିରୀ,ସହଭାଗୀ, ନବିନ ଓ ମନ୍ଦାକିନୀ ଆଦି ସଅଳ କିସମ ଧାନ ୧୫ ଶହ କ୍ୱିଣ୍ଟାଲ ଆବଶ୍ୟକତା ରହିଥିବା ବେଳେ ୧୨୦ରୁ ୧୩୫ ଦିନ ମଧ୍ୟରେ ହେଉଥିବା ଲଲାଟ, ଏମ୍‌ଟି ୧୦୦୧, ଏମ୍‌ଟି ୧୦୧୦ ଆଦି ମଧ୍ୟମ କିସମ ଧାନ ୩୩୪୦ କ୍ୱିଣ୍ଟାଲ ଆବଶ୍ୟକତା ରହିଛି । କିନ୍ତୁ ୧୩୫ରୁ ୧୫୦ ଦିନ ମଧ୍ୟରେ ଅମଳ ହେଉଥିବା ସ୍ୱର୍ଣ୍ଣ ସବ୍-୧, ପୂଜା, ଏମ୍‌ଟିୟୁ ୭୦୨୯(ସ୍ୱର୍ଣ୍ଣ), ଶାରଳା, ପାଣିଧାନ, ପ୍ରତୀକ୍ଷା,ମୃଣାଳିନୀ ଆଦି ବିଳମ୍ବିତ କିସମ ଧାନ ୧୦ ହଜାର ୧୬୦ କ୍ୱିଣ୍ଟାଲର ଆବଶ୍ୟକତା ରହିଛି । କିନ୍ତୁ ବିହନ ନିଗମ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଜିଲାକୁ ସ୍ୱର୍ଣ୍ଣ ସବ୍-୧ କିସମ ଧାନ ୧୨୫୮.୨ କ୍ୱିଣ୍ଟାଲ ଯୋଗାଇ ଦିଆଯାଇଥିବା ବେଳେ ରାଣୀଧାନ ୧୬୦ କ୍ୱିଣ୍ଟାଲ, ପୂଜା ୧୧୬୦ କ୍ୱିଣ୍ଟାଲ, ପୂଜା ଏମଟିୟୁ ୧୦୧୦ ଧାନ ୧୩୨୨.୬୦ କ୍ୱିଣ୍ଟାଲ, ୧୦୦୧ ଧାନ ୯୬୪.୬ କ୍ୱିଣ୍ଟାଲ, ଏମଟିୟୁ ୭୦୨୯ ଧାନ ୧୪୮୮.୮ କ୍ୱିଣ୍ଟାଲ, ଲଲାଟ ୨୨୯.୨ କ୍ୱିଣ୍ଟାଲ, ଏମଟିୟୁ ୧୦୭୫ ଧାନ ୮୬.୨ କ୍ୱିଣ୍ଟାଲ, ଏମଟିୟୁ ୧୦୬୪ ଧାନ ୬୦ କ୍ୱିଣ୍ଟାଲ, ଆଇଆର୍-୬୪ ଧାନ ୭.୬ କ୍ୱିଣ୍ଟାଲ, ବିଆଇ-୫୨୦୪ ଧାନ ୧୨୦ କ୍ୱିଣ୍ଟାଲ, ଖଣ୍ଡଗିରୀ ୮୮ କ୍ୱିଣ୍ଟାଲ, ଡିଆରଆର୍-୪୯ କିସମ ଧାନ ୨ କ୍ୱିଣ୍ଟାଲ ସହ ଆଜି ଖଣ୍ଡଗିରୀ ୫୦ କ୍ୱିଣ୍ଟାଲ ଓ ଏମଟିୟୁ ୧୦୦୧ ଧାନ ୫୦ କ୍ୱିଣ୍ଟାଲ ଯୋଗାଇ ଦିଆଯାଇଛି । ଜିଲା କୃଷି ବିଭାଗ ପକ୍ଷରୁ ସିଧାସଳଖ ଚାଷୀଙ୍କୁ ବିହନ ବିକ୍ରି କରିବା ବ୍ୟବସ୍ଥା ସମ୍ପସର୍ଣ୍ଣ ବନ୍ଦ ଥିବା ବେଳେ ପୂର୍ବରୁ ସରକାରୀ ଲାଇସେନ୍ସ ପ୍ରାପ୍ତ ଦୋକାନରୁ ବିହନ ବିକ୍ର କରିବାର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ୩ ବର୍ଷ ହେଲା ରାଜ୍ୟ ବିହନ ନିଗମ ସିଧାସଳଖ ପ୍ୟାକ୍ସ କିମ୍ୱା ଲାଇସେନ୍ସ ପ୍ରାପ୍ତ ବିହନ ଦୋକାନକୁ ଧାନ ବିକ୍ରୀ ପାଇଁ ବ୍ୟବସ୍ଥା କରାଯାଇଛି। ଗତ ବର୍ଷ ଚାଷୀଙ୍କୁ ସିଧାସଳଖ ସୁବିଧା ସ୍ଥାନାନ୍ତର (ଡିବିଟି) ଯୋଜନା ମାଧମରେ ବିହନ ଧାନର ସମ୍ପସର୍ଣ୍ଣ ମୂଲ୍ୟ ପୈଠ କରିବା ପରେ ଚାଷୀଙ୍କୁ ଧାନ ବିହନ ମିଳୁଥିଲା ଓ ପରେ ସମ୍ପରକ୍ତ ଚାଷୀଙ୍କ ଆକାଉଣ୍ଟରେ ବିହନର ରିହାତି ମୂଲ୍ୟ ଜମା ହେଉଥିଲା । କିନ୍ତୁ ଚଳିତ ବର୍ଷ ଏହି ବ୍ୟବସ୍ଥା ନକରି ସିଧାସଳଖ ରିହାତି ଦରରେ ବିହନ ଧାନ ଏହି ସବୁ କେନ୍ଦ୍ର ଗୁଡିକରେ ଉପଲବ୍ଧ ହେଉଥିବାରୁ ଏହି ବର୍ଷ ଚାଷୀଙ୍କ ଭିଡ ଅଧିକ ହେଉଥିବା ଉପ କୃଷି ନିର୍ଦେଶକ ପ୍ରଶାନ୍ତ ଶତପଥି ପ୍ରକାଶ କରିଛନ୍ତି । କିନ୍ତୁ ଅନ୍ୟ ପକ୍ଷରେ ବର୍ତ୍ତମାନ ସୁଦ୍ଧା ଜିଲାର ମୋଟ ୬୪ ଟି ପ୍ୟାକ୍ସରୁ ମାତ୍ର ୨୫ଟି ପ୍ୟାକ୍ସ ବିହନ ଧାନ କ୍ରୟ ପାଇଁ ଆବଶ୍ୟକ ଟଙ୍କା ଜମା କରିଛନ୍ତି। ଏଥିରେ ବୀରମହାରାଜପୁର ବ୍ଲକର ୧୦, ସୋନପୁରର ୭, ତରଭାର ୫, ଉଲୁଣ୍ଡାର ୫ଟି ପ୍ୟାକ୍ସ ଟଙ୍କା ଜମା କରିଥିବା ବେଳେ ଡୁଙ୍ଗୁରି ।ଲି ଓ ବିନିକା ବ୍ଲକର ଗୋଟିଏ ବି ପ୍ୟାକ୍ସ ବିହନ ଧାନ ପାଇଁ ଟଙ୍କା ଜମା କରିନଥିବା ସୂଚନା ମିଳିଛି । କେବଳ ଡୁଙ୍ଗୁରିଲି ବ୍ଲକ ରାମପୁରର ଜଣେ ଲାଇସେନ୍ସପ୍ରାପ୍ତ ବିହନ ବିକ୍ରେତା ୫୪୭ କ୍ୱିଣ୍ଟାଲ ଧାନ କ୍ରୟ କରିଥିବା ସୂଚନା ମିଳିଛି । ଫଳରେ ଜିଲାର ବିଭିନ୍ନ ଅଞ୍ଚଳରେ ବର୍ତ୍ତମାନ ବିହନ ଧାନ ପାଇଁ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଦେଖାଯାଇଛି । ତେବେ ଏ ସମ୍ପକୟଙ୍କର ସୋନପୁରରେ ଥିବା ଓଡିଶା ବିହନ ନିଗମର ଭାରପ୍ରାପ୍ତ ଅଧିକାରୀ ଶିବ ପ୍ରସାଦ ଦାସଙ୍କୁ ପଚାରିବାରେ ବର୍ତ୍ତମାନ ବିହନ ନିଗମରେ ଖଣ୍ଡଗିରୀ, ୧୦୧୦ କିସମ ଧାନ ମହଜୁଦ ରହିବା ସହ ପୁଜା କିସମର ଅନ୍ୟ ଧାନ ଏମ୍‌ଟିୟୁ ୧୦୬୪, ବିଟି ୫୨୦୪ ଓ ରାଣୀଧାନ ରହିବା ସହ ସ୍ୱର୍ଣ୍ଣା ଧାନ କିସମର ସ୍ୱର୍ଣ୍ଣା ସବ୍-୧ କିସମ ଧାନ ମହଜୁଦ ରହିଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଜିଲାର ଅଧିକାଂଶ ପ୍ୟାକ୍ସ ବିହନ ଧାନ ପାଇଁ ଜମା ଟଙ୍କାର ଡ୍ରାଫ୍ଟ ଏହି ବିଭାଗ ପାଖରେ ଦାଖଲ କରିନାହାଁନ୍ତି । ସେମାନେ କେବଳ ସ୍ୱର୍ଣ୍ଣ ଓ ପୂଜା ଧାନ ଅଛିକି ବୋଲି ପଚାରି ନିର୍ଦିଷ୍ଟ କିସମ ଧାନ ନାହିଁ କହିଲେ ଆଉ ଏଠାକୁ ଆସୁନାହାଁନ୍ତି ବୋଲି ପ୍ରକାଶ କରିଛନ୍ତି । ତେବେ ଏ ସମ୍ପକୟଙ୍କର ସମବାୟ ବିଭାଗର ସହକାରୀ ନିବନ୍ଧକ ଅଧିକାରୀ ଭୀମସେନ ସାହୁଙ୍କୁ ଯୋଗାଯୋଗ କରିବାରୁ ଚାଷୀ ମାନଙ୍କ ମଧ୍ୟରେ କେବଳ ସ୍ୱର୍ଣ୍ଣ ଓ ପୂଜା ଧାନ ବିହନର ଚାହିଦା ରହିଛି । ତେଣୁ ବିହନ ନିଗମ ଏଭଳି କିସମ ଧାନ ନଥିବା ମନା କରିବାରୁ ପ୍ୟାକ୍ସ ଗୁଡିକ ଟଙ୍କା ଜମା କରିବାକୁ କୁଣ୍ଠାବୋଧ ପ୍ରକାଶ କରୁଛନ୍ତି । ଅନ୍ୟ ପକ୍ଷରେ ବିହନ ନିଗମରୁ ଧାନ କିଣିବା ପାଇଁ ପ୍ୟାକ୍ସ ମାନେ ମାସେ ହେଲା ଟଙ୍କା ଜମା କରିସାରିଛନ୍ତି। ଏପରିକି ବର୍ତ୍ତମାନ ସୁଦ୍ଧା ଜିଲାର ସମସ୍ତ ପ୍ୟାକ୍ସରୁ ୭୧ ଲକ୍ଷ ୨୩ ହଜାର ୭୮୦ ଟଙ୍କା ବିହନ ଧାନ ପାଇଁ ଜମା ହୋଇସାରିଛି । କିନ୍ତୁ ଆଜି ପର୍ଯ୍ୟନ୍ତ ମାତ୍ର ୧୯୩୦.୬୦ କ୍ୱିଣ୍ଟାଲ ଧାନ ପ୍ୟାକ୍ସ ମାନେ ବିହନନିଗମରୁ ପାଇଛନ୍ତି । ଏପରିକି ଚାଷୀଙ୍କୁ ବିକ୍ରି ପରେ ବଳକା ଧାନ ବିହନ ନିଗମ ନେବାକୁ ମନା କରୁଥିବାରୁ ଜିଲାର ପ୍ୟାକ୍ସ ଗୁଡିକ ଏଭଳି ପରିସ୍ଥିତିରେ ବିହନ ନିଗମ ଠାରୁ ଧାନ କ୍ରୟ କରିବାକୁ କୁଣ୍ଠା ପ୍ରକାଶ କରୁଥିବା ପ୍ରକାଶ କରିଛନ୍ତି। ତେଣୁ ଏଭଳି ପରିସ୍ଥିତିରେ ଜିଲାର ଚାଷୀ କରିବେ କ'ଣ କରିବେ, ତାକୁ ନେଇ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ଚାଷୀ ଚାହୁଁଥିବା ଧାନ କେବେ ଚାଷୀଙ୍କୁ ମିଳିବ ଆଉ କେବେ ସେମାନେ ଚାଷ କାର୍ଯ୍ୟ ଆରମ୍ଭ କରିବେ ତାକୁ ନେଇ ଚାଷୀ ମହଲ ଏବେ ଦ୍ୱନ୍ଦ୍ୱରେ ରହିଥିବା ଦେଖାଯାଇଛି । ତେଣୁ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଚାଷୀଙ୍କୁ ବିହନ ଯୋଗାଇ ଦେବାକୁ ଚାଷୀ ମହଲରେ ଦାବି ହେଉଛି ।

ଏକମାତ୍ର
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୦୯ - ୧୫ ଜୁଲାଇ, ୨୦୧୮



# ଅଘୋଷିତ ବିଜୁଳି କାଟ୍ ଲୋକେ ଅତିଷ୍ଠ

**କେନ୍ଦ୍ରାପଡ଼ା :** ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ଏବେ ଜିଲ୍ଲାବାସୀଙ୍କୁ ଅତିଷ୍ଠ କରିବାରେ ଲାଗିଛି। ବିଭିନ୍ନ ସମୟରେ ୧ ଘଣ୍ଟାରୁ ୨ଘଣ୍ଟା ଧରି ଧରି ବିଦ୍ୟୁତ କାଟ କରାଯାଉଛି। ଏଥି ଯୋଗୁଁ ସହର ତଥା ଜିଲ୍ଲାବାସୀ ଅନେକ ଅସୁବିଧାରେ ସମ୍ମୁଖିନ ହେବାର ଦେଖାଯାଉଛି। ଏବେ ବିଜୁଳି କାଟିବାର ଆବଶ୍ୟକତା ନଥିବା ବେଳେ ହୀରାକୁଦ ଜଳଭଣ୍ଡାରରେ ମଧ୍ୟ ପାଣିର ଅଭାବ ନାହିଁ। ସେହିପରି ଏବେ ରାଜ୍ୟରେ ବିଦ୍ୟୁତ ବଳକା ଅଛି ବୋଲି ବିଭାଗୀୟ ମନ୍ତ୍ରୀ କହୁଥିବା ବେଳେ ଏଭଳି ଅଘୋଷିତ ବିଦ୍ୟୁତ କାଟ ନେଇ ବିଭିନ୍ନ ସ୍ତରରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପର ପକ୍ଷେ ବୁଦ୍ଧିଜିବୀଗଣ କୁହନ୍ତି ଯେ- ଏବେ ବିଜୁଳି ସମସ୍ୟା ନଥିବା ସ୍ଥଳେ ବିଭାଗୀୟ ତଥା କତୃପକ୍ଷଙ୍କ ଏଭଳି କାର୍ଯ୍ୟ ନିନ୍ଦନୀୟ। ତେଣୁ ଜିଲ୍ଲା ପ୍ରଶାସନ ତଥା ଶକ୍ତି ଅଧିକାରୀ ଏଥିପ୍ରତି ଘୁରୁତ୍ୱ ଦେବା ଆବଶ୍ୟକ ହୋଇପଡିଛି।

# ଏସୀୟ କ୍ରୀଡ଼ା : ମହିଳା ହକି ଦଳରେ ୪ ଓଡ଼ିଆ



**ନୂଆଦିଲ୍ଲୀ/ଭୁବନେଶ୍ୱର :** ଆସନ୍ତା ଅଗଷ୍ଟ ୧୮ରୁ ଆରମ୍ଭ ହେବ ଇଣ୍ଡୋନେସିଆର ଜାକର୍ତ୍ତା ଓ ପାଲେମବାଙ୍ଗଠାରେ ୧୮ତମ ଏସୀୟ କ୍ରୀଡ଼ା। ଏଥିପାଇଁ ଗତ ଶୁକ୍ରବାର ହକି ଇଣ୍ଡିଆ ପକ୍ଷରୁ ୧୮ଜଣିଆ ମହିଳା ହକି ଦଳ ଘୋଷଣା କରାଯାଇଛି। ଜାତୀୟ ଦଳରେ ଓଡ଼ିଶାରୁ ଚାରିଜଣ ଖେଳାଳିଙ୍କୁ ସୁଯୋଗ ଦିଆଯାଇଛି। ଏମାନେ ହେଲେ ଦୀପଗ୍ରେସ ଏକ୍କା, ସୁନିତା ଲାକ୍ରା, ନମିତା ଟପ୍ପୋ ଓ ଲିଲିମା ମିଞ୍ଜ୍। ଚଳିତମାସ ୨୧ରୁ ଲଣ୍ଡନରେ ଖେଳାଯିବାକୁ ଥିବା ମହିଳା ବିଶ୍ୱକପ ହକି ଟୁର୍ଣ୍ଣାମେଣ୍ଟ ପାଇଁ ଘୋଷିତ ଭାରତୀୟ ଦଳରେ ଏହି ଚାରିଜଣ ଖେଳାଳି ମଧ୍ୟ ସ୍ଥାନ ପାଇଛନ୍ତି। ଅଭିଜ୍ଞ ଫରୱାର୍ଡ ରାଣୀ ରାମପାଲ ଦଳର ନେତୃତ୍ୱ ନେଉଥିବା ବେଳେ ଗୋଲରକ୍ଷକ ସବିତାଙ୍କ ଉପରେ ଉପଅଧିନାୟିକା ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ୍ ହେଲେ ଭାରତୀୟ ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିପାରିବେ। ଦ୍ୱିତୀୟ ଗୋଲରକ୍ଷକ ଭାବେ ସବିତାଙ୍କ ବ୍ୟତୀତ ରଜନୀ ଏତିମାର୍ପୁ ଦଳରେ ସ୍ଥାନ ପାଇଥିବା ବେଳେ ଦୀପଗ୍ରେସ ଏକ୍କା, ସୁନିତା ଲାକ୍ରା, ଦୀପିକାଙ୍କୁ ନେଇ ଭାରତୀୟ ରକ୍ଷଣଭାଗ ବେଶ ଶକ୍ତିଶାଳୀ। ମିଡ୍‌ଫିଲ୍ଡର ଭାବେ ପେନାଲଟି କର୍ଣ୍ଣର ସ୍ପେଶାଲିଷ୍ଟ ଗୁରଜିତ କୌରଙ୍କୁ ସହାୟତା କରିବେ ନମିତା ଟପ୍ପୋ, ଲିଲିମା ମିଞ୍ଜ, ମୋନିକା, ଉଦିତା, ନିକି ପ୍ରଧାନ ଓ ନେହା ଗୋଏଲ। ଦୁଇଶହ ଅନ୍ତର୍ଜାତୀକ ମ୍ୟାଚ୍ ଖେଳିସାରିଥିବା ଉଭୟ ରାଣୀ ରାମପାଲ ଓ ବନ୍ଦନା କାଟାରିଆ ଫରୱାର୍ଡ ଭାବେ ଦଳରେ ସ୍ଥାନ ପାଇଛନ୍ତି। ଯୁବ ଖେଳାଳି ଲାଲରେମ୍‌ସିଆମି, ନବନୀତ କୌର ଓ ନବ୍‌ଜ୍ୟୋତି କୌରଙ୍କୁ ମଧ୍ୟ ସୁଯୋଗ ପ୍ରଦାନ କରାଯାଇଛି। ଦଳରେ ଯୁବ ଅଭିଜ୍ଞ ଖେଳାଳିଙ୍କୁ ସାମିଲ କରାଯାଇଥିବାରୁ ଏସୀୟ କ୍ରୀଡ଼ାରେ ସେମାନେ ଉନ୍ନତ ପ୍ରଦର୍ଶନ କରିବେ ବୋଲି ମୁଖ୍ୟ ପ୍ରଶିକ୍ଷକ ବୋର୍ଡ ମାରିନ ଆଶାବ୍ୟକ୍ତ କରିଛନ୍ତି। ଏସୀୟ କ୍ରୀଡ଼ା ପୂର୍ବରୁ ଚଳିତମାସ ୨୧ରୁ ଲଣ୍ଡନରେ ମହିଳା ବିଶ୍ୱକପ ଆରମ୍ଭ ହେଉଛି। ତେଣୁ ବିଶ୍ୱକପରେ ଉନ୍ନତ ପ୍ରଦର୍ଶନ କରିପାରିଲେ ଏସୀୟ କ୍ରୀଡ଼ା ପାଇଁ ଦଳର ମନୋବଳ ବେଶ ଉର୍ଦ୍ଧ୍ୱଗାମୀ ହେବ ବୋଲି ମାରିନ କହିଛନ୍ତି।

## ବିମାନ ଗସ୍ତ ନେଇ ରାଜ୍ୟପାଳଙ୍କୁ ଚିଠି ପ୍ରସଙ୍ଗ

# ଦୁଃଖ ପ୍ରକାଶ କଲେ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର :** ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ବିମାନ ଓ ହେଲିକପ୍ଟର ଗସ୍ତ ଖର୍ଚ୍ଚକୁ ନେଇ ରାଜ୍ୟ ରାଜନୀତି ଜୋର ଧରିଥିବା ବେଳେ ମୁଖ୍ୟ ଶାସନ ସଚିବ ଏନେଇ ଲେଖାଯାଇଥିବା ଚିଠିକୁ ନେଇ ଦୁଃଖପ୍ରକାଶ କରିଛନ୍ତି। ସେ ରାଜଭବନ ଯାଇ ରାଜ୍ୟପାଳଙ୍କୁ ସାକ୍ଷାତ କରିଛନ୍ତି। ଚାର୍ଟାର୍ଡ ଫ୍ଲାଇଟ୍ ଗସ୍ତ ଖର୍ଚ୍ଚକୁ ନେଇ ସାଧାରଣ ପ୍ରଶାସନ ବିଭାଗ ତରଫରୁ ରାଜଭବନକୁ ଯେଉଁ ଢଙ୍ଗରେ ଚିଠି ଲେଖାଯାଇଥିଲା, ଏହା ଦୁଃଖର ବିଷୟ ବୋଲି ସେ ରାଜ୍ୟପାଳଙ୍କୁ ଜଣାଇଛନ୍ତି। ଏ ପ୍ରକାରର ଚିଠି ପ୍ରେରଣ ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ ମୁଖ୍ୟ ଶାସନ ସଚିବ ରାଜ୍ୟପାଳଙ୍କୁ ଜଣାଇଥିଲେ। ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କ ଚାର୍ଟାର୍ଡ ଫ୍ଲାଇଟ୍ ଗସ୍ତ ଖର୍ଚ୍ଚ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଛି ବୋଲି ସେ କହିଥିଲେ। ଏନେଇ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ୪୬ଲକ୍ଷ ୧୮ହଜାର ଟଙ୍କାର ବିମାନ ଉଡ଼ାକୁ ନେଇ ଦୁଇ ଦିନ ତଳେ ରାଜ୍ୟ ସରକାର ସ୍ପଷ୍ଟୀକରଣ ମାଗିଥିଲେ। ସାଧାରଣ ପ୍ରଶାସନ ବିଭାଗର ଉପସଚିବ ଇନ୍ଦିରା ବେହେରା ରାଜ୍ୟପାଳଙ୍କ ସ୍ୱତନ୍ତ୍ର ସଚିବଙ୍କୁ ଚିଠି ଲେଖି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଘରୋଇ ଜେଟ୍ ଏୟାରକ୍ରାଫ୍ଟରେ ଜୁନ୍ ୧୦ ତାରିଖରେ ଭୁବନେଶ୍ୱରରୁ ନୂଆଦିଲ୍ଲୀ ଯିବା ଓ ଜୁନ୍ ୧୩ତାରିଖରେ ଫେରିବା ବାବଦରେ ୪୧.୧୮ଲକ୍ଷ ଟଙ୍କା ଖର୍ଚ୍ଚ ଏବଂ ଜୁନ୍ ୧୦ରେ ନୂଆଦିଲ୍ଲୀରୁ ତାଙ୍କ ଗାଁ ସିର୍ସା ପର୍ଯ୍ୟନ୍ତ ହେଲିକପ୍ଟରରେ ଯିବାଆସିବା ପାଇଁ ୫ଲକ୍ଷ ଟଙ୍କାର ଖର୍ଚ୍ଚ ବାବଦରେ ୟୁଜର୍ସ ସାର୍ଟିଫିକେଟ୍ ଦାଖଲ କରିବାକୁ କହିଥିଲେ। ଏହା ବ୍ୟତୀତ ରାଜ୍ୟପାଳଙ୍କ ଉପଯୋଗ ପାଇଁ କେଉଁ ପରିସ୍ଥିତିରେ ନୂଆଦିଲ୍ଲୀରୁ ସିର୍ସା ପର୍ଯ୍ୟନ୍ତ ହେଲିକପ୍ଟର ଉଡ଼ାରେ ନିଆଗଲା ଓ କାହା ଅନୁମତିରେ ଏହା ହୋଇଥିଲା ତାହା ଜଣାଇବାକୁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ କୁହାଯାଇଥିଲା।

# ପ୍ରେସ ମିଡିଆରୁ ବୈଷାଖ ବହିଷ୍କୃତ



**ପାରାଦୀପ :** ସଂଘ ବିରୋଧି କାର୍ଯ୍ୟକଳାପ ପାଇଁ ପାରାଦୀପ ପ୍ରେସ ମିଡିଆର ଉପଦେଷ୍ଟା ଏନ୍.ଏମ୍.ବୈଷାଖ (ମିଟୁ)ଙ୍କୁ ପ୍ରାଥମିକ ସଭ୍ୟ ତଥା ଉପଦେଷ୍ଟା ପଦବୀରୁ ବହିଷ୍କୃତ କରାଯାଇଛି। ପାରାଦୀପ ପ୍ରେସ ମିଡିଆର ଏକ ପ୍ରେସ ଇସ୍ତାହାରରୁ ପ୍ରକାଶ ଯେ ଗତ ଜୁଲାଇ ମାସ ୪ତାରିଖ ବୁଧବାର ଦିନ ସଂଘର ଅନ୍ୟତମ ବରିଷ୍ଠ ଉପଦେଷ୍ଟା ଚିତ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସଂଘ କାର୍ଯ୍ୟାଳୟ ଠାରେ ଆୟୋଜିତ ସାଧାରଣ ବୈଠକରେ ଉପସ୍ଥିତ ସଭ୍ୟ ମାନଙ୍କ ମତାମତ ନିଆଯାଇ ସଂଘ ବିରୋଧି କାର୍ଯ୍ୟକଳାପ ପାଇଁ ଶ୍ରୀ ବୈଷାଖଙ୍କୁ ବିହିଷ୍କୃତ କରାଯାଇଥିବାର ପାରାଦୀପ ପ୍ରେସ ମିଡିଆ ତରଫରୁ ସୂଚନା ଦିଆଯାଇଛି। ଆଗାମୀ ଦିନରେ ସଂଘରେ ଶୃଙ୍ଖଳା ବଜାୟ ରଖିବାପାଇଁ ସଂଘର ସଭାପତି ବସନ୍ତ ସାହୁ ଓ ସାଧାରଣ ସଂମ୍ପାଦକ ବଟକୃଷ୍ଣ ଦାସ ନିବେଦନ କରିଛନ୍ତି।

# ସୁଜଳଙ୍କ ଅଭିନବ ଜନ୍ମଦିନ ପାଳନ



ବରଗଡ଼ : ଆଧୁନିକ ସମାଜରେ ପିଲାଙ୍କ ଜନ୍ମଦିନକୁ ଅତ୍ୟନ୍ତ ଧୁମ୍‌ଧାମରେ ପାଳନ କରାଯାଉଥିଲା ବେଳେ ବରଗଡ଼ର ସୁମନ୍ତ ଓ ମାନିନୀ ଆଚାର୍ଯ୍ୟଙ୍କ ନିଜ ପୁତ୍ର ସୁଜଳଙ୍କ ଜନ୍ମଦିନକୁ ଅଭିନବ ଢଙ୍ଗରେ ପାଳନ କରୁଛନ୍ତି। ବିଦ୍ୟାସାଗର ଏକାଡେମୀରେ ଦ୍ୱିତୀୟ ଶ୍ରେଣୀର ଛାତ୍ର ଥିବା ସୁଜଳଙ୍କ ପ୍ରଥମ ଜନ୍ମ ଦିନରୁ ତାଙ୍କ ପିତାମାତା ବୃକ୍ଷରୋପଣ କରି ଜନ୍ମଦିନ ପାଳନ କରି ସମାଜକୁ ଏକ ନୂଆ ବାର୍ତ୍ତା ଦେଉଛନ୍ତି। 'ବୃକ୍ଷ ହିଁ ଜୀବନ' ଏହି ଭାବଧାରା ନେଇ ପ୍ରତିବର୍ଷ ସୁମନ୍ତ ଓ ତାଙ୍କ ପତ୍ନୀ ପୁତ୍ରର ଜନ୍ମଦିନରେ ବିଭିନ୍ନ ସ୍ଥାନରେ ନୂତନ ଚାରା ରୋପଣ କରିବା ସହିତ ଏ ଦିଗରେ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିଥାନ୍ତି। ତାଙ୍କ ଭାଷାରେ ଶିଶୁଟିଏ ଯେମିତି ସମାଜର ଭବିଷ୍ୟତ ସେହିଭଳି ପ୍ରକୃତିର ସୁରକ୍ଷା କରାନଗଲେ ମଣିଷ ସମାଜ ଲୋପ ପାଇଯିବ। ତେଣୁ ଆଜିଠାରୁ ପ୍ରତ୍ୟେକ ସଚେତନ ବ୍ୟକ୍ତି ଏଦିଗରେ ନିଷ୍ଠାର ସହିତ କାର୍ଯ୍ୟକରିବା ଦରକାର।

# ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ, ପ୍ରଶାସନ ନିରବ

**କେନ୍ଦ୍ରାପଡ଼ା,(ଅନନ୍ତ ଗୋପାଳ ସାହୁ) :** ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏ ସମ୍ପର୍କରେ ପୂର୍ବରୁ ବାରମ୍ବାର ଗଣମାଧ୍ୟମରେ ପ୍ରକାଶିତ ହେଉଥିଲେ ହେଁ ସ୍ୱାସ୍ଥ୍ୟ ବିଭାଗ ତଥା ଜିଲ୍ଲା ପ୍ରଶାସନ କୌଣସି ଗୁରୁତ୍ୱ ଦେଉନାହାନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ରୋଗୀମାନେ ଉତ୍ତମ ଚିକିତ୍ସା ସେବା ପାଉନଥିବା ବେଳେ ଅଧିକାଂଶ ରୋଗୀ କଟକକୁ ସ୍ଥାନାନ୍ତରିତ ହୋଇଥାନ୍ତି। ସେହିପରି ଏଠାରେ ଥିବା ଦଲାଲ ମଧ୍ୟ ନିଜ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରୋଗୀମାନଙ୍କୁ ନକଟସ୍ଥ ନର୍ସିଂହୋମକୁ ପଠାଇ ଦେଉଥିବାର ବାରମ୍ବାର ଅଭିଯୋଗହୁଏ। ତେବେ ନର୍ଦ୍ଦିଷ୍ଟ କେତେକ ବ୍ୟକ୍ତି ଏଠି ଦଲାଲି କରୁଥିବା ବେଳେ ତାଙ୍କ ସହ ଯୋଡି ହୋଇଯାଇଛନ୍ତି କିଛି ଆଶାକର୍ମୀ। ସ୍ତ୍ରୀ ଓ ପ୍ରସୂତୀ ସେବାକ୍ଷେତ୍ରରେ ସହାୟୀକା ସାଜିଥିବା କେତେକ ଆଶାକର୍ମୀ। ଏହି ଆଶାମାନେ ନିଜସ୍ୱାର୍ଥ ପାଇଁ ରେଗୀଙ୍କୁ ସରକାରୀ ଡ଼ାକ୍ତଖାନାକୁ ଆଣିବା ପରିବର୍ତ୍ତେ ଘରେଇ ନର୍ସିଂହୋମକୁ ପହଂଚାଇବାରେ ସିଧାସଳଖ ସହଯୋଗ କରୁଛନ୍ତି। ସେହିପରି ଜିଲ୍ଲା ମୂଖ୍ୟ ଚିକିତ୍ସାଳୟର ପ୍ରସୂତି ବିଭାଗର କଥା କହିଲେ ନସରେ। ସୂଚନା ଯୋଗ୍ୟ-କିଛି ସପ୍ତାହ ପୂର୍ବେ ଜଣେ ମହିଳା ମେଡ଼ିକାଲକୁ ପ୍ରସବ ପାଇଁ ଆସିଥିବାବେଳେ ଜିଲ୍ଲା ମୁଖ୍ୟଚିକିତ୍ସାଳୟର ପ୍ରସୂତୀ ବିଭାଗରେ ଥିବା ଡ଼ାକ୍ତର କର୍ଣ୍ଣ ନାୟକ ସମୟ ହୋଇନି ଦଶଦିନ ପରେ ଆସ ବୋଲି କହି ମେଡ଼ିକାଲରୁ ଫେରାଇଦେଇଥିଲେ। ତେବେ ଉକ୍ତ ମହିଳା ଜଣକ ଘରେ ପହଞ୍ଚିବାର ଦୁଇଣ୍ଟାପରେ ଯାଆଁଳା ସନ୍ତାନ ଜନ୍ମ ଦେଇଥିଲେ। ଆଜିର ଦିନରେ ସରକାର ଗର୍ଭବତୀ ମହିଳାଙ୍କ ନମନ୍ତେ ବିଭିନ୍ନ ଯୋଜନା କରୁଥିବାବେଳେ ଇଶ୍ୱର ରୂପୀ ଡ଼ାକ୍ତରଙ୍କ ଏ ଭଳି କାର୍ଯ୍ୟ ଦୁଃଖ ଦାୟକ। ସେହିପରି କିଛି ଦିନ ପୂର୍ବେ ଆଉ ଜଣେ ଆଶାକର୍ମୀ ପ୍ରସବ କାଳିନ ଚିକିତ୍ସା ନିମନ୍ତେ ଜଣେ ମହିଳାଙ୍କୁ ସରକାରୀ ମୂଖ୍ୟ ଚିକିତ୍ସାଳୟକୁ ନେବାପରିବର୍ତ୍ତେ ଏକ ନର୍ସିଂ ହୋମରେ ପହଞ୍ଚାଇ ଥିଲେ। ତେବେ ପ୍ରସବପରେ ଉକ୍ତ ମହିଳାଙ୍କ ଅବସ୍ଥା ସଙ୍କଟପନ୍ନ ହୋଇପଡ଼ିଥିଲା। ଏହାପରେ ଉକ୍ତ ଆଶାକର୍ମୀ ସେଠାରୁ ଫେରାର ହୋଇଯାଇଥିଲେ। ଶେଷରେ ରୋଗୀଙ୍କୁ କଟକ ବଡଡ଼ାକ୍ତଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେହିପରି ଶିଶୁ ଅଦଳ ବଦଳ ଭଳି ଅଭିଯୋଗ ମଧ୍ୟ ଶୁଣିବାକୁ ମିଳିଛି। ଏଥି ସହିତ ଡାକ୍ତରଖାନାର ସମସ୍ୟା ମଧ ଅନେକ ରହିଛି। ଏଠି ଡାକ୍ତରଙ୍କ ଅଭାବ ରହୁଥିବା ବେଳେ କିଛି ଡାକ୍ତର ଉପସ୍ଥିତ ଥାଇ ମଧ ରୋଗୀଙ୍କୁ ଅଣଦେଖା କରୁଛନ୍ତି। ଏଭଳି ଅନେକ ସମସ୍ୟା ରହିଛି, ତେଣୁ ଏଥି ପ୍ରତି ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଦୃଷ୍ଟି ଦେବା ଆବଶ୍ୟକ ହୋଇ ପଡ଼ିଛି।

# ଦୁର୍ନୀତିଗ୍ରସ୍ତ ବିଦ୍ୟୁତ୍ କର୍ମଚାରୀଙ୍କ ପାଇଁ କ୍ଷେତରେ ପହଞ୍ଚୁନି ପାଣି

**ଦଶପଲ୍ଲା :** ରାଜ୍ୟ ସରକାରଙ୍କର ବିଦ୍ୟୁତ୍ ନିୟମ ଅନୁଯାୟୀ ଜନସାଧାରଣଙ୍କୁ ଉଚ୍ଚ କ୍ଷମତା ସମ୍ପନ୍ନ ଓ ଉପଯୁକ୍ତ ଭୋଲ୍ଟ ଯୋଗାଇ ଦେବା ବିଦ୍ୟୁତ୍ ବିଭାଗର ଦାୟିତ୍ୱ। ସରକାର ଫିଡ୍‌କୋ କମ୍ପାନୀକୁ ନୟାଗଡ ଜିଲ୍ଲାରେ ବିଦ୍ୟୁତ୍ ପରିଚାଳନା ଦାୟିତ୍ୱ ଦେଇଛନ୍ତି। ହେଲେ କିଛି ବଡ ବଡିଆ ବାବୁଙ୍କର ବିଦ୍ୟୁତ୍ ବିଭାଗ ସହିତ ମଧୁଚନ୍ଦ୍ରିକା ଯୋଗୁଁ ସାଧାରଣ ଉପଭୋକ୍ତା ହଇରାଣ ହେଉଥିବା ଜଣାପଡିଛି। କେଉଁଠି ଜୋରଜବରଦସ୍ତ ପ୍ରତ୍ୟେକ ମାସର ବିଜୁଳି ବିଲ୍ ଆଦାୟ କରାଯାଉଥିବା ବେଳେ ଆଉ କେଉଁଠି ମାସ ମାସ ଧରି ବିଲ୍ ଆଦାୟ କରାଯାଇପାରୁ ନାହିଁ। ବିଭିନ୍ନ ସ୍ଥାନରେ ହୁକିଙ୍ଗ ବ୍ୟବସ୍ଥାକୁ କଡାକଡି କରାଯାଇଛି ତ ଆଉ କେଉଁଠାରେ ବଣ୍ଟନ କମ୍ପାନୀ ପାଟି ଖୋଲୁନାହିଁ। କେଉଁଠି ଅଳ୍ପ ପଇସା ବାକିଥିଲେ ବିଦ୍ୟୁତ୍ କାଟି ଦିଆଯାଉଛି ତ କେଉଁଠି ଦିନ ଦ୍ୱିପ୍ରହରେ ହୁକ ପଡିଥିଲେ ମଧ ବିଭାଗ ସେଠାରେ କିଛି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏଭଳି ବ୍ୟବସ୍ଥାରେ ଚାଲିଛି ଦଶପଲ୍ଲା ବିଦ୍ୟୁତ୍ କାର୍ଯ୍ୟାଳୟ। ଘଟଣାରୁ ଜଣାଯାଏ ମଧଖଣ୍ଡ ହରିଜନ ସାହି(ମୁଣ୍ଡିଆ ସାହି)କୁ ଲାଗି ରହିଛି ଏକ ୨୫ କେ.ଭି କ୍ଷମତା ସମ୍ପନ୍ନ ଟ୍ରାନସଫର୍ମର ଯାହାକି ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ କେବଳ ଉଠା ଜଳସେଚନ କାର୍ଯ୍ୟରେ ବିନିଯୋଗ ହେବାପାଇଁ ସ୍ଥାପିତ ହୋଇଥିଲା। ଏହାଦ୍ୱାରା ସେହି ଅଞ୍ଚଳର ୧୦୦ରୁ ଅଧିକ ଚାଷୀ ଉପକୃତ ଏବଂ ୧୦୦ ଏକରରୁ ଅଧିକ ଜମିରେ ବର୍ଷତମାମ ଜଳସେଚନ ପାଇଁ ୫ କେଭିର ମୋଟର ବସାଯାଇଥିଲା। ମାତ୍ର ଅତ୍ୟନ୍ତ ପରିତାପର ବିଷୟ ଦୀର୍ଘବର୍ଷ ହେବ ହେବ ହାତୀପଶି ଏଲଆଇ ପଏଣ୍ଟ ଦ୍ୱାରା ଟୋପାଏ ହେଲେ ଜଳ ସେଚନ ହେବ ତ ଦୂରର କଥା ସେଠାରୁ ମୋଟର ଚୋରି ହୋଇଯାଇଛି। ପରେ ଗ୍ରାମବାସୀଙ୍କ ଦ୍ୱାରା ମୋଟର ଉଦ୍ଧାର କରାଯାଇ ଥିଲେ ସୁଦ୍ଧା ଏହା ଏବେ ଗାଁ ମୁଣ୍ଡରେ ପଡିରହିଛି। ଏ ସଂକ୍ରାନ୍ତରେ ଚାଷୀମାନେ ବାରମ୍ବାର ଦଶପଲ୍ଲା ଫିଡ୍‌କୋ କାର୍ଯ୍ୟାଳୟ, ସେସୁ କାର୍ଯ୍ୟାଳୟ, ନୟାଗଡ ଡିଭିଜନ କାର୍ଯ୍ୟାଳୟ, ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟକୁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ ନିରାଶ ହୋଇଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଇ-ମେଲ ଜରିଆରେ ଏ ସମ୍ପର୍କରେ ଜଣାଇ ଦିଆଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ଏଠାକାର ଋଷୀମାନେ ପାଣି ଟୋପାଏ ପାଇପାରି ନାହାନ୍ତି। ମାତ୍ର ଉକ୍ତ ଟ୍ରାନସଫର୍ମରରୁ ବେଆଇନ ଭାବେ ବହୁ ଲୋକଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି। ତେବେ ପ୍ରଶ୍ନ ଉଠୁଛି ଏଲଆଇ ପଏଣ୍ଟ ପାଇଁ ବସାଯାଇଥିବା ଟ୍ରାନସଫର୍ମରରୁ ଜନସାଧାରଣ ବିଦ୍ୟୁତ୍ ବ୍ୟବହାର କରିବା ପାଇଁ ବିଦ୍ୟୁତ୍ ବିଭାଗର୍ ନିୟମ ନଥିଲେ ମଧ ତାହା କିପରି ସମ୍ଭବ ହେଲା। ସୂଚନାଥାଉ କି, ଦଶପଲ୍ଲା ଫିଡ୍‌କୋ କାର୍ଯ୍ୟାଳୟର ଜନୈକ କର୍ମଚାରୀ ନିଜ ପକେଟ ଗରମ କରିବା ପାଇଁ ଜାଣିଶୁଣି ସେଠାରେ ଏଭଳି ବେନିୟମ କାର୍ଯ୍ୟ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଯାହାକି ଏହି ଅଞ୍ଚଳରେ ମନୁଷ୍ୟକୃତ ମରୁଡି ବିବେଚନା କରାଯାଉଛି। ତେଣୁ ଆଗାମୀ ଦିନରେ ଏଭଳି ଲାଞ୍ଚଖୋର କର୍ମଚାରୀଙ୍କୁ ହଟାଇ ଖୁବ୍‌ଶୀଘ୍ର ଏଲଆଇ ପଏଣ୍ଟକୁ କାର୍ଯ୍ୟକାରୀ କରିବାକୁ ଚାଷୀ ମହଲରେ ଦାବି ହେଉଛି।

# ବିନିକା ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥା ଶୋଚନୀୟ

**ବିନିକା :** ସୁବର୍ଣ୍ଣପୁର ଜିଲ୍ଲା ବିନିକା ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଭୁଶୁଡି ପଡିଛି। ସମାସ୍ୟାର ସମାଧାନ ପାଇଁ କେହି ବି ଦୃଷ୍ଟି ଦେଉନଥିବାରୁ ଦିନକୁ ଦିନ ଏଠାରେ ସ୍ୱାସ୍ଥ୍ୟସେବା ଜଟିଳ ହେବାରେ ଲାଗିଛି। ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ତ୍ତମାନ ସର୍ଜନ ଡାକ୍ତର ପ୍ରଭାସ ଚନ୍ଦ୍ର ପଧାନ ମେଡିକାଲ ଭାରପ୍ରାପ୍ତ ଅଫିସର ଭାବେ ଦାୟିତ୍ୱରେ ଅଛନ୍ତି। ଡ. ଦିଲ୍ଲୀପ କୁମାର ପାଣିଗ୍ରାହୀ ଆସିଷ୍ଟାଣ୍ଟ ସର୍ଜନ ଭାବେ ଚୁକ୍ତିଭିତ୍ତିରେ କାମ କରୁଛନ୍ତି। ଏଠାରେ ଦୀର୍ଘ ବର୍ଷ ହେବ ମେଡିସିନ, ଶିଶୁରୋଗ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ପଦବୀ ଖାଲିପଡ଼ିଛି। ସେହିପରି ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ମହାଦେବପାଲି, ଶଙ୍କରା ଓ ବାଙ୍କିଘିଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ମଧ ଡାକ୍ତର ପଦବୀ ଖାଲି ପଡ଼ିଛି। ବିନିକା ଡାକ୍ତରଖାନାରେ ମହିଳା ସୁରଭାଇଜର ପଦବୀ ୩ଟି ଥିବା ବେଳେ ତାହା ମଧ୍ୟ ପୂରଣ ହୋଇନାହିଁ ଜନ୍ମ ମୃତ୍ୟୁ ପଞ୍ଜୀକରଣର କିରାଣି ପଦବୀ ମଧ ଖାଲି। ଏହା ବ୍ୟତୀତ ଡାକ୍ତରଖାନାରେ ଜେନେରେଟର ବ୍ୟବସ୍ଥା, ଶବବାହକ ଗାଡ଼ି, ଅଲଟ୍ରାସାଉଣ୍ଡ ମେସିନ, ଏକ୍ସରେ ମେସିନ, ଆବଶ୍ୟକ କର୍ମଚାରୀ ପୂରଣ ଆଦି ବିଭିନ୍ନ ସମସ୍ୟା ନେଇ ଜନସାଧାରଣଙ୍କ ତରଫରୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ ପ୍ରଶାସନିକ ସ୍ତରରେ କିମ୍ବା ରାଜନେତା ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ରୋଗୀ ତଥା ସାଧାରଣରେ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।

# ପ୍ରତିଷ୍ଠା ହେବ ଭୁବନେଶ୍ୱର-ପ୍ୟାରିସ୍ ସାଂସ୍କୃତିକ ଡେସ୍କ



**ଭୁବନେଶ୍ୱର :** ଓଡ଼ିଶା ଓ ଫ୍ରାନ୍ସ ମଧ୍ୟରେ ସାଂସ୍କୃତିକ ବିନିମୟ ନିମନ୍ତେ ଖୁବ୍‌ଶୀଘ୍ର ଭୁବନେଶ୍ୱର-ପ୍ୟାରିସ୍ ସାଂସ୍କୃତିକ ଡେସ୍କ ପ୍ରତିଷ୍ଠା କରାଯିବ ବୋଲି ଭାରତରେ ଫ୍ରାନ୍ସ ଦୂତାବାସର ସହଯୋଗ ଓ ସାଂସ୍କୃତିକ ବ୍ୟାପାର ଉପଦେଷ୍ଟା ତଥା ଫ୍ରେଞ୍ଚ୍ ଇନ୍‌ଷ୍ଟିଚ୍ୟୁଟ୍ ଇନ୍ ଇଣ୍ଡିଆର ନିର୍ଦ୍ଦେଶକ ଡ. ବର୍ଟ୍ରାଣ୍ଡ ଡି ହାର୍ଟିଂ ପ୍ରକାଶ କରିଛନ୍ତି। ଏହି ଡେସ୍କ ଏକ ସମୟରେ ଭୁବନେଶ୍ୱର ଓ ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ଠାରେ କାର୍ଯ୍ୟକ୍ରମ ଆରମ୍ଭ କରିବ। ଭାରତସ୍ଥିତ ଫରାସୀ ଦୂତାବାସର ସହଯୋଗ ଓ ସାଂସ୍କୃତିକ ବ୍ୟାପାର ଉପଦେଷ୍ଟା ଡ. ହାର୍ଟିଂ ଓ ଅନ୍ୟାନ୍ୟ ପ୍ରତିନିଧିମାନେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀଙ୍କ ସହ ସଚିବାଳୟସ୍ଥିତ ପ୍ରକୋଷ୍ଠରେ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଓଡ଼ିଶାର ଐତିହ୍ୟ, ସାଂସ୍କୃତିକ ସମ୍ପଦ, ନୃତ୍ୟସଙ୍ଗୀତ, ଚାରୁକଳା ଓ ବୟନକଳା ଆଦିର ଅଧିକ ବିଶ୍ୱାଦୃତି ନିମନ୍ତେ କର୍ମଶାଳା, ବିନିମୟ କାର୍ଯ୍ୟକ୍ରମ, ସମାରୋହ ଆଦି ଆୟୋଜନ ଉପରେ ଗୁରୁତ୍ୱ ଦେବାକୁ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ଫ୍ରେଞ୍ଚ୍ ଇନ୍‌ଷ୍ଟିଚ୍ୟୁଟ୍ ଇନ୍ ଇଣ୍ଡିଆର ସାଂସ୍କୃତିକ ସଂଯୋଜକ ଆଲିସ୍ ବ୍ରୁନଟ୍, ଶୈଫାଲି ଜେଟ୍‌ଲି ସୁରୀ, ଏମିଲିଆ କାର୍ଟରଙ୍କ ସମେତ ବିଭାଗୀୟ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିଜୟ କୁମାର ନାୟକ, ରାଜ୍ୟ ସଂଗ୍ରହାଳୟ ଅଧୀକ୍ଷକ ଡ. ଜୟନ୍ତୀ ରଥ ଓ ଅଭିଲେଖାଗାର ଅଧୀକ୍ଷକ ସୁଚିସ୍ମିତା ମନ୍ତ୍ରୀ ଉପସ୍ଥିତ ଥିଲେ।

**PLOT FOR SALE@BHUBANESWAR**



Yellow Zone, 30ft wide Road
Mouza :
Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza :
Pandiapada



Contact Immediately :
8658607286 / 8917571455

# ଜମି ଜବରଦଖଲକାରୀଙ୍କୁ ମିଳିବ ମାଲିକାନା ସ୍ୱତ୍ୱ



**ଭୁବନେଶ୍ୱର :** କୌଣସି ସରକାରୀ ଜମି ଯଦି ଜବରଦଖଲରେ ରହିଥିବ ଓ ତାହା ଉପରେ କୌଣସି ଆପତ୍ତି ନଥିବ ତା'ହେଲେ ତାକୁ ନିୟମିତ କରାଯିବ। ଏନେଇ ଖୁବଶୀଘ୍ର ବିଧାନସଭାରେ ଏକ ବିଲ୍ ଆସିବ ଓ ଏବେ ଚିଠା ବିଲ୍ ପ୍ରସ୍ତୁତ ହେଉଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଛନ୍ତି। ଏକ ଉଚ୍ଚସ୍ତରୀୟ ବୈଠକ ପରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ଶ୍ରୀ ମହାନ୍ତି କହିଛନ୍ତି ଯେ, ଯଦି କୌଣସି ବ୍ୟକ୍ତି ସରକାରୀ ଜମିକୁ ଜବରଦଖଲ କରି ସେଠାରେ ଘର ନିର୍ମାଣ କରିଥିବେ ଓ ସମ୍ପୃକ୍ତ ଜାଗାକୁ ନେଇ କିଛି ଆପତ୍ତି ନଥିବ ତା'ହେଲେ ସେହି ଲୋକଙ୍କୁ ଉକ୍ତ ଜମିର ମାଲିକାନା ସତ୍ତ୍ୱ ପ୍ରଦାନ କରାଯିବ। ବୈଠକରେ ଏନେଇ କିଛି ଚୂଡ଼ାନ୍ତ ହୋଇନି ଓ ବୈଠକ ଅସମାପ୍ତ ରହିଛି ବୋଲି ମନ୍ତ୍ରୀ ଶ୍ରୀ ମହାନ୍ତି କହିଛନ୍ତି। ତେବେ ଜବରଦଖଲକାରୀଙ୍କ ପାଇଁ ସରକାରଙ୍କ ଏଭଳି ଗଳାବାଟକୁ ଉଭୟ କଂଗ୍ରେସ ଓ ବିଜେପି ଦୃଢ଼ ବିରୋଧ କରିଛନ୍ତି। ନିର୍ବାଚନକୁ ଆଖିରେ ରଖି ରାଜ୍ୟ ସରକାର ଏଭଳି ଗଳାବାଟ ବାହାର କରୁଛନ୍ତି ବୋଲି ଉଭୟ ଦଳ ଅଭିଯୋଗ କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କହିଛନ୍ତି ଯେ, ସରକାରୀ ଜମିକୁ ଜବରଦଖଲ କରି ରହିଥିବା ବ୍ୟକ୍ତିଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରାଯିବ ବୋଲି ପୂର୍ବତନ ରାଜସ୍ୱ ମନ୍ତ୍ରୀ ନିଜେ ବିଧାନସଭାରେ କହିଥିଲେ। ଏହା ସତ୍ତ୍ୱେ ଆପତ୍ତିବିହୀନ ଜବରଦଖଲ ସରକାରୀ ଜାଗାକୁ ନିୟମିତ କରିବା ପାଇଁ ସରକାର ପ୍ରୟାସ କରିବା ହେଉଛି ରାଜନୀତିକ ଉଦ୍ଦେଶ୍ୟ ପ୍ରଣୋଦିତ। କେବଳ ବଡ଼ବଡ଼ିଆଙ୍କୁ ଫାଇଦା ଦେବା ପାଇଁ ସରକାର ଏହି ବ୍ୟବସ୍ଥା କରିଛନ୍ତି। ସେହିପରି ବିଜେପି ମୁଖପାତ୍ର ପିତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ, ବିନାଶ କାଳେ ବିପରୀତ ବୁଦ୍ଧି। ଜଳ, ଖଣି ଖାଇବା ପରେ ଏବେ ସର୍ବସାଧାରଣଙ୍କ ଜମି ଉପରେ ସରକାର ନଜର ପକାଇଲେଣି। ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ଏକ ଆଇନ ରହିଛି। ସେହି ଆଇନ ଅନୁସାରେ କୌଣସି ବ୍ୟକ୍ତି ସରକାରୀ ଜମି ଉପରେ ଘର କଲେ, ସେମାନଙ୍କୁ ଉଚ୍ଛେଦ ପାଇଁ ପର୍ଯ୍ୟାପ୍ତ ବିଧିବ୍ୟବସ୍ଥା ରହିଛି। ଏହା ସତ୍ତ୍ୱେ ବେଆଇନ ଭାବେ ସରକାରୀ ଜମିକୁ ବାଣ୍ଟିଦେବା ଏକ ବଡ଼ ପାପ ବୋଲି ସେ କହିଛନ୍ତି।

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୂତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି